

ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍‌ଆରୋହୀ ଗୁରୁତର

**ରେଙ୍ଗାଲି,୩୧ା୭(ଡି.ଏନ.ଏ.):** ରେଙ୍ଗାଲି ଥାନା ଅଧୀନ ପଣ୍ଡଲୋଇଠାରେ ବୁଧବାର ରାସ୍ତା ଅତିକ୍ରମ କରୁଥିବା ଏକ ବାଇକ୍‌କୁ ଗୋଟିଏ କାର୍ ଧକ୍କା ଦେଇ ଓଲଟି ପଡ଼ିଛି। ବାଇକ୍‌ଆରୋହୀ ନରେନ୍ଦ୍ର ମେହେର(୨୫) ଏଥିରେ ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ବୁର୍ଲା ଭିମସାର ପଠାଯାଇଛି। ସେ ଶ୍ୟାମ ମେଟାଲିକ୍ସରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। କାର୍ ଚାଳକ ଫେରାର ହୋଇଯାଇଥିବା ବେଳେ ଅଭିଯୋଗ ପାଇବା ପରେ ରେଙ୍ଗାଲି ପୋଲିସ ଏକ ମାମଲା ରୁଜୁ କରିଛି।

### ଏସ୍‌ଡିଏମ୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୁଚିଣ୍ଡା,୩୧ା୭(ଡି.ଏନ.ଏ.):** କୁଚିଣ୍ଡା ଡାକ୍ତରଖାନାରେ କାର୍ଯ୍ୟରତ ଏସ୍‌ଡିଏମ୍‌ଓ ଡା. ଦୀପକ ନାଥଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଉପଖଣ୍ଡ ଡାକ୍ତରଖାନାର ଡାକ୍ତର, ନର୍ସ, କର୍ମଚାରୀମାନେ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ବିଦାୟ ଜଣାଇଥିଲେ। ଡାକ୍ତର ମନୋଜ ପଟେଲ, ସତ୍ୟପ୍ରକାଶ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏଠାରେ ନୂତନ ଭାବେ ଡାକ୍ତର କ୍ଷେତ୍ରମୋହନ କାଣ୍ଡଙ୍କୁ ଏସ୍‌ଡିଏମ୍ ଦାୟିତ୍ୱ ଦିଆଯାଇଛି।

### କୁଦଗୁଣ୍ଡେରପୁରରେ ଡାକଘର ଉଦ୍‌ଘାଟିତ

**ଚିପିଲିମା,୩୧ା୭(ଡି.ଏନ.ଏ.):** ଧନକଉଡ଼ା ବ୍ଲକ କୁଦଗୁଣ୍ଡେରପୁର ପଞ୍ଚାୟତରେ ବୁଧବାର ଏକ ଡାକଘର ଉଦ୍‌ଘାଟିତ ହୋଇଛି। ବିଭାଗୀୟ ଅଧିକାରୀ ରୁବି ଦାସ, ସରପଞ୍ଚ ସନ୍ତୋଷିନୀ ବାଗ, ସୁରେଶ ଚନ୍ଦ୍ର ରାଉତ, କମଳଲୋଚନ ସାହୁ, ଶାଖା ପୋଷ୍ଟମାଷ୍ଟର ଭବାନୀ ଶଙ୍କର ପ୍ରଧାନଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଖୃଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ବିଦାୟ

**ରେଙ୍ଗାଲି, ୩୧ା୭ (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଖୃଣ୍ଡାସ୍ଥିତ ବିପ୍ଲବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। ଏହି ଅବସରରେ ସ୍କୁଲରେ ବୁଧବାର ଅନୁଷ୍ଠିତ ସଭାରେ ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ଓଷ୍ଟା ସମ୍ପାଦକ ହରିନାରାୟଣ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଦ୍ମନାଭ ନାୟକ, ଖୃଣ୍ଡା ସମିତି ସଭ୍ୟା କମଳିନୀ ରାଏ, ଏନଏଲସି କମ୍ପାନୀ ଜିଏମ ଏସ. ସତ୍ୟମୂର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ। ଡ. ଗୌରୀ ଦାସ ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଠେଲକଲୋଇ ଉଚ୍ଚ ବିଦ୍ୟାଳୟ, ତିରୋପାଣି ଉଚ୍ଚ ବିଦ୍ୟାଳୟ, ନୂଆଁ ରମ୍ଭେଲା ଉଚ୍ଚ ବିଦ୍ୟାଳୟ, ରାମପୁର ଉଚ୍ଚ ବିଦ୍ୟାଳୟ, କିନାଲୋଇ ଉଚ୍ଚ ବିଦ୍ୟାଳୟ, ଭିଏସଏସ ପବ୍ଲିକ ସ୍କୁଲ, ରାଧାରମଣ ସେବା ସମିତି, ମାତୃଭୂମି ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଦାୟ ସମ୍ବର୍ଦ୍ଧନା ସଭା

**ପଡ଼ିଆବାହାଲ,୩୧ା୭(ଡି.ଏନ.ଏ.):** ପଡ଼ିଆବାହାଲ ନିକଟସ୍ଥ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଅବିନାଶ ଚନ୍ଦ୍ର ଶର୍ମା ସଭାପତିତ୍ୱ କରିଥିଲେ। ଜମନକିରା ବିଇଓ ସୁଷମା ନାୟକ, ପ୍ରଫୁଲ୍ଲ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ଖରସନମାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ଦୀପ ଅତିଥି ଭାବେ ଯୋଗ ଦେଇଥିଲେ।

# ଫସଲ ବୀମା କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ନାକଟିଦେଉଳ,୩୧ା୭(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ପଞ୍ଚାୟତର ଚାଷୀମାନଙ୍କୁ ୧୭-୧୮ ଖରିଫ ଋତୁରେ ମରୁଡ଼ି ଜନିତ ଫସଲ ବୀମା କ୍ଷତି ପୂରଣ ମିଳିନି। ଏଣୁ ବୁଧବାର ସମ୍ବଲପୁର ଜିଲାପାଳଙ୍କୁ ପଞ୍ଚାୟତର ଚାଷୀମାନଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୭-୧୮ ଖରିଫ ଚାଷରେ ସ୍ୱଳ୍ପ ବୃଷ୍ଟି ପାତ ହେତୁ ବ୍ଲକର ବଳମ ପଞ୍ଚାୟତର ସମସ୍ତ ଗ୍ରାମରେ ମରୁଡ଼ି ପରିସ୍ଥିତି ଦେଖା ଦେଇଥିଲା। ଏହାଦ୍ୱାରା ଚାଷୀମାନଙ୍କ ଧାନ ଉତ୍ପାଦନ କମ୍ ହୋଇଥିଲା। ଏପରିକି ରୋଗପୋକ ଲାଗି ଧାନ ଚାଷରେ ବହୁଳ ପରିମାଣରେ କ୍ଷତି ଘଟିଥିଲା । ଫନି ବାତ୍ୟାରେ ମଧ ଏହା ନଷ୍ଟ ହୋଇଥିଲା । ଏଥିପାଇଁ ସ୍ଥାନୀୟ କୃଷି, ରାଜସ୍ୱ ଏବଂ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସହ ସରଜମିନ ତଦନ୍ତ କରି ବଳମ ପଞ୍ଚାୟତରେ ମରୁଡ଼ି ହୋଇଥିବା ରିପୋର୍ଟରେ ଦର୍ଶାଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ବଳମ ପଞ୍ଚାୟତର ଚାଷୀମାନଙ୍କୁ ଫସଲ ବୀମା କ୍ଷତିପୂରଣ ଦିଆ ଯାଇନାହିଁ। ଏହି ପଞ୍ଚାୟତର ନିକଟସ୍ଥ ଗିରିଶ୍ଚନ୍ଦ୍ରପୁର ଏବଂ ସରାପାଲି ପଞ୍ଚାୟତକୁ ଫସଲ ବୀମା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବାରୁ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସମ୍ପୃକ୍ତ ବୀମା କମ୍ପାନୀ କେଉଁ ଆଧାରରେ ବଳମ ପଞ୍ଚାୟତର ଚାଷୀମାନଙ୍କୁ ଫସଲ କ୍ଷତି ପୂରଣ ବୀମା ଟଙ୍କା ପ୍ରଦାନ କରି ନାହିଁ ସେ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି । ତେଣୁ ବଳମ ପଞ୍ଚାୟତର ଚାଷୀମାନଙ୍କୁ ଶୀଘ୍ର ଫସଲ ବୀମା କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଜିଲାପାଳଙ୍କଠାରେ ଲିଖିତାକାରରେ ଦାବି କରିଛନ୍ତି । ଯଦି ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯାଏ ତାହା ହେଲେ ପଞ୍ଚାୟତର ଚାଷୀମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବଳମ ପଞ୍ଚାୟତର ମାଁ ମହାଲକ୍ଷ୍ମୀ କୃଷକ ସଂଗଠନର ସଭାପତି ହେମନ୍ତ କୁମାର ଧଳ, ସମ୍ପାଦକ ଧୀରେନ ବିଶ୍ୱାଳଙ୍କ ନେତୃତ୍ୱରେ ବଳମ ପଞ୍ଚାୟତର ସରପଞ୍ଚ ବୀରେନ କୁମାର ପ୍ରଧାନ,ଦୁଃଶାସନ ବେହେରା, ଶରତ ପ୍ରଧାନ, ଧୀରେନ୍ଦ୍ର ରାଉଳ, ଠାକୁର ଚରଣ ସ୍ୱାଇଁ ଏବଂ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ସାକ୍ଷାତ କରିପ୍ରଦାନ କରିଛନ୍ତି।



ଜିଲାପାଳଙ୍କୁ ଭେଟିବା ଅବସରରେ ବଳମ ପଞ୍ଚାୟତର ଚାଷୀ।

## ବିପଦପୂର୍ଣ୍ଣ ସ୍କୁଲ କୋଠାରେ ପାଠପଢ଼ା

**ଜମନକିରା, ୩୧ା୭(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କଟଙ୍ଗପାଣି ପଞ୍ଚାୟତ ସରେଇ ଗାଁରେ ଥିବା ଉଚ୍ଚ ପ୍ରାଥମିକ ସ୍କୁଲର କୋଠା ଶୋଚନୀୟ ହୋଇ ପଡ଼ିଛି। ତଥାପି ଏଥିରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ା ହେଉଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ, ସରପଞ୍ଚ, ପରିଚାଳନା କମିଟି ଏବଂ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ସମସ୍ୟାରେ ସୁଧାର ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଘରର ନିହ ଗୋଟିଏ ପଟ ଦବି ଯାଇଛି। କାନ୍ଥରେ ଫାଟ ସୃଷ୍ଟି ହେଇ ବିପଦ ସଂକୁଳ ଅବସ୍ଥାରରେ ରହିଛି। ସ୍କୁଲରେ ଏବେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପଢୁଛନ୍ତି। ସ୍କୁଲରେ ମୋଟ ୪ଟି କୋଠରି ଥିବା ବେଳେ ପ୍ରତ୍ୟେକ ଶ୍ରେଣୀରେ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ପରିଚାଳନା କମିଟି ଜରିଆରେ ସ୍ଥାନୀୟ ସରପଞ୍ଚ ତଥା ପଞ୍ଚାୟତକୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ ଅଧିକ ଅନୁଦାନ ନ ହେଲେ ସ୍କୁଲ କୋଠା ନିର୍ମାଣ କରିବା ସମ୍ଭବପର ନୁହେଁ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ କହିଛନ୍ତି। ତେଣୁ ସରପଞ୍ଚ ଚନ୍ଦ୍ରକାନ୍ତ ପଧାନଙ୍କ ନେତୃତ୍ୱରେ ପରିଚାଳନା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ବୁଧବାର ଏ ନେଇ ସ୍ଥାନୀୟ ବିଡ଼ିଓ ଏବଂ ଗୋଷ୍ଠ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ସ୍ୱାମୀ ଅଟକ

**ରେଙ୍ଗାଲି, ୩୧ା୭ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଲାରିପାଲି ଗ୍ରାମରେ ଗତ ମଙ୍ଗଳବାର ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ଲାରିପାଲି ଗ୍ରାମର ମାନଭଞ୍ଜନ ଦାସଙ୍କ ସ୍ତ୍ରୀ ଅଭିନିତା ଦାସ(୨୫) ପାରିବାରିକ କଳହରୁ ଆତ୍ମହତ୍ୟା କରିଥିଲେ। ଅଭିନିତାଙ୍କ ବାପା ଚାରମାଳର ଗୋବର୍ଦ୍ଧନ ଷଡ଼ଙ୍ଗୀଙ୍କ ଅଭିଯୋଗ ଅନୁସାରେ ୨୦୧୪ ମସିହାରେ ମାନଭଞ୍ଜନ ଏବଂ ଅଭିନିତାଙ୍କ ବିଭାଘର ହୋଇଥିଲା। ବାହାଘର ପରେ ମାନଭଞ୍ଜନଙ୍କ ପରିବାର ଲୋକେ ସୁନା, ବାଇକ ଆଦି ଯୌତୁକ ଦାବି କରି ଅଭିନିତାଙ୍କୁ ବାରମ୍ବାର ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏଥିପାଇଁ ବାରମ୍ବାର ପରିବାରରେ ଝଗଡ଼ା ଲାଗୁଥିଲା। ସମ୍ବଲପୁର ମହିଳା ଥାନା ଏବଂ ରେଙ୍ଗାଲି ଥାନାରେ ଏଥିପାଇଁ ଦୁଇଜଣଙ୍କ ମାଧରେ ଲେଖାପଢ଼ା କରାଯାଇ ଦୁଇଥର ବୁଝାମଣା ହୋଇଥିଲା। ପରିବାର ଲୋକେ ମଧ ବହୁବାର ଆପୋଷ ବୁଝାମଣା କରିଥିଲେ। ବୁଧବାର ଅଭିନିତାଙ୍କ ବାପା ରେଙ୍ଗାଲି ଥାନାରେ ଅଭିଯୋଗ କଲା ପରେ ରେଙ୍ଗାଲି ପୋଲିସ ଏକ ମାମଲା ରୁଜୁ କରି ଅଭିନିତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି।



ଟ୍ରେନ ଧକ୍କାରେ ଆହତ କୁକୁରର ଚିକିତ୍ସା କରୁଛନ୍ତି ଯୁବତୀ ଜଣକ।

## ଟ୍ରେନ୍ ଧକ୍କାରେ ଆହତ ବୁଲା କୁକୁରକୁ ବଞ୍ଚାଇଲେ ଯୁବତୀ

**ବାମରା,୩୧ା୭(ଡି.ଏନ.ଏ.)**

ବାମରା ପଶ୍ଚିମ ରେଳ ଫାଟକରେ ବୁଧବାର ସକାଳ ପ୍ରାୟ ୧୨ଟା ବେଳେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଟ୍ରେନ୍ ଯିବାକୁ ରେଳ ଫାଟକ ବନ୍ଦ ଥିଲା। ଏଣୁ ଫାଟକର ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ଏକ ଟ୍ରେନ ଅତିକ୍ରମ କରିବାବେଳେ ଗୋଟିଏ କୁକୁର ଧକ୍କା ଖାଇ ଛିଟିକି ପଡ଼ିଥିଲା। କୁକୁରଟିର ମୁହଁ ଓ ବେକରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ସମସ୍ତେ ସେଠାରେ ଦେଖୁଥିଲେ। ହେଲେ ସେଠାରେ ଛିଡ଼ା ହୋଇଥିବା ଜଣେ ଯୁବତୀ ନିଜ ସ୍କୁଟିରୁ ଓହ୍ଲାଇ କୁକୁରଟିକୁ ରାସ୍ତା କଡକୁ ଆଣି ରଖିଥିଲେ। ଏହାପରେ ତା' ପାଇଁ ଆବଶ୍ୟକ ଚିକିତ୍ସା ସାମଗ୍ରୀ କିଣି କ୍ଷତ ସ୍ଥାନକୁ ଡେଟଲରେ ସଫା କରି ମଲମ ଲଗାଇ ପଟି ବାନ୍ଧିଥିଲେ। ଏହି ଦୃଶ୍ୟ ସେଠାରେ ଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଯୁବତୀ ଜଣକୁ ପରିଚୟ ପଚାରିବାରୁ ସେ କହିବାକୁ ମନା କରିଦେଇଥିଲେ। ଅବଶ୍ୟ ପରେ ଜଣା ପଡିଥିଲା ଯେ, ସେ ଏକ ଘରୋଇ ବ୍ୟାଙ୍କର କର୍ମଚାରୀ। ତାଙ୍କ ନାଁ ସୁନନ୍ଦା କରାଳି । ଗୋଟିଏ ବୁଲା କୁକୁରକୁ ସହାୟତା କରି ଏତେ କମ୍ ବୟସର ଯୁବତୀ ଜଣକ ସେଠାରେ ଠିଆ ଥିବା ବଡ଼ବଡ଼ିଆଙ୍କ ପାଇଁ ମାନବିକତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଥିଲେ। ତେବେ ତାଙ୍କୁ କେତେକ ପରିହାସ କରିଥିବା ବେଳେ ଅନ୍ୟ କେତେକ ପ୍ରଶଂସା କରିଛନ୍ତି।

## ମାଲିପଡା ରାସ୍ତାରେ ଡ୍ରେନ୍ ପାଣି

**ସମ୍ବଲପୁର,୩୧ା୭ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଫାଟକ ମାଲିପଡା ରାସ୍ତାରେ ଡ୍ରେନ ପାଣି ବୋହୁଛି । ପଡାବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ କିଛି ସୁଫଳ ମିଳୁ ନାହିଁ। ନର୍ଦ୍ଦମା ପାଣି ରାସ୍ତା ଉପରେ ଜମି ରହିବାରୁ ପରିବେଶ ମଧ ପ୍ରଦୂଷିତ ହେଉଛି । ଡେଙ୍ଗୁ, ମ୍ୟାଲେରିଆ ପ୍ରଭୃତି ରୋଗ ହେବା ଆଶଙ୍କା ରହଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ କାର୍ଯ୍ୟ କରିବାକୁ ପଡାବାସୀ ଦାବି କରିଛନ୍ତି।

## ସହର ବୁଲି ସମସ୍ୟା ପରଖିଲେ ଜିଲାପାଳ

**ସମ୍ବଲପୁର,୩୧ା୭(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଶୁଭମ ସକସେନା ବୁଧବାର ଅପରାହ୍ନରେ ଅଚାନକ ଅଫିସରୁ ବାହାରି ସହରର ବିଭିନ୍ନ ପଡାକୁ ଯାଇ ସମସ୍ୟା ପରଖିଛନ୍ତି। ସେ ସରକାରୀ ବସଷ୍ଟାଣ୍ଡକୁ ଯାଇ ସେଠାରେ ରହିଥିବା ସମସ୍ୟା, ବସଷ୍ଟାଣ୍ଡ ପରିସରରେ ପାଣି ଜମିବା, ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ରାସ୍ତା ଘାଟ ସମସ୍ୟା ଦେଖିଥିଲେ। ଏହି ଅବସରରେ ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ନବୋଦୟ ବିଦ୍ୟାଳୟରେ କାର୍‌ଗିଲ ବିଜୟ ସପ୍ତାହ ପାଳିତ

**ଦେବଗଡ଼, ୩୧ା୭(ଡ଼ି.ଏନ.ଏ.)**

ସୁନାମୁଣ୍ଡା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟଠାରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଜୁଲାଇ ୩୧ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପି କାରଗିଲ୍ ବିଜୟ ସପ୍ତାହ ଦିବସ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦଙ୍କ ପୌରହିତରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଚିନ୍ମୟ କୁମାର ପ୍ରଧାନ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଜନସମ୍ପର୍କ ଅଧିକାରୀ ତଥା ବରିଷ୍ଠ ଓଡ଼ିଆ ଅଧାପକ ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ କାରଗିଲ ଯୁଦ୍ଧ ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଜୁଲାଇ ୨୭ରେ ଛାତ୍ରୀଛାତ୍ର ବୀରତ୍ୱ ସଙ୍ଗୀତ ଗାନ ସହିତ ବକ୍ତବ୍ୟ ରଖିଥିଲେ। ସେହିପରି କାରଗିଲ ଯୁଦ୍ଧ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାକୁ ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ,ପଲ୍ଲବୀ ପାଢ଼ୀ,ସତ୍ୟମ୍ ଖରେ ଏବଂ ଗ୍ରନ୍ଥାଗାର ଅଧକ୍ଷା ଗୌରୀ ନନ୍ଦିନୀ ବେହେରା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ଉଦୟଗିରି ଆଶ୍ରମ, ଦ୍ୱିତୀୟ ନୀଳଗିରି ଆଶ୍ରମ ଏବଂ ତୃତୀୟରେ ଶିବାଲିକ୍ ଆଶ୍ରମ ବିଜୟୀ ହୋଇଥିଲେ । ସେହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର ଦେଶପ୍ରେମୀ ହେବା ପାଇଁ ସଙ୍କଳ୍ପ ନେଇ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଉଦ୍‌ଯାପିତ ହୋଇଥିଲା ।




କାରଗିଲ୍ ବିଜୟ ସପ୍ତାହ ଦିବସ ବିଦ୍ୟାଳୟର ଛାତ୍ରୀଛାତ୍ର।

## ସ୍ୱଚ୍ଛ ଭାରତ ସମର ଇଣ୍ଟରଶିପ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଦେବଗଡ଼, ୩୧ା୭(ଡ଼ି.ଏନ୍.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର, ଦେବଗଡ଼ ଓ ଜ୍ୟୋତି ଯୁଥ୍ କ୍ଲବର ମିଳିତ ସହଯୋଗରେ ଚାଲିଥିବା ୧୦ରୁ ୩୧ ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ସମର ଇଣ୍ଟରଶିପ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଫେଇ, ଶୌଚାଳୟ ବ୍ୟବହାର ଉପରେ ସଚେତନତା,ପଲିଥିନ୍ ମୁକ୍ତ ପରିବେଶ,କମ୍ପୋଷ୍ଟ ମାଧମରେ ଜୈବିକ ଖତ ପ୍ରସ୍ତୁତି,ବୃକ୍ଷ ରୋପଣ, ରାସ୍ତା ପାର୍ଶ୍ୱରେ ଡ୍ରେନ୍ ସଫେଇ ଓ ହାତଧୁଆ କାର୍ଯ୍ୟକ୍ରମ ଇତ୍ୟାଦି କରାଯାଇଥିଲା। କ୍ଲବର ସଭପତି ଜନ୍ମେଜୟ ସାହୁ ଓ ସମ୍ପାଦକ ତ୍ରିଲୋଚନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ନିଜ ଗ୍ରାମକୁ ସଫାସୁତୁରା ରଖିବାକୁ କ୍ଲବର ସଦସ୍ୟମାନେ ସଂକଳ୍ପ ବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ କେଶବ ଚନ୍ଦ୍ର ସାହୁ, ପୂର୍ବତନ ସମ୍ପାଦକ ଦ୍ୱିଜରାଜ ଧଳ, ଉପସଭାପତି ସୁଜିତ୍ ଛତ୍ରିୟା, ନିରଞ୍ଜନ ପାତ୍ର, ପିଂଟୁ ମହାକୁଳ, ଦୁଷ୍ମନ୍ତ ସାହୁ, ନରେନ୍ଦ୍ର ସାହୁ, ମଦନ ସାହୁ, ବ୍ରଜମୋହନ ପାତ୍ର, ତ୍ରିଲୋଚନ ବେହେରା, ମଧୁସୁଦନ ଧଳ, ଜିତେନ୍ ନାୟକ କ୍ଲବର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।




ସଫେଇ କରାଯାଉଛି ।

## ନାରୀବନ୍ଦୀ ନିକେତନରେ ପାଠ୍ୟ ପୁସ୍ତକ ବଣ୍ଟନ

**ସମ୍ବଲପୁର, ୩୧ା୭ (ବ୍ୟୁରୋ)**

ନାରୀବନ୍ଦୀ ନିକେତନରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଯାଇଛି । କଟକ ଆଠଗଡର ସୋସିଆଲ ୱେଲଫେୟାର ସର୍ଭିସ ପକ୍ଷରୁ ନାରୀବନ୍ଦୀ ନିକେତନର ୧୨ଜଣ ବନ୍ଦିନୀଙ୍କ ପୁଅ ଝିଅଙ୍କ ପାଇଁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଛି। ନାରୀବନ୍ଦୀ ନିକେତନ ଅଧିକ୍ଷିକା ରୁନିବାଳା ଦେଇଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ବନ୍ଦିନୀଙ୍କ ପୁଅ ଝିଅ କିପରି ଉଚ୍ଚତର ଶିକ୍ଷା ଗ୍ରହଣ କରିବେ ସେ ଦିଗରେ ମଧ ଆଲୋଚନା କରାଯାଇଛି ।



ସମ୍ବଲପୁର ନାରୀବନ୍ଦୀ ନିକେତନରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି।

## ଫଟୋରେ ଖବର








ବୁଧବାର ସମ୍ବଲପୁର ଧୁଙ୍ଗୁରାପଡା ଛକ ଅଞ୍ଚଳ ଅବସ୍ଥା ଶୋଚନୀୟ ହୋଇପଡିଛି(ବାମ) । ସମ୍ବଲପୁର ଯୁଯୁମୁରାରେ ବୁଧବାର ରେଳ ଫାଟକ ପଡିଥିବାରୁ ସମ୍ବଲପୁର ଅଭିମୁଖେ ରୋଗୀ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ଅଟକି ରହିଛି(ମଝି) । ସମ୍ବଲପୁର ଠେମରାର ଗରିବ ଯୁବକ ସମୀର ନାଥ ଭୟାନକ ମୋଟର ନ୍ୟୁରୋନ ସ୍ନାୟବିକ ରୋଗରେ ଆକ୍ରାନ୍ତ ହୋଇ ବୁଧବାର ଭିମ୍‌ସାରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।

- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ସେବାଶ୍ରମ ସ୍କୁଲ ପରିଦର୍ଶନ କଲେ ବିଡିଓ

ସମ୍ବଲପୁର,୩୧।୭(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକରେ ଥିବା ସେବାଶ୍ରମ ସ୍କୁଲ ଓ ଆଦିବାସୀ ହଷ୍ଟେଲ ଗୁଡିକ ପରିଦର୍ଶନ କରିଛନ୍ତି ମାନେଶ୍ୱର ବିଡିଓ ଶୁଭଶ୍ରୀ ତ୍ରିପାଠୀ । ଭୋଇପାଲି, ତବଲା, ପରମାଣପୁର,ମୁରା, ଖୁଲିଆ ପ୍ରଭୃତି ସ୍କୁଲ ଗୁଡିକ ଯାଇଥିଲେ। ସ୍କୁଲ ପରିସରରେ ଥିବା ପାଇଖାନା, ରୋଷେଇ ଘର, ହଷ୍ଟେଲ କୋଠା ଦେଖିଥିଲେ । ଏହା ସହ ଷ୍ଟୋର ଗୁଡିକ ଯାଞ୍ଚ କରିଥିଲେ । ହେଲେ ମୁରା ସ୍କୁଲରେ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହିଥିବାରୁ ଷ୍ଟୋର ଘର ଯାଞ୍ଚ ହୋଇ ପାରି ନ ଥିଲା । ସେହିପରି ତବଲା ସ୍କୁଲରେ ମଧ୍ୟାହ୍ନ ଭୋଜନ ନିମ୍ନମାନର ଦିଆଯାଉଥିବା ଜଣାପଡିଥିଲା । ଏହାର ରିପୋର୍ଟ ଉଚ୍ଚପଦାଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ବିଡିଓ ତ୍ରିପାଠୀ ସୂଚନା ଦେଇଛନ୍ତି ।

### ବାଳିକା ବିଦ୍ୟାଳୟରେ ରଫିଙ୍କ ପୁଣ୍ୟତିଥି

ସମ୍ବଲପୁର,୩୧।୭ (ବ୍ୟୁରୋ) କ୍ଷେତରାଜପୁର ବାଳିକା ବିଦ୍ୟାଳୟଠାରେ ବୁଧବାର ମହମ୍ମଦ ରଫିଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ ଟି.ଏସ. ମଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ଅଧକ୍ଷ ସନ୍ତୋଷ କୁମାର ହୋତା, ଉପାଧ୍ୟକ୍ଷ ବିପିନ କୁମାର ସିଂ, ରାଜେଶ କୁମାର ପାଣ୍ଡେ, ସଂଗୀତା ପାଣିଗ୍ରାହୀ, ଅନିତା ମହାପାତ୍ର, ସୋମ୍ୟା ପ୍ରିୟମ୍ବଦା, ଗୀତାଞ୍ଜଳି ମହାରଣା, ମୋମିତା ବିଶ୍ୱାସ, ଅନୁପ ସିଂ, ବିଶ୍ୱରଞ୍ଜନ ମୋନା ପ୍ରମୁଖ ରଫିଙ୍କ ସଂଗୀତ ଗାନ କରିଥିଲେ।

### ଫସଲ ବୀମା ପ୍ରିମିୟମ ଦାଖଲ ତାରିଖ ବୃଦ୍ଧି ଦାବି

ସମ୍ବଲପୁର,୩୧।୭(ବ୍ୟୁରୋ): ସମ୍ବଲପୁର ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ପ୍ରିମିୟମ ଦାଖଲ ସମୟ ବୃଦ୍ଧି କରାଯାଉ ବୋଲି ଜିଲା ଭାଜପା ପକ୍ଷରୁ ଦାବି କରାଯାଇଛି । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଦଳ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଚଳିତ ବର୍ଷ ଅନେକ ସମୟରେ ବିଜୁଳି କାଟ ହୋଇଛି। ବ୍ୟାଙ୍କ ଗୁଡିକରେ ଲିଙ୍କ୍ ଫେଲ୍ ରହିଛି। ଚାଷୀଙ୍କ ଆର୍ଥିକ ସମସ୍ୟା ରହିଥିଲା। ବ୍ୟାଙ୍କରେ କର୍ମଚାରୀ ଅଭାବ ଭଳି ସମସ୍ୟା ଥିବାରୁ ଅନେକ ଚାଷୀ ବୀମା କରିବାରୁ ବଞ୍ଚିତ ହୋଇଛନ୍ତି । ଚଳିତ ବର୍ଷ ପାଣି ପାଗ ଅନୁସାରେ ଫସଲ ନଷ୍ଟ ହେବାର ଆଶଙ୍କା ଅଧିକ ରହିଛି । ତେଣୁ ଜୁଲାଇ ୩୧ ତାରିଖ ସମୟ ସୀମାକୁ ବୃଦ୍ଧି କରି ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ଦାବି ରହିଛି।

# ଜିଲାପାଳଙ୍କ ଅଫିସ ଘେରାଉ

- ଧୋବିଯୋର ନାଳାର ଖର୍ଚ୍ଚ ସାର୍ବଜନୀନ ହେଉ
- ସ୍ୱେରେଜ ବୋର୍ଡ କାମର ତଦନ୍ତ କରାଯାଉ
- ଫ୍ଲାଏ ଓଭର ବ୍ରିଜ୍ କାମ ଶୀଘ୍ର ସମ୍ପୂର୍ଣ୍ଣ ହେଉ

ସମ୍ବଲପୁର,୩୧।୭(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ଏକ ପ୍ରକାର କୋମାକୁ ଚାଲି ଯାଇଛି । ସହର ଭିତରେ ବିଭିନ୍ନ ସମସ୍ୟା ରହିଛି। ହେଲେ ସମାଧାନ ପାଇଁ ପ୍ରଶାସନ ଗୁରୁତ୍ୱ ଦେଉ ନାହିଁ। ସହର ଭିତରେ ଉନ୍ନୟନମୂଳକ କାମ କରିବା ବାହାନାରେ ଦୁର୍ନୀତି କରାଯାଉଛି । ଧୋବିଯୋର ନାଳା, ଫ୍ଲାଏ ଓଭର, ସ୍ୱେରେଜ ପ୍ରକଳ୍ପ ସହରବାସୀଙ୍କ ଦୁଃଖ ବଢାଇ ଦେଇଛି । ବର୍ଷ ବର୍ଷ ଧରି କାମ ଚାଲିଛି, ହେଲେ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ଫ୍ଲାଏ ଓଭର ବ୍ରିଜ କାମ ଅବଧି ଶେଷ ହୋଇଛି, ହେଲେ କାମ ବାକି ରହିଛି । ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାମ ସରିନାହିଁ । ସେହପରି ସ୍ୱେରେଜ ପ୍ରକଳ୍ପ ପାଇଁ ରାସ୍ତା ଗୁଡିକ ଖୋଳି ଦିଆଯାଇଛି । ହେଲେ ମରାମତି କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ଅବହେଳା କରିବା ଯୋଗୁଁ ପ୍ରକଳ୍ପ କାମ ଆଗେଇ ପାରୁନାହିଁ । ୨୦୧୬ରେ ଧୋବିଯୋର




ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି।

ନାଳାରେ ପୁନରୁଦ୍ଧାର ଓ ପ୍ରଶସ୍ତୀକରଣ ପାଇଁ ୬୯ କୋଟି ଟଙ୍କା ଅନୁଦାନ ଆସିଥିଲା । ହେଲେ ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି। ପ୍ରକଳ୍ପ କାମ ଶୀଘ୍ର ସାରି ଟଙ୍କା ହେରଫେର ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ। ଏହି ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚ ସାର୍ବଜନୀନ କରାଯାଉ। ବୁଧବାର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ଅବସରରେ ଦଳୀୟ କର୍ମକର୍ତ୍ତା ଏହି ସବୁ ଦାବି ଓ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅଘୋଷିତ ଭାବେ ବିଦ୍ୟୁତ୍ କାଟ୍ କରାଯାଉଛି। ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ଅଭିଯୋଗ କଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି । ପିଲାମାନେ ପାଠ ପଢିବାରେ ସମସ୍ୟା ଭୋଗୁଛନ୍ତି । ସହରରେ ଥିବା ଏହି ସମସ୍ୟା ଗୁଡିକ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କାଯାଇଛି। ଜିଲା କଂଗ୍ରେସ ଅଫିସରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚି ଥିଲା। ସେଠାରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାକୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ସମସ୍ୟା ଉପରେ ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ସୁତାପା ମିତ୍ର, ଆଶୁତୋଷ ସ୍ୱାଇଁ, ପ୍ରଶାନ୍ତ ସାହୁ, ବିଜୟ ଭୂୟାଁ, ନିରଞ୍ଜନ ତ୍ରିପାଠୀ, ବିଜୟଲକ୍ଷ୍ମୀ ବେହେରା, ପିଣ୍ଟୁ ପ୍ରଧାନ, ମୋହନ ବେହେରା, ପ୍ରେମ ପ୍ରକାଶ ସାହାଣୀ, ଆଶୋକ ଦାନୀ, ସରୋଜ ପଟ୍ଟନାୟକ, ରତ୍ନାକର ରାଉତ, ଶିବବ୍ରତ ପ୍ରଧାନ, ଶେଖ ହସିମ, ମୋହନ ସା, ପ୍ଲାବନ ବହିଦାର, ଲକ୍ଷ୍ମୀ ଯାଦବ, ସଲାମ ୟାସିମ, ରେଣୁ କରିମ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଆକାଶବାଣୀ ରିକ୍ରିଏସନ କ୍ଲବର ବୈଠକ

ସମ୍ବଲପୁର, ୩୧।୭ (ବ୍ୟୁରୋ)

ଆକାଶବାଣୀ ସମ୍ବଲପୁର ରିକ୍ରିଏସନ୍ କ୍ଲବର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ମୁଖ୍ୟ ଏମ୍ଆରକେ ରାଓଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସମ୍ବଲପୁର ଦୂରଦର୍ଶନ ଓ ଆକାଶବାଣୀର ଯାନ୍ତ୍ରିକ ମୁଖ୍ୟ ମୋହନ କୃଷ୍ଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ଜୟରାମ ମୁଣ୍ଡା, କାର୍ଯ୍ୟକ୍ରମ ନିଷ୍ପାଦକ ମନୋଜ ପୂଜାରୀ ଓ ସନ୍ତୋଷ ପିଙ୍ଗ ସଭାରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଗଗନ ବିହାରୀ କାଲୋଙ୍କୁ ଶୃଙ୍ଖଳିତ ଜୀବନ ଓ ସରକାରୀ କାର୍ଯ୍ୟରେ ତାଙ୍କର ନିଷ୍ଠା ଯୋଗୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀ ରିକ୍ରିଏସନ୍ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସଭା ପରିଚାଳନା କରିଥିଲେ। କେନ୍ଦ୍ରର ପ୍ରଶାସନ ବିଭାଗର ଜଗନ୍ନାଥ କୁଅଁର ଆସନ୍ତା ୧୦ବର୍ଷ ବେଳକୁ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଭବିଷ୍ୟତ ରୂପରେଖ ନେଇ ମତ ରଖିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ବୁଧବାର ସମ୍ବଲପୁର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

ସମ୍ବଲପୁର,୩୧।୭(ବ୍ୟୁରୋ)

ସମ୍ବଲପୁର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ବୁଧବାର ସମ୍ବଲପୁର ବୁଢ଼ାରାଜା ସରକାରୀ ନୋଡାଲ ହାଇସ୍କୁଲ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଧମା ମଥୁରା ପ୍ରସାଦ ହାଇସ୍କୁଲ ଛାତ୍ର ମହେଶ ହରିପାଲ ଶ୍ରେଷ୍ଠ ଅଭିନେତା, କେନା ଢ଼ିପା ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଅନିଷ୍ଟା ନାଏକ ଶ୍ରେଷ୍ଠ ଅଭିନେତ୍ରୀ ଓ ରାମକୃଷ୍ଣ ରଥ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ବିଦେଶୀ ସାହୁ ଶ୍ରେଷ୍ଠ ନାଟ୍ୟ ସଂଳାପ ଭାବେ ପୁରସ୍କୃତ ହୋଇଛନ୍ତି । ସେହିପରି ଗୋଟିଏ ନଦୀର କଥା ପ୍ରଥମ, ସତ୍ୟର ସନ୍ଧାନ ଦ୍ୱିତୀୟ ଓ ସୋଚ ତୃତୀୟ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛି। ବୁଢ଼ାରଜା ସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ ଓ ଶିକ୍ଷାବିତ ଉଦିତ ଚନ୍ଦ୍ର ପାଟ୍ଟଯୋଷୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ଡ. ଦ୍ୱାରକାନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ନରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଫକିର ପ୍ରଧାନ ଓ ବୁଢ଼ାରଜା ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାପକାମୁଡ଼ାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ରେଢାଖୋଲ.୩୧।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧୀନ ବଣିଆବନ୍ଧ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସନ୍ତୋଷିନୀ ମୁଣ୍ଡା (୨୪)। ତାଙ୍କ ସ୍ୱାମୀ ଉମେଶ ମୁଣ୍ଡା (୩୪) ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟ ସ୍ୱାମୀ, ସ୍ତ୍ରୀ ତାଙ୍କ ୨ ପିଲାଙ୍କ ସହିତ ଘରେ ଶୋଇଥିବା ବେଳେ ବୁଧବାର ଭୋରରୁ ସାପ କାମୁଡ ଥିଲା। ପରିବାର ଲୋକେ ଉଭୟଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷିନୀ ଙ୍କ ମୃତ୍ୟୁ ଘଟି ଥିବା ବେଳେ ଉମେଶଙ୍କ ଅବସ୍ଥା ଗୁରୁତର ରହିଛି।

## ବସିଆପଡ଼ା–ବର୍ଗେଟିକ୍ରା ରାସ୍ତା ମରାମତି ଦାବି



ଯୁଯୁମୁରା ବ୍ଲକ ବସିଆପଡା–ବର୍ଗେଟିକ୍ରା ରାସ୍ତା ।

ସମ୍ବଲପୁର,୩୧।୭(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବୀରସିଂଗଡ ପଞ୍ଚାୟତ ବସିଆପଡା–ବର୍ଗେଟିକ୍ରା ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇ ପଡିଛି । ସାମାନ୍ୟ ବର୍ଷା ହେଲେ କାଦୁଅ ହୋଇ ଯାଉଛି । ଏହି ରାସ୍ତା ଦେଇ ବର୍ଗେଟିକ୍ରା ଓ ଡାଳଖାଇ ପଡାର ମୋଟ ୬୦ ପରିବାର ନିର୍ଭର କରୁଛନ୍ତି । ପ୍ରତିଦିନ ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଯିବା ଆସିବା କରୁଛନ୍ତି । ଗ୍ରାମବାସୀ ମଧ୍ୟ ଯିବା ଆସିବା କରୁଛନ୍ତି । ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ମେଡିକାଲ ନେବା ପାଇଁ ସମସ୍ୟା ହେଉଛି । ଏ ନେଇ ବ୍ଲକ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ହୋଇନାହିଁ ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ନାକଟିଦେଉଳ,୩୧।୭(ଡି.ଏନ.ଏ.)

ନାକଟିଦେଉଳ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର ଗତ ବର୍ଷର ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଚଳିତ ବର୍ଷ କିପରି ଏହାକୁ ଶାନ୍ତି ଶୃଙ୍ଖଳା ସହକାରେ ଏବଂ ମହାସମାରୋହରେ ଆୟୋଜନ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ରଚନା, ତର୍କ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥି ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ପ୍ରତିଯୋଗିତା ଗୁଡ଼ିକ ଆସନ୍ତା ୮ ତାରିଖରେ ନାକଟିଦେଉଳ କଲେଜ ପରିସରରେ ଆୟୋଜିତ କରାଯିବାକୁ ବୈଠକରେ ସ୍ଥିର ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ମେଥୋଡିୟୁସ ଲାକ୍ରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅମୂଲ୍ୟରତ୍ନ ମହନ୍ତ, ବିଭିନ୍ନ ସ୍କୁଲ କଲେଜର ପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନେ ଯୋଗ ଦେଇ ମତାମତ ରଖିଥିଲେ।

## ନାବାଳିକା ନିଖୋଜ ଅଭିଯୋଗ

ସମ୍ବଲପୁର,୩୧।୭(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ଜଣେ ନାବାଳିକା ବୁଧବାର ଅପରାହ୍ନରୁ ନିଖୋଜ ହୋଇ ଯାଇଛନ୍ତି। ଏ ନେଇ ପରିବାର ବର୍ଗ ଥାନରେ ଅଭିଯୋଗ କରିଛନ୍ତି । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।






ସମ୍ବଲପୁର ଜିଲା ଧନକଉଡା ବ୍ଲକ ପରିସରରେ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିରରେ ଅତିଥିମାନେ (ବାମ) କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବତୀ ଯୁବକ ।

### ବ୍ଲକ୍‌ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

## ୩୧୫ ନାମ ପଞ୍ଜୀକୃତ, ୨୨୦ ତାଲିମ ପାଇଁ ଚୟନ

ସମ୍ବଲପୁର,୩୧।୭(ବ୍ୟୁରୋ)

ସମ୍ବଲପୁର ଧନକଉଡା ପଞ୍ଚାୟତ ସମିତି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୋଶଳ ଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଓର୍ମାସ୍ ସଂଯୋଜକ ଶ୍ରୀମନ୍ତ ହୋତା, ଧନକଉଡା ବ୍ଲକ ବିଡିଓ ଲୀନା କୁମାରୀ କ୍ଷେଶ, ଏବିଡିଓ ସୁଶାନ୍ତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ ପ୍ରମୁଖ ଏଥିରେ ରହିଥିଲେ । ଏହି ଅବସରରେ ୧୨ଟି ବିଭିନ୍ନ କମ୍ପାନୀ ଯୋଗ ଦେଇଥିଲେ । ୩୧୫ ଜଣ ବେକାର ଯୁବତୀଯୁବକଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୨୦ ଜଣଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଚୟନ କରାଯାଇଛି। ତେବେ ୩ ମାସ ତାଲିମ ଦେଲା ପରେ ସେମାନଙ୍କୁ ଚାକିରି ଦିଆଯିବ ବୋଲି ଓର୍ମାସ୍ ସଂଯୋଜକ ହୋତା କହିଛନ୍ତି ।

## ଫଟୋରେ ଖବର







ବୁଧବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଔପନ୍ୟାସିକ ପ୍ରେମଚାନ୍ଦ ଜୟନ୍ତୀ ସଭାରେ ଅତିଥି, କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ (ବାମ)। ଧନକଉଡାସ୍ଥିତ ସତ୍‌ସଙ୍ଗ ବିହାରରେ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତା (ମଝି)। ପଞ୍ଚମ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପରେ ମେଡାଲ ହାସଲ କରିଥିବା କ୍ରୀଡାବିତମାନେ ପ୍ରଶିକ୍ଷକ ଓ କର୍ମକର୍ତ୍ତାମାନଙ୍କ ସହ ବୁଧବାର ସମ୍ବଲପୁର ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍

## ସଂକ୍ଷେପରେ

### କଫ୍ ସିରଫ ଜବତ, ୨ଗିରଫ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ଟାଉନ ଥାନା ପୋଲିସ ବୁଧବାର କଫ ସିରଫ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶୋକ ଛତ୍ରୀ ଓ ସିଦ୍ଧାନ୍ତ ଭୁଏ । ସେମାନଙ୍କ ପାଖରୁ ୫୦ଟି କଫ୍ ସିରଫ ଜବତ ହୋଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି । ଏ ନେଇ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ପୂଜାରୀ ପ୍ରକାଶ କରିଛନ୍ତି ।

### ସତ୍‌ସଙ୍ଗ ବିହାରରେ ଜନ୍ମୋତ୍ସବ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ସତସଙ୍ଗ ବିହାର ପକ୍ଷରୁ ବୁଧବାର ଶ୍ରୀ ଶ୍ରୀ ବଡ଼ମାଁଙ୍କ ୧୨୬ତମ ଜନ୍ମୋତ୍ସବ ପାଳନ କରାଯାଇଛି । ଏହି ଅବସରରେ ପ୍ରାତଃ ଭଜନ, ସଂକୀର୍ତ୍ତନ ହୋଇଥିଲା । ଦିନ ୧୧ଟାରେ ସତସଙ୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବଡ଼ମାଁଙ୍କ ତ୍ୟାଗ, ନିଷ୍ଠା, ପରୋପକାରିତା ଉପରେ ଶ୍ରଦ୍ଧାଳୁମାନେ ଆଲୋକପାତ କରିବା ସହିତ ଆଧୁନିକ ନାରୀ ତାଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା । ସଭାରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

■ ପଶ୍ଚିମ ଓଡ଼ିଶାରେ ପ୍ରଥମ

# ବିକାଶ ହସ୍ପିଟାଲରେ ବାଏପାସ୍ ସର୍ଜରି

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ବାଏ ପାସ୍ ସର୍ଜରି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏଭଳି ସଫଳତା ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ହସପିଟାଲର ଡାଇରେକ୍ଟର ଡା. ହିମାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ ସୂଚନା ଦେଇ ଆହୁରି କହିଥିଲେ, ଗତ ୨୬ତାରିଖ ଜଣେ ଅସୁସ୍ଥ ବୃଦ୍ଧ(୭୦) ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଭର୍ତ୍ତି ହୋଇଥିଲେ। ଉକ୍ତ ହସପିଟାଲର କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା ଏଞ୍ଜିଓଗ୍ରାଫି ଦ୍ୱାରା ରୋଗୀଙ୍କ ପରୀକ୍ଷା କରିଥିଲେ। ପରୀକ୍ଷାରେ ହାର୍ଟ(ହୃତପିଣ୍ଡ)ର ୩ଟି ଧମନୀରେ ୯୯ରୁ ୧୦୦ ପ୍ରତିଶତ ବ୍ଲକେଜ୍ (ଟ୍ରିପଲ ଭେସେଲ୍ ଡିଜିଜ୍) ଥିବା ଜାଣିବାକୁ ପାଇଥିଲେ ଏବଂ ରୋଗୀଙ୍କୁ ବାଏପାସ୍ ସର୍ଜରୀ ପାଇଁ ପରାମର୍ଶ ଦେଇଥିଲେ। ସର୍ଜରୀରେ ୩ଟି ବ୍ଲକେଜକୁ ଗୋଡ଼ ଏବଂ ଛାତିର ଷ୍ଟର୍ନମ ଶିରା ଦ୍ୱାରା ବାଏପାସ୍ କରାଯାଇଥିଲା। ଉକ୍ତ ପ୍ରକ୍ରିୟା ପାଇଁ ସାଢ଼େ ୪ଘଣ୍ଟା ସମୟ ଲାଗିଥିଲା। ରୋଗୀଙ୍କ ସର୍ଜରୀ ପରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା ଏବଂ ଆଇସିୟୁରେ ୨ଦିନ ରଖାଯିବା ପରେ ବୁଧବାର ତାଙ୍କୁ ଜେନେରାଲ ୱାର୍ଡ଼ରେ ରଖାଯାଇଛି। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଇକୋ ଓ ଇସିଜି ସାଧାରଣ ଥିବା ସେ କହିଥିଲେ। ଉକ୍ତ ସର୍ଜରୀ କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ବେହେରାଙ୍କ ଦ୍ୱାରା ହୋଇଥିବା ବେଳେ ଆନେସ୍ଥେସିଷ୍ଟ ଡା. ଶ୍ରୀହର୍ଷା, କାର୍ଡ଼ିଓଲୋଜିଷ୍ଟ ଡା. ପ୍ରଭାତ ରଞ୍ଜନ ମହାପାତ୍ର, ପର୍ଫୁଜନିଷ୍ଟ ସର୍ଜିକାଲ ଆସିଷ୍ଟାଣ୍ଟ, ସ୍କ୍ରବ ଆସିଷ୍ଟାଣ୍ଟ, ଆଇସିୟୁ ନର୍ସ ଟିମ ପ୍ରମୁଖ ୧୫ଜଣିଆ ଟିମ୍‌ଙ୍କ ଉଦ୍ୟମ ଯୋଗୁ ସଫଳ ହୋଇପାରିଥିବା ଡାଇରେକ୍ଟର ଡା. ମିଶ୍ର ସୂଚନା ଦେଇଥିଲେ। ଉକ୍ତ ସଫଳତା ପାଇଁ ବିକାଶ ହସପିଟାଲ ପରିଚାଳନା କମିଟି ପକ୍ଷରୁ ସେହି ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ହସ୍‌ପିଟାଲର ଆଡ଼ମିନିଷ୍ଟ୍ରେଟିଭ ମ୍ୟାନେଜର ଡି. ବିବେକ, କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା, ହୃଦରୋଗ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲର ଚିଫ୍ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଡା. ସି.ଏଚ୍ ରବି କୁମାର ଧନ୍ୟବାଦ ଅର୍ପଣ କରିଥିଲେ।




ବାଏପାସ୍ ସର୍ଜରି ଉପରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

■ କନ୍ଧମାଳରେ ସାରର ବ୍ୟାପକ କଳାବଜାର

# ୪୫ କେଜି ୟୁରିଆ ବସ୍ତାକୁ ୩୫୦ ଟଙ୍କା

**କନ୍ଧମାଳ,୩୧।୭(ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରେ ସାରର ବ୍ୟାପକ କଳାବଜାର ହେଉଛି। ୪୫ କେଜି ୟୁରିଆ ସାରର ସରକାରୀ ଧାର୍ଯ୍ୟ ଦର ୨୬୬ ଟଙ୍କା ରହିଥିବା ବେଳେ କଳାବଜାରରେ ତାହା ୩୫୦ ଟଙ୍କାରେ ବିକ୍ରି ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ଦରଠାରୁ ପ୍ରାୟ ୮୦ ଟଙ୍କା ଅଧିକ ଦରରେ ୟୁରିଆ ସାର ବିକ୍ରି ଚାଲିଥିବା ବେଳେ ଡିଏପି, ଗ୍ରୋମର ଆଦି କମ୍ପାଉଣ୍ଡ ସାର ୫୦ରୁ ୧୦୦ଟଙ୍କା ଅଧିକ ଦରରେ ବିକ୍ରି ହେଉଛି। ମୁଖ୍ୟତଃ ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେବା ସହ କଳାବଜାରରେ ଚାଷୀଙ୍କୁ କିଣିବାକୁ ପଡୁଛି। ଚଳିତ ଖରିଫ ଚାଷ ମୌସୁମୀର ଅନିୟମିତତା ପାଇଁ ଉଚ୍ଛୁର ହୋଇଛି। ଅଞ୍ଚଳର ଅଶୀ ପ୍ରତିଶତ ଜମିରେ ଚାଷକାମ ଅଟକି ରହିଥିବା ବେଳେ ଏହି ୨ ଦିନ ହେବ ତଳିରୁଆ ଓ ବିହୁଡା କାମ ଆରମ୍ଭ ହୋଇଛି। ଚାଷକାମ ଡେରି ହୋଇଥିବାରୁ ଚାଷୀ କଳାବଜାରରେ ସାର କିଣି ପ୍ରୟୋଗ କରୁଛନ୍ତି। କୃଷି ବିଭାଗର ସୂଚନା ଅନୁଯାୟୀ, ଇଫକୋ କମ୍ପାନୀର ଡିଏପି ସାର ୧୩ଶହ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ଟଙ୍କା ରହିଛି। ପିପିଏଲ କମ୍ପାନୀର ଡିଏପି ୧୩୪୦ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ୪୦ ଟଙ୍କା ରହିଛି। ସେହିପରି ଆଇପିଏଲ କମ୍ପାନୀର ଡିଏପି ୧୪ଶହ ଟଙ୍କା ରହିଛି। ତେବେ କଳାବଜାରରେ ବେପାରୀମାନେ ସ୍ଥଳବିଶେଷରେ ୫୦ରୁ ଶହେ ଟଙ୍କା ଅଧିକ ଦରରେ ସାର ବିକ୍ରୟ କରୁଛନ୍ତି । ଏପରିକି କେତେକ ବ୍ୟବସାୟୀ ସରକାରୀ ଲାଇସେନ୍ସ ନ ଥାଇ ବ୍ୟାପକ ପରିମାଣର ସାର କଳାବଜାର ପାଇଁ ଗଚ୍ଛିତ ରଖିଛନ୍ତି। ସାରର ଉଚିତ ବିକ୍ରୟ ନେଇ କୃଷି ବିଭାଗ ନିରବତା ଅବଲମ୍ବନ କରୁଥିବା ବେଳେ କର୍ମଚାରୀ ଅଭାବରୁ ଉପଯୁକ୍ତ ତଦାରଖ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସହକାରୀ କୃଷି ଅଧିକାରୀ ଦେବାଶିଷ ନାୟକଙ୍କୁ ପଚାରିବାରୁ ସେ କହିଲେ, ନିର୍ଦ୍ଦିଷ୍ଟ ଭାବେ ସାରର କଳାବଜାର ନେଇ ଅଭିଯୋଗ ପାଇନାହିଁ। ବିଭାଗ ପକ୍ଷରୁ ଉପଯୁକ୍ତ ଦରରେ ସାର ବିକ୍ରି କରିବାକୁ ସମସ୍ତ ରିଟେଲର ଓ ଡିଲରଙ୍କୁ ତାଗିଦ କରାଯାଇଛି।

■ ୭ ଖଣି ନିଲାମ ପାଇଁ ବିଜ୍ଞପ୍ତି

# ଖଣି ହାତେଇବାକୁ ଦୌଡ଼

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

■ ୪ ଚୂନପଥର, ୨ କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି

■ ୨୦,୦୦୦ କୋଟି ଟଙ୍କା ମୂଲ୍ୟର ୧୨୦ ମିଲିୟନ ଟନ୍ ସମ୍ପଦ

ରାଜ୍ୟର ୭ଟି ଖଣିର ନିଲାମୀ ପାଇଁ ବୁଧବାର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ୪ଟି ଚୂନ ପଥର ଖଣି. ୨ଟି କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି ରହିଛି। ସବୁ ଖଣିକୁ ଇ-ଅକ୍ସନ କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ନିଲାମୀ ହେବାକୁ ଥିବା ଚୂନ ପଥର ଖଣିଗୁଡ଼ିକ ହେଉଛି- ବଲାଙ୍ଗୀର ଜିଲାର ପିପଲମୁଣ୍ଡା, ସୁନ୍ଦରଗଡର ଖାଟ୍‌କୁରବାହାଲ(ଉତ୍ତର), ନୂଆପଡାର ଗାରାମୁରା ଏବଂ ବରଗଡର ବେହେରା ବାଞ୍ଜିପାଲି। ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ସରୁଆବିଲ୍ ଏବଂ ବାଲେଶ୍ୱର କମର୍ଦ୍ଦା ବ୍ଲକ କ୍ରୋମାଇଟ୍ ଖଣି ନିଲାମୀ ପାଇଁ ମଧ ଆହ୍ୱାନ ଦିଆଯାଇଛି। ଅନୁରୂପଭାବେ ଗ୍ରାଫାଇଟ୍ ଗଚ୍ଛିତ ଥିବା ଜଗଦଳପୁର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏସବୁ ଖଣି ହାତେଇବା ଲାଗି ପ୍ରଭାବଶାଳୀ ସଂସ୍ଥାର ଦୌଡ଼ ଆରମ୍ଭ ହୋଇଯାଇଛି।

ଚୂନ ପଥର ଥିବା ଖାଟ୍‌କୁରବାହାଲ ବ୍ଲକ(ଉତ୍ତର) ଏବଂ କ୍ରୋମାଇଟ୍ ଥିବା ସରୁଆବିଲ୍ ବ୍ଲକ ଖଣି ପାଇଁ ଟେଣ୍ଡର ପେପର ମୂଲ୍ୟ ୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଅନ୍ୟ ୫ଟି ବ୍ଲକ ପାଇଁ ଟେଣ୍ଡର ପେପର ମୂଲ୍ୟ ଏକ ଲକ୍ଷ ଟଙ୍କା ଲେଖାଏ ରହିଛି। ଖଣି ପାଇଁ ଆର୍ଥିକ ନିଲାମୀ ଆହ୍ୱାନ(ବିଡ୍ )ଡିଜିଟାଲ ମାଧ୍ୟମରେ ଗ୍ରହଣ କରାଯିବ। ଅପରପକ୍ଷରେ ବୈଷୟିକ ନିଲାମୀ ଆହ୍ୱାନ ପାଇଁ ଉଭୟ ଡିଜିଟାଲ ଏବଂ ହାର୍ଡକପି ଫର୍ମାଟରେ ଯୋଗ୍ୟ ଲିଜ୍‌ଧାରୀଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶଠାରୁ ଟେଣ୍ଡର ପେପର କ୍ରୟ କରାଯାଇପାରିବ, ଏଥିପାଇଁ ୧୧ ସେପ୍ଟେମ୍ବରକୁ ଶେଷ ତାରିଖ ରଖାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୨୦ ଅପରାହ୍ନ ୫ଟା ମଧ୍ୟରେ ନିଲାମୀ ଆହ୍ୱାନର ଶେଷ ଦିନ ଧାର୍ଯ୍ୟ କରାଯାଇଛି। କେବଳ ଏହି ୭ଟି ଖଣି ନୁହେଁ, ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଆହୁରି ୩୩ଟି ଖଣିର ଲିଜ୍ ଅବଧି ସରିବ। ଏହା ପୂର୍ବରୁ ଏହାର ପୁନର୍ବାର ଲିଜ୍ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। କର୍ମଦ୍ଦା କ୍ରୋମାଇଟ୍ ଖଣି ବି.ସି ମହାନ୍ତି ଏଣ୍ଡ ସନ୍ସ(ପ୍ରା) ଲିଃ, ସରୁଆବିଲ୍ ଖଣି ମିଶ୍ରି ଲାଲ ମାଇନ୍ସ(ପ୍ରା) ଲିଃ ହାତରେ ରହିଥିବା ଜଣାପଡିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦୁଇ ଦଶନ୍ଧି ଧରି ରାଜ୍ୟର ଖଣି ସାମ୍ରାଜ୍ୟରେ ପ୍ରଭାବ ବିସ୍ତାର କରିଥିବା ଏକ ସଂସ୍ଥା ସଂଖ୍ୟାଧିକ ଖଣି ହାତେଇବା ପାଇଁ ଲବିକୁ ଜୋରଦାର କରିଛି। ଏଥିପାଇଁ ଆବଶ୍ୟକ ଥିବା ରାଜନୈତିକ ଏବଂ ପ୍ରଶାସନିକ ଲବିକୁ ମଜବୁତ୍ କରିଛି। ଖଣି ହାତେଇବାକୁ ଚାହୁଁଥିବା ଏହି ସଂସ୍ଥା କେନ୍ଦ୍ର-ରାଜ୍ୟସ୍ତରରେ ଯେପରି କୌଣସି ପ୍ରଶାସନିକ ବାଧା ନ ଉପୁଜେ, ସେଥିପାଇଁ ସବୁ ଉଦ୍ୟମ କରିସାରିଥିବା ଆଲୋଚନା ହେଉଛି। ଅନ୍ୟ ଏକ କମ୍ପାନୀ ମଧ୍ୟ ଗ୍ରାଫାଇଟ୍ ଖଣିକୁ ହାତେଇବା ପାଇଁ ଚାହୁଁଛି। ଏଥିପାଇଁ ରାଜ୍ୟ ପ୍ରଶାସନିକସ୍ତରକୁ ଖୁସି କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଖଣିଜ ସମ୍ପଦରେ ସମୃଦ୍ଧ ଥିବା ଓଡ଼ିଶାରେ ଖଣି ଦୁର୍ନୀତିକୁ ନେଇ ଜାତୀୟସ୍ତରରେ ଚର୍ଚ୍ଚାର କାରଣ ହୋଇଛି। ଦୁଇବର୍ଷ ତଳେ ବେଆଇନ ଖଣି ଖନନ କାରଣରୁ ସ୍ଥାନୀୟ ଖଣି ମାଲିକଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହୋଇଥିବା ଖଣି ଦୁର୍ନୀତି ପାଇଁ ଧାର୍ଯ୍ୟ ଜରିମାନା ପରିମାଣ ସମ୍ପୂର୍ଣ୍ଣ ଆଦାୟ ହୋଇ ନ ଥିବା ଜଣାପଡିଛି। ଯଦି ଗୁଜରାଟ, ତାମିଲନାଡୁର ଖଣି ମାଲିକମାନେ ଟେଣ୍ଡର ହାସଲରେ ସଫଳ ହୁଅନ୍ତି, ତେବେ ସେମାନେ ଯେ ବେଆଇନ ଖନନ ନ କରିବେ, ସେ କଥାର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ଯେ, ଖଣି କମ୍ପାନୀଗୁଡିକ ରାଜ୍ୟ ଏବଂ କେନ୍ଦ୍ର ପ୍ରଶାସନର ସହାୟତାରେ ସର୍ବୋଚ୍ଚ ମୁନାଫା ଅର୍ଜନ କରିବେ। ଏଥିସହିତ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ଲୁଟ୍ କରିବେ। ପରେ ଅବଶ୍ୟ କିଛିଟା ହୋହାଲ୍ଲା ହେବାପରେ ତଦନ୍ତ ହେବ, ଜରିମାନା ଧାର୍ଯ୍ୟ ହେବ। ଖଣି ମାଲିକମାନେ ଆଇନର ଗଳାବାଟ ଦେଇ ଧାର୍ଯ୍ୟ ଜରିମାନା ହ୍ରାସ ମଧ କରିପାରନ୍ତି। ହେଲେ ସେତେବେଳକୁ ଓଡ଼ିଶାର ସମ୍ପଦ ଚୋରି ହୋଇଯାଇଥିବ। ଟେଣ୍ଡର ଆହ୍ୱାନ କରାଯାଇଥିବା ଏହି ୭ଟି ଖଣିରେ ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ୧୨୦ ମିଲିୟନ ଟନର ସମ୍ପଦ ରହିଥିବା ଜଣାପଡିଛି।

■ ବୌଦ୍ଧ ଜିଲାରେ ମରୁଡ଼ିର ପଦଧ୍ୱନି

# ଜିଲାରେ ୩୦ ପ୍ରତିଶତ କମ୍ ବର୍ଷା

**ବୌଦ୍ଧ, ୩୧।୭(ସ୍ୱ.ପ୍ର)**

ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ବୌଦ୍ଧ ଜିଲାରେ ବର୍ଷା ଅନୁପାତ ବହୁତ କମ୍ ଥିବାରୁ ଚାଷକାର୍ଯ୍ୟ ପଛରେ ପଡିଛି। ଫଳରେ ଜିଲାର ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଅଦ୍ୟାବଧି ଜିଲାରେ ୩୦ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଚାଷ ଜମିରେ ଧାନ ବୁଣା ହୋଇଛି। ବୌଦ୍ଧ ଜିଲାରେ ଜୁନ ମାସରେ ସାଧାରଣତଃ ୨୩୪ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୧୬୪ ମିମି ବର୍ଷା ହୋଇଛି। ଜୁନ ମାସରେ ବୌଦ୍ଧ ବ୍ଲକରେ ୧୭୧ ମିମି, ହରଭଙ୍ଗା ୧୭୧ ମିମି ଓ କନ୍ଧମାଳ ବ୍ଲକରେ ୧୫୧ ମିମି ବର୍ଷା ହୋଇଛି । ଜୁଲାଇ ମାସରେ ସାଧାରଣତଃ ୪୧୮ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୨୯୪ ମିମି ବର୍ଷା ହୋଇଛି। ଜୁଲାଇ ମାସରେ ବୌଦ୍ଧ ବ୍ଲକରେ ୨୨୪ ମିମି, କନ୍ଧମାଳ ୪୧୦ ମିମି ଏବଂ ହରଭଙ୍ଗା ବ୍ଲକରେ ୨୪୮ ମିମି ବର୍ଷା ହୋଇଛି। ଜୁଲାଇ ଶେଷ ସୁଦ୍ଧା ବୌଦ୍ଧ ବ୍ଲକରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କନ୍ଧମାଳ ବ୍ଲକରେ ୧୪ ପ୍ରତିଶତ ଏବଂ ହରଭଙ୍ଗା ବ୍ଲକରେ ୩୬ ପ୍ରତିଶତ କମ୍ ବର୍ଷା ହୋଇଛି। ଚାଷୀମାନେ ବର୍ଷା ପାଣିକୁ ଆଦରି ଚାଷ କାମ କରିଥାନ୍ତି। କିନ୍ତୁ ଜିଲାରେ ପର୍ଯ୍ୟାପ୍ତ ପରିମାଣର ଜଳସେଚନର ସୁବିଧା ନ ଥିବା ଯୋଗୁ ଚାଷୀ ପ୍ରତିବର୍ଷ ମରୁଡ଼ିର ଶିକାର ହେଉଛନ୍ତି। ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ଜିଲାରେ ଚାଷ କାର୍ଯ୍ୟ ଠିକ ଭାବେ ଆରମ୍ଭ ହୋଇପାରିନାହିଁ। ତଳି ଗୁଡିକ ପାଣି ଅଭାବରୁ ମରିବାକୁ ବସିବାକୁ ଥିବା ବେଳେ ବୁଣା ଧାନ ବେଉଷଣ ନ ହୋଇ ନଷ୍ଟ ହେବାକୁ ବସିଲାଣି। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୫୯୧୨୦ ହେକ୍ଟରରେ ଧାନ ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ମାତ୍ର ୨୫୭୧୮ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଜିଲାରେ ଥିବା ଜଳସେଚନ ଡ୍ୟାମ ଓ କ୍ଷୁଦ୍ରଜଳସେଚନର ଚେକ ଡ୍ୟାମ ଗୁଡିକ ବର୍ଷା ହେଲେ ଯାଇ ପାଣି ଯୋଗାଇଥାଏ । ବର୍ଷା ନ ଥିବାରୁ ଚାଷୀ ଚିନ୍ତାରେ ପଡିବା ସହ ଋଣ କିପରି ଶୁଝିବ ସେ ନେଇ ଚିନ୍ତାରେ ପଡିଛି। ବର୍ତ୍ତମାନ ସମୟରେ ରୁଆ, ବିହୁଡା ପାଇଁ ଚାଷୀଙ୍କ ଫୁରସତ ମିଳିନି। କିନ୍ତୁ ବର୍ଷା ନ ଥିବାରୁ ଚାଷୀ ଘରେ ବସିଛି। ଜିଲା ପ୍ରଶାସନ ଆଗାମୀ ଦିନରେ ଜିଲାରେ ସ୍ଥାୟୀ ଜଳସେଚନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବୌଦ୍ଧ ଜିଲାର ଚାଷୀ ମରୁଡି ଦାଉରୁ ରକ୍ଷା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ରେଳ ସମସ୍ୟାର ପ୍ରତିକାର ପାଇଁ ସଂଗ୍ରାମ ଜାରି ରହିବ



ସାଧାରଣ ସଭାରେ ଉପସ୍ଥିତ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ମିଳନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ଦେବତା ସଂଘ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ସୂଚନା ଦେବା ସହିତ ନୂତନ ସଦସ୍ୟଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କମଳ ଯୋଷୀ ୨୦୧୧ରୁ ଗଠିତ ହୋଇଥିବା ଏହି ସଂଘ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ଦେଇଥିଲେ। ସଂଘର କାର୍ଯ୍ୟକାଳ ସରିଯାଇ ଥିବାରୁ କମିଟି ଭଙ୍ଗ କରି ନୂତନ କର୍ମକର୍ତ୍ତା ମନୋନୟନ ପାଇଁ ଘୋଷଣା କରାଯାଇଥିଲା। ସଭାପତି ପଦରେ ପୁନଃ ଅବସ୍ଥାପିତ ହେବା ପରେ ପ୍ରଦୀପ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଦେବତା ଆଗାମୀ ଦିନରେ ଭୁବନେଶ୍ୱରକୁ ସକାଳ ଟ୍ରେନ ଏବଂ ଦିଲ୍ଲୀକୁ ବରଗଡ଼ ଦେଇ ଟ୍ରେନ ଚଳାଚଳ ପାଇଁ ଜୋରଦାର ସଂଗ୍ରାମ କରିବାକୁ ଆହ୍ୱାନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଲୋକସଭାରେ ବରଗଡ଼ରେ ରେଳସେବାର ଉନ୍ନତି ପାଇଁ ଦାବି ଜଣାଇଛନ୍ତି। ଫଳରେ ସେ ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ସହିତ ଅନ୍ୟାନ୍ୟ ରେଳ ସମସ୍ୟାର ପ୍ରତିକାର ପାଇଁ ସଂଘ ତାର ସଂଗ୍ରାମ ଜାରି ରଖିବ ବୋଲି ସଭାରେ ସୂଚନା ଦିଆଯାଇଥିଲା। ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଇନ୍ଦିରା ମହାନ୍ତି, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନିର୍ମଳ କର, ଲକି ମିରୱାନୀ, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଦୀପକ ରେଖାନୀ, ରାମକୃଷ୍ଣ ମେହେର, ସି.ଏମ ରାଓ, ଦିପ୍ତୀମୟୀ ମିଶ୍ର, ବିଷ୍ଣୁ ଧାନୁକା, ମହମ୍ମଦ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସମିତିରେ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ମହିଳା ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ପ୍ରୀତି ଗୁରୁଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ଗ୍ରୀସରେ ଅନୁଷ୍ଠିତ ଆନ୍ତର୍ଜାତୀୟ ହଷ୍ଟ ମୋଣ୍ଡେ ମିସେସ୍ ୱାର୍ଲ୍ଡୱାଇଡ୍-୨୦୧୯ର କୃତୀ ମହିଳା ବଲାଙ୍ଗୀରର ସୌମ୍ୟା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସୌମ୍ୟା ତାଙ୍କ ଅନୁଭୂତି, ସଂଘର୍ଷ ଉପରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ରାଧାରାଣୀ ମିଶ୍ର, ବରିଷ୍ଠ ସଭ୍ୟା ଗୀତା ମିଶ୍ର ଓ ଅନ୍ୟ ସଭ୍ୟାବୃନ୍ଦ ଉପସ୍ଥିତ ଥିଲେ ।

# କଣ୍ଡପଲାରେ ଆତ୍ମନିଯୁକ୍ତି ତାଲିମ ଶିବିର

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କଣ୍ଡପଲା ଗ୍ରାମରେ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ତରଫରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡିଙ୍ଗର ଭୋସାଗରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ନୀଳକଣ୍ଠ ସା ତାଲିମ ପ୍ରଦାନ କରିଥିଲେ। ଶିବିରରେ ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯୋଗ ଦେବା ସହିତ ତାଲିମ ନେଇଥିଲେ। ସେହିପରି ଅମ୍ବାଭୋନା ବିଡ଼ିଓ, ବ୍ଲକ ଅଧ୍ୟକ୍ଷ, ଓଡ଼ିଶା ଜୀବିକା ମିଶନର ଡିପିଏମ, କଣ୍ଡପଲା ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀ, ମହିଳାମାନେ ।

# ଓଡ଼ିଶା ସମବାୟ ନୀତିକୁ ଅନୁଧ୍ୟାନ କଲେ ପଞ୍ଜାବ ସରକାର

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଓଡ଼ିଶାର ପ୍ରାଥମିକ କୃଷି ସମବାୟ କ୍ଷେତ୍ରରେ କୋର ବ୍ୟାଙ୍କିଙ୍ଗ୍ ଜରିଆରେ ଋଣ ପ୍ରଦାନ ବ୍ୟବସ୍ଥାକୁ ପଞ୍ଜାବ ସରକାର ଅନୁଧ୍ୟାନ କରିଛନ୍ତି। ଏନେଇ ପଞ୍ଜାବ ସମବାୟ ମନ୍ତ୍ରୀ ସୁଖଜିନ୍ଦର ସିଂ ରନ୍ଧାୱାଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ଦଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ କୋଅପରେଟିଭ୍ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ୍ ସମ୍ପର୍କରେ ମଧ ଅନୁଧ୍ୟାନ କରିଛନ୍ତି । ସମବାୟ ବ୍ୟାଙ୍କଗୁଡ଼ିକ ଡିଜିଟାଇଜେଶନ୍ ଏବଂ ଧାନ କିଣିବା ବାବଦ ଅର୍ଥ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ ସମ୍ପର୍କରେ ପଚାରି ବୁଝିଛନ୍ତି । ପଞ୍ଜାବ ପ୍ରତିନିଧି ଦଳ ଏହାକୁ ପଞ୍ଜାବ ସମବାୟ କ୍ଷେତ୍ରରେ ଲାଗୁ କରିବା ଦିଗରେ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି । ଗସ୍ତ କାଳରେ ପଞ୍ଜାବ ମନ୍ତ୍ରୀ ଏବଂ ତାଙ୍କ ପ୍ରତିନିଧି ଦଳ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଦର୍ଶନ ସହିତ ଶିଶୁପାଳଗଡ଼ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ବୁଲି ଦେଖିଛନ୍ତି ।

ଏହି ଅବସରରେ ସେମାନେ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ସାକ୍ଷାତ କରିଛନ୍ତି। ଏହାସହ ତାଙ୍କୁ ପଞ୍ଜାବ ଗସ୍ତ ପାଇଁ ନିମନ୍ତ୍ରଣ କରିଥିବା ଜଣାପଡିଛି। ଏହି ଅବସରରେ ଉକ୍ତ ପ୍ରତିନିଧି ଦଳ ବିଧାନସଭା ପ୍ରଶ୍ନୋତ୍ତର ସମୟରେ ବାଚସ୍ପତିଙ୍କ ଗ୍ୟାଲେରିରେ ଉପସ୍ଥିତ ଥିଲେ। ରାଜ୍ୟ ମନ୍ତ୍ରୀଙ୍କ ସହ ପଞ୍ଜାବ ପ୍ରତିନିଧି ଦଳ ଆଲୋଚନା ସମୟରେ ଦୁଇ ରାଜ୍ୟ ମଧ୍ୟରେ ସମବାୟ କ୍ଷେତ୍ରରେ ସହଯୋଗ ବୃଦ୍ଧିକୁ ନେଇ ଗୁରୁତ୍ୱାରୋପ କରାଯାଇଛି । ସମବାୟ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତଭାବେ ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେବା ଉପରେ ଆଲୋଚନା କରାଯାଇଛି। ଏହାଦ୍ୱାରା ସମବାୟ କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇବ ବୋଲି ଦୁଇମନ୍ତ୍ରୀ ଆଲୋଚନା କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୧/୨୦୧୯ Sambalpur, Thursday, August 1 / 2019

## ସଂକ୍ଷେପରେ

### ଅପହୃତାଙ୍କୁ ନେଇ ଅପହରଣକାରୀ ଫେରାର

ହାଟଡ଼ିହୀ, ୩୧।୭ (ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗୁହାଳଗଡ଼ିଆ ଅଞ୍ଚଳରେ ଜଣେ ୧୫ ବର୍ଷିଆ ନାବାଳିକା ଜୁଲାଇ ୨୦ ତାରିଖ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ଏନେଇ ୨୨ ତାରିଖରେ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ଅପହରଣ ମାମଲା (ନଂ ୫୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ୭ ଦିନ ବିତିଯାଇଥିଲେ ପୋଲିସ ନାବାଳିକାଙ୍କ କୌଣସି ପତ୍ତା ପାଇ ନ ଥିଲା। କିନ୍ତୁ ବୁଧବାର ସଂପୃକ୍ତା ନାବାଳିକାଙ୍କ ବିବାହ ଆମ୍ଭୋ ଅଞ୍ଚଳରେ ହେଉଥିବା ଖବର ପାଇ ଆନନ୍ଦପୁର ଚାଇଲ୍ଡ ଲାଇନର କର୍ମକର୍ତ୍ତା ନନ୍ଦିପଦା ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ପୋଲିସକୁ ଅବଗତ କରିଥିଲେ । ନନ୍ଦିପଦା ପୋଲିସ ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ସେଠାରେ ପହଞ୍ଚିଲା ବେଳକୁ ଅପହରଣକାରୀ ନାବାଳିକାଙ୍କୁ ନେଇ ନିଜ ଘରୁ ଫେରାର ହୋଇଯାଇଥିଲେ । ଫଳରେ ବିବାହ ବନ୍ଦ ହୋଇଯାଇଥିଲା । ହେଲେ ପୋଲିସ ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଖାଲି ହାତରେ ଫେରିଥିଲେ । ନାବାଳିକାଙ୍କୁ ଉଦ୍ଧାର ପାଇଁ ଆମେ ପଦକ୍ଷେପ ନେଉଛୁ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୩ ମାସ ତଳେ ମଧୁରଗଡ଼ିଆ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା ।

# ମାଓବାଦୀଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଣ ମହଙ୍ଗା ପଡିଲା

ଭବାନୀପାଟଣା,୩୧।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ବରାହଖୋଜ୍ ଗ୍ରାମର ଜଣେ ବ୍ୟକ୍ତି ବିଭିନ୍ନ ମାଓବାଦୀ ସଙ୍ଗଠନକୁ ବନ୍ଧୁକ, ବିଭିନ୍ନପ୍ରକାରବିସ୍ଫୋରକଦ୍ରବ୍ୟ, ଖାଦ୍ୟପଦାର୍ଥ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଯୋଗୁ ଗିରଫ କରାଯାଇଛି। ସେ ହେଲେ ଶଗଡା ପଞ୍ଚାୟତ ବରାହଖୋଜ ଗ୍ରାମର ମଙ୍ଗା ମାଝି (୨୮)। ତାଙ୍କ ନିକଟରୁ ଗୋଟିଏ ଦେଶୀ ଏସବିଏମ୍ଏଲ୍ ବନ୍ଧୁକ, ୨୦ଜିଲୋଟିନ, ୫ଟି ଇଲେଟ୍ରି ଡିଟୋନେଟର, ୯୫ ମିଟର ବିଦ୍ୟୁତ୍ ତାର ଓ ବହୁ ପରିମାଣରେ ମାଓବାଦୀ ଲିଫ୍ଲେଟ୍ ଜବତ କରାଯାଇଛି ବୋଲି ବୁଧବାର ସଦର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍ପି ବାତୁଲା ଗଙ୍ଗାଧର କହିଛନ୍ତି।

ଭବାନୀପାଟଣା ବ୍ଲକ ଶଗଡା ପଞ୍ଚାୟତ ବରାହଖୋଜ ଗ୍ରାମର ମଙ୍ଗା ବଂଶଧାରା, ନାଗାବଳୀ ଓ କନ୍ଧମାଳ ଡିଭିଜନ୍ ଏବଂ କେ.କେ.ବି.ଏନ୍ ଡିଭିଜନ୍ ମାଓବାଦୀ ସଙ୍ଗଠନକୁ ବିଭିନ୍ନ ପ୍ରକାର ବିସ୍ଫୋରକ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ ଏବଂ





ଖବରଦାତା ସମ୍ମିଳନୀରେ ଏସ୍ପି ସୂଚନା ଦେଉଛନ୍ତି (ବାମ)। ଜବତ ବିଭିନ୍ନ ମାଓବାଦୀ ସାମଗ୍ରୀ ।

- ଯୁବକ ଗିରଫ
- ବନ୍ଧୁକ,ବିସ୍ଫୋରକ ସାମଗ୍ରୀ ଜବତ

ଅସ୍ତ୍ରଶସ୍ତ୍ର ଯୋଗାଉଥିବା ପୋଲିସକୁ ଖବର ମିଳିଥିଲା। ସଦର ଥାନା ଆଇଆଇସି ପ୍ରଦୀପ କୁମାର ଧରୁଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବରାହଖୋଜ ଗ୍ରାମର ମାଓବାଦୀ ସମର୍ଥକ ମଙ୍ଗା ମାଝିଙ୍କ ଘରେ ଅଚାନକ ଚଢାଉ କରି ତାଙ୍କୁ ଗିରଫ କରିବା ସହ ଉପରୋକ୍ତ ସାମଗ୍ରୀ ଜବତ କରିଥିଲା । ଗିରଫ ମଙ୍ଗା ମାଝି ଭବାନୀପାଟଣା ସଦର ଥାନା ଅଧୀନରେ ଗତ ୫।୧୦।୨୦୧୫ ତାରିଖ ନେହେଲା ସଂରକ୍ଷିତ ଜଙ୍ଗଲରେ ଥିବା ମଙ୍ଗାଗୁଡା ଏବଂ ୨୭।୧୨।୨୦୧୬ରେ ମେରାକୁଲ ଗ୍ରାମ ନିକଟରେ ଥିବା ଟେଙ୍ଗନା ବାହାଲି ପାହାଡରେ ମାଓବାଦୀ ଏବଂ ଯବାନ୍ଙ୍କ ମଧ୍ୟରେ ଗୁଳି ବିନିମୟ ଓ ମାଓବାଦୀଙ୍କ ମିଟିଂରେ ଉପସ୍ଥିତ ଥିଲେ। ସେ ଦୀର୍ଘଦିନ ଧରି ବଂଶଧାରା, ନାଗାବଳୀ ଓ କନ୍ଧମାଳ ମାଓବାଦୀ ଡିଭିଜନ୍ ଏବଂ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୟାଗଡ ମାଓବାଦୀ ଡିଭିଜନ୍ (କେକେବିଏନ୍ ଡିଭିଜନ)କୁ ବିଭିନ୍ନ ପ୍ରକାର ସାମଗ୍ରୀ ଯୋଗାଉଥିଲେ । ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୨୫୮/୧୯) ରୁଜୁ ହୋଇଛି । ମାଙ୍ଗାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କଟକରେ ଗଳାକାଟି ୩ ଜଣଙ୍କୁ ହତ୍ୟା ଘଟଣାର ଭିନ୍ନମୋଡ଼

## ନାରାୟଣଙ୍କୁ ଫସାଇ ଦେଇଛି ପୋଲିସ

ନୟାଗଡ଼ ଅଫିସ,୩୧।୭

ଗତ ୨୩ ଓ ୨୪ ତାରିଖ ରାତିରେ କଟକ ଫୁଟ୍ପାଥ୍ରେ ଶୋଇଥିବା ୩ ଜଣ ଲୋକଙ୍କ ଗଳାକାଟି ହତ୍ୟା ଘଟଣା କରାଯାଇଥିଲା । ଏହି ହତ୍ୟାକାଣ୍ଡକୁ ନେଇ ପୋଲିସକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା । ଫଳରେ ପୋଲିସ ତନାଘନା ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କ ଧରିବା ପାଇଁ ବିଭିନ୍ନ ସ୍ଥାନ ଚଢ଼ାଉ କରିଥିଲା । ଗତ ୨୭ ତାରିଖ ବିଳମ୍ବିତ ରାତିରେ କଟକ ଓ ଓଡ଼ଗାଁ ପୋଲିସ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ଗ୍ରାମ ଗୋପୀନାଥପୁର ସାହିରେ ଚଢ଼ାଉ କରି ନାରାୟଣ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେ ଜଣେ ମାନସିକ ରୋଗୀ । ଉକ୍ତ ୩ ହତ୍ୟାକାଣ୍ଡରେ ସେ ଜଡିତ ବୋଲି କଟକ ପୋଲିସ ସୂଚନା ଦେଇଥିଲା। ହେଲେ ଏବେ ସେହି ଘଟଣା ଭିନ୍ନ ମୋଡ଼ ନେଇଛି। ନାରାୟଣ ନିର୍ଦ୍ଦୋଷ । ପୋଲିସ ତାଙ୍କୁ ଫସାଇ ଦେଇଥିବା ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ନାରାୟଣଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ, ବାପା ଦୟାନିଧି ସାହୁ ଓ ଗୋପୀନାଥପୁର ସାହିର କେତେଜଣ ଲୋକ ବୁଧବାର ନୟାଗଡ଼ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍ପି ଅନୁପସ୍ଥିତ ଥିବାରୁ ପରିବାର ଲୋକେ ଏଏସପିଙ୍କଠାରେ ଅଭିଯୋଗ କରିଛନ୍ତି। ଏଏସ୍ପି ଦିଲୀପ ସାହାଣୀ ଏ ନେଇ କଟକ ପୋଲିସକୁ ଜଣାଇବେ ବୋଲି କହିଛନ୍ତି । ଗୀତାଞ୍ଜଳି କହିଛନ୍ତି, ଗତ ୨୩ ତାରିଖରେ ନାରାୟଣ ଗାଁରେ ଥିଲେ । ସେ କଟକରେ ହତ୍ୟା କରିଛନ୍ତି ବୋଲି ପୋଲିସ କହୁଛି। ମୋ ସ୍ୱାମୀଙ୍କୁ ପୋଲିସ ଫସାଇବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

### ପଥରରେ ଛେଚି ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

## ଜମିବାଡ଼ି ବିବାଦ କାଳ ହେଲା


ଗିରଫ ୩ ଅଭିଯୁକ୍ତ।

**ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଗିରଫ**

କୁଆଁରମୁଣ୍ଡା,୩୧।୭(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କାଲୋସିହିରିଆ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ବୁଧବାର ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଆବ୍ରାହାମ ଲୁଗୁନ (୨୩), ତାଙ୍କର ଦୁଇ ସହଯୋଗୀ ବିମଲ କାଣ୍ଡୁଲାନା ଓ ପେଲେସ୍ୱର କାଣ୍ଡୁଲାନା। ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ଜିଲା ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ ୧୪ରେ କାଲୋସିହିରିଆ ଗ୍ରାମର ଆଲେସିୟସ ଲୁଗୁନ (୪୦) ପରବ ଥିବାରୁ ମଦ ପିଇବା ପାଇଁ ପୂର୍ବାହ୍ନ ୧୧ଟାରେ ଘରୁ ବାହାରକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ୱାମୀ ଘରକୁ ନ ଫେରିବା ଦେଖି ଆଲେସିୟସଙ୍କ ସ୍ତ୍ରୀ ଆଞ୍ଜେଲା ତହିଁ ପରଦିନ ସକାଳେ କୁଆଁରମୁଣ୍ଡା ଫାଣ୍ଡିରେ ରିପୋର୍ଟ କରିଥିଲେ। ପୋଲିସ ଆଲେସିୟସଙ୍କ ମୃତଦେହ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ଜବତ କରିଥିଲା। ଆଲେସିୟସଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ସକାଶେ ଡାକ୍ତରଖାନାକୁ ପଠାଇ ଏକ ହତ୍ୟା ମାମଲା ରୁଜୁ କରିଥିଲା।

ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଆବ୍ରାହାମ ମୃତ ଆଲେସିୟସଙ୍କ କାକାପୁଅ ଭାଇ। ପୂର୍ବରୁ ଜମିବାଡିକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବିବାଦ ରହିଥିଲା। ଘଟଣା ଦିନ ମଦ ପିଇସାରି ଘରକୁ ଫେରୁଥିବା ବେଳେ ଆଲେସିୟସ ଓ ଆବ୍ରାହାମଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଆବ୍ରାହାମ ଓ ତାଙ୍କ ୨ ସହଯୋଗୀ ବିମଲ ଓ ପେଲେସ୍ୱର ଆଲେସିୟସକୁ ବାଡିରେ ନିସ୍ତୁକ ପିଟିଥିଲେ। ଏଥିରେ ଆଲେସିୟସ ଚେତାଶୂନ୍ୟ ଭାବେ ତଳେ ପଡିଯାଇଥିଲେ । ତାଙ୍କର ମୃତ୍ୟୁ ହୋଇଗଲା ଭାବି ଆକ୍ରମଣକାରୀମାନେ ତାଙ୍କୁ ଘୋଷାରି ଘୋଷାରି ଜଙ୍ଗଲରେ ଥିବା ଏକ ନାଳ କଡରେ ପକେଇ ଦେଇଥିଲେ। ମାତ୍ର ଆଲେସିୟସ ଛଟପଟ ହେବା ଦେଖି ମୁଖ୍ୟ ଅଭିଯୁକ୍ତ ଆବ୍ରାହାମ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରି ଚାଲି ଆସିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ. ୫୩।୨୦୧୯) ରୁଜୁ କରିଛି।

# ସାନଭାଇଙ୍କୁ ଭୁଜାଲିରେ ହାଣି ହତ୍ୟା, ବଡ଼ଭାଇ ଗିରଫ

ଅତାବିରା/ସରଣ୍ଡା,୩୧।୭(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଥାନା ଟାଙ୍ଗରପାଲି ରୁଖେନପାଲି ନିକଟ ତଳାକଣ୍ଟାରେ ମଙ୍ଗଳବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି । ଗ୍ରାମର ଫକୀର ଲାକ୍ରା ତାଙ୍କ ସାନଭାଇ କାଟି ଲାକ୍ରାଙ୍କୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି । ଏ ନେଇ ମୃତ କାଟିଙ୍କ ସ୍ତ୍ରୀ ଚନ୍ଦ୍ରା ଏତଲା ଦେବା ପରେ ପୋଲିସ ଦଫା ୩୦୨ରେ ଏକ ମାମଲା(ନଂ. ୧୫୮/୧୯) ରୁଜୁ କରିବା ସହିତ ବଡ଼ଭାଇ ଫକୀରଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି ।

ପ୍ରକାଶ ଯେ, ମଙ୍ଗଳବାର ଦୁଇ ଭାଇ କାଟି ଓ ଫକୀର ବାପା କାଡୁଙ୍କ ସହିତ ଗ୍ରାମ ନିକଟ ଆମଝରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା ଏବଂ ଏଥିରେ ଉତ୍ତ୍ୟକ୍ତ ହୋଇ ଫକୀର ଭୁଜାଲିରେ ଆକ୍ରମଣ କରିବାରୁ କାଟି ଗୁରୁତର ହୋଇଥିଲେ। ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପରିବାର ଲୋକେ ମୃତଦେହ ଧରି ଗ୍ରାମକୁ ଫେରି ଆସିଥିଲେ। ଖବର ପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ବୁଧବାର ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଫକୀର ଫେରାର ଥିଲେ। ପୋଲିସ ତାଙ୍କୁ ପାଖ ଜଙ୍ଗଲରୁ ଗିରଫ କରିଛି।

### ଝିଅ ହେଲେ ବି ପୁଅଠାରୁ କମ୍ ନୁହନ୍ତି

# ପାଠପଢ଼ା ଛାଡ଼ି ପରିବାର ଚଳାଉଛନ୍ତି ୨ ଭଉଣୀ

ଉତ୍ତମ କୁମାର ଦାଶ

ଜୁନାଗଡ,୩୧।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଟିଗୁଡା ପଞ୍ଚାୟତ ଯମୁନାବାହାଲ(କ) ଗ୍ରାମରେ ୨ ଭଉଣୀ ପାଠପଢା ଛାଡି ପରିବାର ଚଳାଉଛନ୍ତି । ବାପାଙ୍କ ମୃତ୍ୟୁ ପରେ ଏହି ପରିବାର ଅସହାୟ ହୋଇପଡିଥିଲା। ମା'ଙ୍କ ଅବସ୍ଥା ଭଲ ନ ଥିବାରୁ ୨ ବଡ ଭଉଣୀ ଉପରେ ପରିବାରର ସବୁ ଦାୟିତ୍ୱ ପଡିଥିଲା । ଫଳରେ ସେମାନେ କୁଲି ମଜୁରି କରି ୨ ଛୋଟ ଭଉଣୀଭାଇଙ୍କୁ ପାଠ ପଢଉଛନ୍ତି। ଏହାସହ ଅସହାୟ ମା'ଙ୍କ ଦାୟିତ୍ୱ ମଧ୍ୟ ନେଉଛନ୍ତି। ସମସ୍ତ ସରକାରୀ ସହାୟତାରୁ ବଞ୍ଚିତ ହୋଇ ସେମାନେ ଏବେ ଅତି ଦୟନୀୟ ଜୀବନ ଯାପନ କରୁଛନ୍ତି।

ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଜୁନାଗଡ ବ୍ଲକ ଯମୁନାବାହାଲ(କ) ଗ୍ରାମର କ୍ଷୀର ବେମାଲ ଗତ ଫେବୃୟାରୀରେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ପରିବାର କହିଲେ ତାଙ୍କ ସ୍ତ୍ରୀ କ୍ଷିତିସୂତା ଓ ୪ ଝିଅପୁଅ । ସେଥିରୁ ବଡ ୨ ଝିଅ ସରିତା (୧୯) ଓ ଚାନ୍ଦିନୀ (୧୭) ମାଟ୍ରିକ ପରୀକ୍ଷାରେ ପାସ୍ ହୋଇଛନ୍ତି। ଉଚ୍ଚଶିକ୍ଷା ପାଇଁ ଉଭୟ ଭଉଣୀଙ୍କ ଇଚ୍ଛା ଥିଲେ ମଧ୍ୟ ବାପାଙ୍କ ମୃତ୍ୟୁ ତାଙ୍କ ପାଠପଢାରେ ବାଧକ


୨ ଭଉଣୀଙ୍କ ସହ ତାଙ୍କ ପରିବାରବର୍ଗ ।

ସାଜିଲା। ପରିବାର କିଭଳି ଚଳିବ ଏହି ଚିନ୍ତାରେ ୨ ଭଉଣୀ ଘାରି ହେଲେ। ଶେଷରେ ସେମାନେ ପରିବାର ବୋଝକୁ ନିଜ କାନ୍ଧକୁ ନେଇଥିଲେ। ବିଭିନ୍ନ ସ୍ଥାନରେ ସେମାନେ କୁଲି, ମଜୁରି କାମ କରିବା ଆରମ୍ଭ କଲେ। ସେଠାରୁ ଯାହାକିଛି ପାରିଶ୍ରମିକ ଆଣିଲେ ସାନ

- ବାପାଙ୍କ ମୃତ୍ୟୁ ପରେ ଉଚ୍ଚଶିକ୍ଷାରେ ବାଧକ
- ସାନ ଭଉଣୀଭାଇଙ୍କୁ ପାଠ ପଢାଇବା ସହ ମା'ଙ୍କ ଦାୟିତ୍ୱ ନେଉଛନ୍ତି
- ପ୍ରତିଦିନ କୁଲି, ମଜୁରି କାମ କରିବାକୁ ଯାଉଛନ୍ତି

ଭଉଣୀ ଶୃତି ଓ ଭାଇ ଜତୀନ୍ଦ୍ରଙ୍କୁ ପାଠ ପଢାଇବା ସହ ମା'ଙ୍କ ଦାୟିତ୍ୱ ନେଲେ। ଏମାନେ ଝିଅ ହେଲେ ମଧ୍ୟ ପୁଅଠାରୁ କିଛି କମ୍ ନୁହନ୍ତି। ସାନ ଭଉଣୀ ଶୃତି ନବମ ଏବଂ ସାନ ଭାଇ ଜତୀନ୍ଦ୍ର ପଞ୍ଚମ ଶ୍ରେଣୀରେ ପଢୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ୬ ମାସ ପରେ ମଧ୍ୟ କ୍ଷିତିସୂତାଙ୍କୁ ଭତ୍ତା କିମ୍ବା ଜାତୀୟ ପରିବାର ମଙ୍ଗଳ ଯୋଜନାର ସହାୟତା ରାଶି ମିଳିନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସହାୟ ପରିବାରକୁ ଜିଲା ପ୍ରଶାସନ ତଥା କୌଣସି ବେସରକାରୀ ସଂସ୍ଥା ସହାୟତା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଭତ୍ତା ଓ ଜାତୀୟ ପରିବାର ମଙ୍ଗଳ ଯୋଜନାର ଅର୍ଥ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ହୋଟେଲରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ସୋର, ୩୧।୭ (ଡି.ଏନ୍.ଏ.)

'ଅପରେସନ୍ ପରୀ-୩' ଶୁଭାରମ୍ଭର ପ୍ରଥମ ଦିନରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସୋର ମାଟିଆପହ୍ଲା ଛକ ନିକଟ ଏକ ହୋଟେଲରୁ ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ନୋଡାଲ ଅଫିସର ଡିଏସ୍ପି ଏସ.କେ ବେହେରାଙ୍କ ନିର୍ଦ୍ଦେଶରେ ପରୀ ଟିମ୍ର ଡିସିଆର୍ବି ଇନ୍ସପେକ୍ଟର ବିମଳ କୁମାର ନାୟକ, ମୌସୁମୀ ମହାନ୍ତି, ସହଦେବଖୁଣ୍ଟା ଥାନା, ଫକୀର ଚରଣ ଦାସ, ଡିଆଇବି, ରେଣୁକା କର, ଡିସିଆର୍ବି ଏହି ହୋଟେଲରେ ଚଢାଉ କରି ସେଠାରେ କାର୍ଯ୍ୟ କରୁଥିବା ୪ ଶିଶୁଙ୍କୁ ଉଦ୍ଧାର କରି ସୋର ଥାନକୁ ଆଣିବା ପରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି। ଏହି ଅପରେସନ୍ ବେଳେ ରେଳଷ୍ଟେଶନ, ବସଷ୍ଟାଣ୍ଡ, ଘରୋଇ ଭାବେ, ଧାର୍ମିକ ସ୍ଥାନ, ଆଶ୍ରୟସ୍ଥଳୀ, ଢାବା ଏବଂ ହୋଟେଲରେ କାମ କରୁଥିବା ନିଖୋଜ କିମ୍ବା ଅନାଥ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ୍ କରାଯିବ ବୋଲି ଜଣାପଡିଛି।

## ପ୍ରେସର ବୋମା ବିସ୍ଫୋରଣରେ ଯବାନ ଶହୀଦ

ମାଲକାନଗିରି,୩୧।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାର ପଦଲି ଗ୍ରାମ ନିକଟରେ ମାଓବାଦୀଙ୍କ ପ୍ରେସର ବୋମା ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି। ତାଙ୍କ ନାମ ରୋଶନ କୁମାର। ତାଙ୍କ ଘର ବିହାରର ନୱାଡ଼ା ଗ୍ରାମରେ । ବଦଲି ଗ୍ରାମଠାରୁ ୩ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲରେ ମାଓବାଦୀମାନେ ଏକ ବୋମା ପଥର ଭିତରେ ଲୁଚାଇ ରଖିଥିଲେ। ପୁଷପାଲ କ୍ୟାମ୍ପର ୧୯୫ ବାଟାଲିୟନର ଯବାନମାନେ କୋମ୍ବିଂ ଅପରେଶନରେ ଯାଇ ଫେରୁଥିବା ବେଳେ ଏହି ବୋମା ବିସ୍ଫୋରଣ ହୋଇଥିଲା।

### ବର୍ଷାରେ କଛାରପଡା ପୋଲ ଭୁଶୁଡିବା ଘଟଣା

# ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ, ଯନ୍ତ୍ରୀଙ୍କ ପରିଦର୍ଶନ

ଜୁନାଗଡ,୩୧।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ-କଛାରପଡାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟର ଏକ ନାଳର ପୋଲ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ମଧ୍ୟାହ୍ନରେ ହଠାତ ଭୁଶୁଡି ପଡିଥିଲା। ଗୋଟିଏ ପଟେ ହାତୀନଦୀ ଓ ଅନ୍ୟପଟେ ଏହି ନାଳ ଥିବାରୁ ପଡାବାସୀ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଥିଲେ। ଅତି ଜରୁରୀ କାମ ପାଇଁ ବିପଦସଙ୍କୁଳ ଅବସ୍ଥାରେ ପଡାବାସୀ ନାଳରେ ପାରହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ 'ଧରିତ୍ରୀ'ରେ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପରତା ପ୍ରକାଶ କରିଛି। ବୁଧବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଅଶୋକ କୁମାର ମାଝି ଓ ଯନ୍ତ୍ରୀ ଭଗବାନ ଗୌଡ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ଭୁଶୁଡିପଡିଥିବା ପୋଲ ଅନୁଧ୍ୟାନ କରିବା ସହ ଶୀଘ୍ର ମରାମତି କରିବା ପାଇଁ ପଡାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଘଟଣାସ୍ଥଳରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର ଓ ସରପଞ୍ଚ ମଞ୍ଜୁଳା ହାତୀ ଉପସ୍ଥିତ ଥିଲେ।


ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଏବଂ ଯନ୍ତ୍ରୀ ଅନୁଧ୍ୟାନ କରୁଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସଚେତନତା ଶିବିର

**ସୋହେଲା,୩୧।୭(ଡି.ଏନ.ଏ):** ବରଗଡ ଜିଲା ସୋହେଲା ଅଗ୍ରସେନ ଭବନଠାରେ ବୁଧବାର ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଏକ ଅଣୁକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ତଥା ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଲକ୍ଷ୍ମୀଧର ସୋରେନ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିଳ୍ପକେନ୍ଦ୍ର ଅତିରିକ୍ତ ପରିଚାଳକ ମନୋଜ କୁମାର ଶତପଥୀ ଓ ସୋହେଲା ବ୍ଲକ ଶିଳ୍ପବିକାଶ ଅଧିକାରୀ ପୁଷ୍ପରଞ୍ଜନ ସାହୁ ରୋଜଗାର ସୃଜନ କାର୍ଯ୍ୟକ୍ରମ ଏବଂ ଅନୁମୋଦିତ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ ଏବଂ ଅଞ୍ଚଳର ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କୁ ରୋଜଗାରକ୍ଷମ ହେବାର ଉପାୟ ବତାଇଥିଲେ । ଶେଷରେ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ପୁଷ୍ପରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### କାର୍‌ଗିଲ ବିଜୟ ଦିବସ ଉଦ୍‌ଯାପିତ

**ଭଟଲି,୩୧।୭(ଡି.ଏନ.ଏ):** ଭଟଲି ଦଧିବାମନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ବୁଧବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ୨୪ ତାରିଖଠାରୁ ବିଭିନ୍ନ ପ୍ରକାର ଦେଶାତ୍ମବୋଧକ ପ୍ରତିଯୋଗିତାମାନ କଲେଜର ଛାତ୍ରୀଛାତ୍ରଙ୍କ ମଧରେ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଦିବସରେ କଲେଜର ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ଉପସ୍ଥିତ ଅତିଥି ଏବଂ ଅଧାପିକା ଅଧାପକ ମାନଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଦେଶ ପ୍ରତି ଶ୍ରଦ୍ଧା ରଖିବା ସହିତ ଦେଶପ୍ରେମରେ ନିଜକୁ ଉଦ୍‌ବୁଦ୍ଧ କରିବା ପାଇଁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଅଧାପକ ଚୂଡ଼ାମଣି ରଥ, ଆଶୀଷ ମହାନ୍ତି, ଶମ୍ଭୁନାଥ ଠାକୁର, ଜ୍ୟୋତି ତ୍ରିପାଠୀ, ଦିପ୍ତିବାଳା ପଧାନ, ହରିସ୍ମା ତାଣ୍ଡିଆ, କିଶୋରି ପଧାନ, ରିମା ବାଗ ଏବଂ ନମିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅମ୍ବାଭୋନା, ୩୧।୭ (ଡି.ଏନ.ଏ.):** ଅମ୍ବାଭୋନା ବ୍ଲକର ଲେଲେହର-ଚଣ୍ଡିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଟର ଟେଟେଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହୀରାଧର ସାହୁ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ତା'ର ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନପାଳ ସୁଦାମ ଜଗଦଲା, ଲେକୁ ପାଣ୍ଡେ ଏବଂ ଭଟଲି ବନାଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଲେଲେହର ଏବଂ ଚଣ୍ଡିପାଲି ଗ୍ରାମବାସୀଙ୍କ ସହଯୋଗରେ ଉତ୍ତମ ଗ୍ରାମ ପଞ୍ଚାୟତର ଖେଳପଡ଼ିଆରେ ଚାରା ରୋପଣ ହୋଇଥିଲା। ପ୍ରତି ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ତା'ର ଯତ୍ନ ନେବାକୁ ଶପଥ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ସୁରେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସରସ୍ୱତୀ ଶିଶୁ ମନ୍ଦିରରେ ବୈଦିକ ଗଣିତ ପ୍ରଶିକ୍ଷଣ ଶିବିର

**ଅମ୍ବାଭୋନା, ୩୧।୭ (ଡି.ଏନ.ଏ.):** ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୈଦିକ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପ୍ରଶିକ୍ଷକ ଭାବେ ଦୀନବନ୍ଧୁ ଦାଶ ଓ ନରେଶ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଫକୀର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଅଂଶଗ୍ରହଣ କରିଥିଲେ । ବୈଦିକ ଗଣିତ ପ୍ରତି ଛାତ୍ରୀଛାତ୍ରଙ୍କ ରୁଚି ବଢ଼ାଇ ଜଟିଳ ଗଣିତର ସରଳ ସମାଧାନର ସୂତ୍ର ଖୋଜି ବାହାର କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ବୋଲି ପରିଚାଳନା ସମିତି ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ ସୂଚନା ଦେଇଛନ୍ତି। ବୁଦ୍ଧଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

■ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି–ବି ବୈଠକ

# ଚାଷ, ଚାଷୀର ବିକାଶକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି–ବିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି–ବିର ଅଧ୍ୟକ୍ଷ ଅଶୋକ କୁମାର ସାହୁ ଉପସ୍ଥିତ ଅନ୍ୟ ଜନ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବୈଠକର ପ୍ରାରମ୍ଭରେ କୃଷି ବିଭାଗର ଆଲୋଚନା ହୋଇଥିଲା। କୃଷି ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକର ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ମୁଗ, ଚିନାବାଦାମ ଉପରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଅନ୍ୟପଟେ କାଳିଆ ଯୋଜନାରେ ପ୍ରକୃତ ହିତାଧିକାରୀ ପ୍ରାପ୍ୟରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କମିଟିରେ ଅଧ୍ୟକ୍ଷ ସାହୁ ଅଭିଯୋଗ କରିଥିଲେ। ପୂର୍ବ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବ ଯୋଜନାରେ ବରଗଡ଼ ଜିଲାରେ ୧୫୦୦ ହେକ୍ଟର ଜମିରେ ଧାନ ଧାଡ଼ିରେ ବୁଣିବା କିମ୍ବା ରୋଇବା ପାଇଁ ଯୋଗାଇ ଦିଆଯାଇଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ପରମ୍ପରାଗତ କୃଷି ବିକାଶ ଯୋଜନାରେ ୪୫ଟି କ୍ଲଷ୍ଟର ନିଆଯାଇ ମୋଟ୍ ୨୨୫୦ ଏକର ଜମିରେ ଜୈବିକ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ବିହନ ଉତ୍ପାଦନ ଯୋଜନାରେ ୧୧୩୫ ହେକ୍ଟର ଜମିରେ ଧାନ ବିହନ ଏବଂ ୭୭୫ ହେକ୍ଟର ଜମିରେ ଚିନାବାଦାମ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଜିଲାରେ ଯଥେଷ୍ଟ ପରିମାଣରେ ସାର ମହଜୁଦ ରହିଛି ଏବଂ ଅଣରଣୀ ଚାଷୀମାନେ ସେବା ସମବାୟ ସମିତିରୁ ୟୁରିଆ, ଡିଏପି, ପଟାସ ତଥା ଅନ୍ୟାନ୍ୟ ସାର ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣିପାରିବେ ବୋଲି କୃଷି ଅଧିକାରୀମାନେ କହିଥିଲେ। ଏବର୍ଷ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧ଲକ୍ଷ ୪୨ହଜାର ଚାଷୀ ପଞ୍ଜୀକରଣ ସରିଥିବା ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ ସୂଚନା ଦେଇଥିଲେ।

ଜିଲା ପ୍ରାଣୀ ଚିକିତ୍ସା ବିଭାଗର ସମୀକ୍ଷାବେଳେ ଡିପିଲିଟର ମାଧ୍ୟମରେ ଅଣ୍ଡା ଉତ୍ପାଦନ ପାଇଁ ୨୦୫ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫୪ହଜାର ଟଙ୍କା ଲେଖାଏଁ ରିହାତି ଯୋଗାଇ ଦେବାର ଯୋଜନା ରହିଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧୮ଜଣ ଆବେଦନ କରିଥିବାବେଳେ ୧୫ଜଣଙ୍କୁ ଅନୁମତି ଦିଆଯାଇଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ମରୁଡ଼ି ଓ ପୋକ ପ୍ରଭାବିତ ଅଞ୍ଚଳରେ ସହାୟତା ପାଇଁ ୧୨୨୫ ଚାଷୀଙ୍କୁ ୪୯ହଜାର ୮୯୮ ଚିଆଁ ବଣ୍ଟନ କରାଯାଇଛି ଏବଂ ପଶୁବୀମା ଯୋଜନାରେ ୯୦୮ ଜନ୍ତୁଙ୍କୁ ବୀମାଭୁକ୍ତ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଛେଳିପାଳନ ପାଇଁ ୩୦୦ ଚାଷୀଙ୍କୁ ୧୭ହଜାର ୫୦୦ଟଙ୍କା ଅନୁଦାନ ଦେବାର ବ୍ୟବସ୍ଥା ରହିଛି ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ଦ୍ୱାରା ୨୬୦ଟି ଦୁଗ୍ଧ ସମିତି ମାଧ୍ୟମରେ ୬୨ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଇଛି ବୋଲି ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ତରୁଣ କୁମାର ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପଣ୍ଡା ପ୍ରକାଶ କରିଥିଲେ। ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ (ଓମଫେଡ୍)ର କାର୍ଯ୍ୟ ସମୀକ୍ଷାବେଳେ ବରଗଡ଼ ଜିଲାରେ ମୋଟ୍ ୨୬୦ଟି ଦୁଗ୍ଧ ଉତ୍ପାଦକ ସମବାୟ ସମିତି ରହିଛି। ଏଥିମଧ୍ୟରୁ ୧୫୭ଟି ପଞ୍ଜୀକୃତ ହୋଇଥିବା ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ସଂଘରେ ସମୁଦାୟ ୧୨ହଜାର ୧୨୬ଜଣ ସଭ୍ୟ ରହିଥିବା ବେଳେ ଦୈନିକ ୬୧ହଜାର ୫୫୭ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ସୂଚନା ଦିଆଯାଇଥିଲା। ଜିଲାରେ ୧୧୧ଟି ପ୍ରଜନନ କେନ୍ଦ୍ର ଥିବାବେଳେ ୬୦ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ରହିଥିବା ବେଳେ ୧୭ଟି ଛୋଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଥିବା ଅଧିକାରୀମାନେ କହିଥିଲେ। ୭୩ଟି ଦୁଗ୍ଧ ସମବାୟ ସମିତିର ନିଜସ୍ୱ ଗୃହ ରହିଛି ଏବଂ ୫୦ପ୍ରତିଶତ ରିହାତିରେ ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରଦାନ କରାଯାଉଥିବା ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ମହାକୁର କହିଥିଲେ।

ମତ୍ସ୍ୟ ବିଭାଗର ସମୀକ୍ଷାବେଳେ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ମୋ ପୋଖରୀ ଯୋଜନାରେ ୨୦ହେକ୍ଟର ଜମିରେ ମାଛଚାଷ କରିବା ପାଇଁ ଯୋଜନା ରହିଛି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ପଞ୍ଚାୟତ ପୋଖରୀରେ ୧୨୦ହେକ୍ଟର ଜମିରେ ମାଛଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ନୀଳ ବିପ୍ଳବ ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଦୀର୍ଘମିଆଦି ଯୋଜନାରେ ୬ ହେକ୍ଟର ଜମିରେ ମାଛଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ଏବଂ ୯୦ଟି ସ୍ୱୟଂ ସହାୟିକା ଗୋଷ୍ଠୀରୁ ୧୮୦ଜଣ ସଭ୍ୟଙ୍କୁ ୬ଟି ପର୍ଯ୍ୟାୟରେ ତାଲିମ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ମତ୍ସ୍ୟ ଅଧିକାରୀ ସୂଚନା ଦେଇଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋ, ସାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ ।

### ସାପ କାମୁଡ଼ାରେ ମହିଳା ମୃତ

**ଘଣ୍ଟାପଡା,୩୧।୭**

କେନ୍ଦୁପତ୍ର ଫଡିରେ ଶୋଇଥିବା ବେଳେ ସୋମବାର ବିଳମ୍ବିତ ରାତ୍ରିରେ ଏକ ବିଷଧର ସାପ କାମୁଡି ଦେବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଘଣ୍ଟାପଡା ପଞ୍ଚାୟତ ମାଣ୍ଡିଆଯୋର ଗ୍ରାମର ଜାନକୀ ଦେହୁରୀ(୩୫)। ସେ ଗୋଛାଚୋରା ପତ୍ରଫଡିରେ ପତ୍ର ବନ୍ଧେଇ କାମରେ ନିୟୋଜିତ ଥିଲେ। ଗତ ସୋମବାର ରାତ୍ରି ପ୍ରାୟ ଦୁଇଟା ସମୟରେ ଫଡିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ ସୋନପୁର ଏବଂ ପରେ ବୁର୍ଲା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ମନମୁଣ୍ଡା,୩୧।୭(ଡି.ଏନ.ଏ.)**

ମନମୁଣ୍ଡା ଥାନା ବିଲାସପୁର ପଞ୍ଚାୟତ ଥାଟିପାଲି ଗ୍ରାମର ବୁବୁନ ଖମାରୀ(୨୨)ଙ୍କ ବିଦ୍ୟୁତ ସଂସ୍ପର୍ଶରେ ମଙ୍ଗଳବାର ମୃତ୍ୟୁ ହୋଇଛି । ସେ ତାଙ୍କ ନିଜ ବୋରୱେଲରେ ମଙ୍ଗଳବାର ଅପରାହ୍ନ ସମୟରେ ବିଦ୍ୟୁତ ସଂଯୋଗ କରୁଥିଲେ । କୌଣସି ପ୍ରକାରେ ତାର ସହ ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ସମୟରେ ତାଙ୍କୁ ସୋନପୁର ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନପୁର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଦବାର ଶବ ବ୍ୟବଚ୍ଛେଦ କରାଇଛି । ମୃତକ କଣ୍ଟାମାଳ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ରତନ ଖମାରୀଙ୍କ ଏକମାତ୍ର ପୁତ୍ର ଥିଲେ ।

## ବୌଦ୍ଧ ପଞ୍ଚାୟତ କଲେଜର ୪୧ତମ ପ୍ରତିଷ୍ଠା ଦିବସ

**ବୌଦ୍ଧ,୩୧।୭(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ଓ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡଃ ଶାନ୍ତିରାଣୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଜିଲାପାଳ ନିଜ ବକ୍ତବ୍ୟରେ କହିଥିଲେ, ଶିକ୍ଷାନୁଷ୍ଠାନର ମାନଦଣ୍ଡ ଶିକ୍ଷାଦାନରୁ ହିଁ ଜଣାପଡିଥାଏ। ଜିଲାରେ ଥିବା ଏହି ସର୍ବପୁରାତନ ମହାବିଦ୍ୟାଳୟ ଆଜି ୪୨ ବର୍ଷରେ ପଦାର୍ପଣ କରିଥିବା ବେଳେ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବା ସହିତ ନିଜର ଗୁଣବତ୍ତା ବଜାୟ ରଖିପାରିଥିବାରୁ ଜିଲାପାଳ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟର ସମସ୍ତ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୋ କଲେଜ ଅଭିଯାନକୁ କ୍ରିୟାଶୀଳ କରିବା ସହିତ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ମହାବିଦ୍ୟାଳୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନରେ ରହିଥିବା ଅନେକ ସମସ୍ୟା ସଂପର୍କରେ ଅତିଥିମାନଙ୍କୁ ଅବଗତ କରାଇବା ସହିତ ଜିଲା ପ୍ରଶାସନର ସହଯୋଗ ଯୋଗୁ ବିଦ୍ୟୁତ ଓ ଛାତ୍ରାବାସ ସମସ୍ୟା ଦୂର ହୋଇଥିବାବେଳେ ନାକ୍ କମିଟି ପରିଦର୍ଶନ ପୂର୍ବରୁ ଅନ୍ୟ ସମସ୍ୟା ଗୁଡିକୁ ଗୁରୁତ୍ୱ ଦେଇ ତୁରନ୍ତ ତାହାର ସମାଧାନ କରାଗଲେ ଏହି ମହାବିଦ୍ୟାଳୟର ସବୁ କ୍ଷେତ୍ରରେ ଉନ୍ନତି ହେବା ସହିତ ଭବିଷ୍ୟତର ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ମହାପାତ୍ର ପ୍ରକାଶ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଡଃ. ପ୍ରଭାସ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲାଇବ୍ରେରିୟାନ ଶଙ୍କର ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡଃ. ମହେନ୍ଦ୍ର ନାଥ ଦେବତା, ନିରଞ୍ଜନ ମିଶ୍ର, ପ୍ରବୀର କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ଭଗବାନ ବୁଦ୍ଧ ଓ ପ୍ରତିଷ୍ଠାତା ସ୍ୱର୍ଗତ ନଟବର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବୃକ୍ଷରୋପଣ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ, ପୂର୍ବତନ କଲେଜ ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ୫୧ୟୁନିଟ୍ ରକ୍ତ ସଂଗ୍ରହ

**ଅତାବିରା,୩୧।୭(ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ କୁଲିତାଟୁକୁରାର ଗାନ୍ଧିଚିତ୍ରାରେ ମାଷ୍ଟର ଅଫ୍ ହେଲ୍‌ଥ ଆନୁକୂଲ୍ୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୁଲିତାଟୁକୁରା ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ କୁମାର ମାହାଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଟ୍ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭୀମସାର୍, ବୁର୍ଲା ଡାକ୍ତରଖାନା ରକ୍ତଭଣ୍ଡାରର ସୂର୍ଯ୍ୟନାରାୟଣ ବେହେରା, ଡା. କାଳୀଚରଣ କିସ୍କୋ, ସୁବାଶିଷ ଶାହା, ଲାଲୁ ବିଶ୍ୱାଳ, ଶାନ୍ତନୁ କୁମାର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସୁଶାନ୍ତ ସାହୁ ଶିବିର ପରିଚାଳନା କରିଥିବା ବେଳେ ସୁରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

### ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

**ପାଇକମାଳ, ୩୧।୭(ଡି.ଏନ.ଏ.)**

ପାଇକମାଳ ସ୍ଥିତ ସତ୍‌ସଙ୍ଗ କେନ୍ଦ୍ରରେ ଅନୁକୂଳଚନ୍ଦ୍ରଙ୍କ ୧୨୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହାସହ ସତ୍‌ସଙ୍ଗ କେନ୍ଦ୍ରର ୧୩ତମ ବାର୍ଷିକୋତ୍ସବ ପାଳିତ ହୋଇଛି । ପରେ ଆୟୋଜିତ ସଭାରେ ଲାଞ୍ଜିଗଡ କଲେଜର ଅଧ୍ୟାପକ ସରୋଜକାନ୍ତ ଜେନା ମୁଖ୍ୟବକ୍ତା, ସମ୍ବଲପୁରର ଋତ୍ୱିକ୍ ଶ୍ୟାମସୁନ୍ଦର ନାୟକ, ଜଟାଧାରୀ ବାରିକ, ଯୁଗଳ କିଶୋର ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପାଇକମାଳ ଅଞ୍ଚଳର ଶତାଧିକ ଭକ୍ତ ସହଯୋଗ କରିଥିଲେ ।

### ଗାଁ କଲ୍ୟାଣ ସମିତିର ରକ୍ତଦାନ ଶିବିର

**ଭଟଲି,୩୧।୭(ଡି.ଏନ.ଏ)**

ଭଟଲି ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ସୁଲୁସୁଲିଆ ଗ୍ରାମରେ ଗାଁ କଲ୍ୟାଣ ସମିତି ସମୂହ ପକ୍ଷରୁ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଜାତା ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଗ୍ରାମର ମହିଳା ପୁରୁଷ ଯୋଗଦେଇ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପ୍ରଦୀପ ମିଶ୍ର, ନୀଳାମ୍ବର ହୋତା, ଡା. ରିତେଶ ସାହୁ, ଡା. ସଙ୍ଗୀତ କୁମାର ମିଶ୍ର, ମନୋରଞ୍ଜନ ପ୍ରଧାନ, ଉମେଶ ପ୍ରଧାନ, ଝସକେତନ ଧରାଇ, ସନାତନ ନାଗ, ତେଜଭାନୁ ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବରଗଡ଼ ଗାଁ କଲ୍ୟାଣ ସମିତିର ସହ ପ୍ରବନ୍ଧକ ଦୀପାଞ୍ଜଳି ପ୍ରଧାନ, ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ମଚାରୀ ଏବଂ ଗାଁ କଲ୍ୟାଣ ସମିତିର ସଭ୍ୟାସଭ୍ୟ ସହଯୋଗ କରିଥିଲେ । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ପରେ ମନୋରଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡୁମଗାଁରେ ନୂତନ ଡାକଘର ଉଦ୍‌ଘାଟିତ

**ବରପାଲି,୩୧।୭(ଡି.ଏନ.ଏ.)**

ବରପାଲି ବ୍ଲକ ଅନ୍ତର୍ଗତ ଡୁମଗାଁରେ ଏକ ନୂତନ ଡାକଘର ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଡାକମଣ୍ଡଳ ଅଧୀକ୍ଷକ ବାନାମ୍ବର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳର ବରିଷ୍ଠ ଆଇପିଏସ୍ ଭି. ଅମ୍ବରେଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟାନ୍ୟ ଅତିଥି ଭାବେ ବରଗଡ଼ ପୋଷ୍ଟାଲ ପ୍ରବନ୍ଧକ ମନ୍ତୁ ସାହୁ, ସହକାରୀ ଅଧୀକ୍ଷକ ରିଜିଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ସାହୁ ଓ ସରପଞ୍ଚ ଡୋଲାମଣି ପଧାନ ପ୍ରମୁଖ ଯୋଗଦେଇ ଡାକସେବାର ଉପକାରିତା ଓ ପୋଷ୍ଟାଲ ବ୍ୟାଙ୍କ ସେବା ଉପରେ ସୂଚନା ଦେଇଥିଲେ। ଉତ୍ସବରେ ବିଭିନ୍ନ ପଦାଧିକାରୀ ଓ ବରପାଲି ଶାଖାର ଡାକକର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

■ ଭଂଗା ଦଦ୍‌ରା କୁଠିଥି ଚାଲିଛେ ପାଠ୍‌ପଢ଼ା

# ବିଭାଗୀୟ କତ୍ତୁର୍‌ପକ୍ଷଙ୍କର ନିଘା ନାଇଁ

**ସୋହେଲା,୩୧।୭(ଡି.ଏନ୍.ଏ):**

ବରଗଡ଼ ଜିଲା ସୋହେଲା ବ୍ଲକ ଅଧୀନ ଗର୍ଭଣା ଟିଓୟୁପି ସ୍କୁଲରେ ଛାତ୍ରୀଛାତ୍ର ବିପଦ୍ ଅବସ୍‌ତାରେ ଥିବାର ପଢ଼ାକୁଠିମାନକେ ବସି ପାଠ୍ ପଢୁଥିବାର ଦେଖିବାକେ ମିଳିଛେ। ସୂଚନା ଅନ୍‌ସାରେ ୧୯୬୫ ସାଲେ ଥାପିତ ଇ ସ୍କୁଲ ତାର ସୁବର୍ଣ୍ଣ ଜୟନ୍ତୀ ଉଛବ ପାଲନ କରି ସାରିଛେ। ସ୍କୁଲରେ ୬ଷ୍ଠରୁ ୮ମ ଶ୍ରେଣୀ ତକ୍ ପଢ଼ବାର ବେବସ୍‌ତା ରହିଥିଲାବେଲେ ଏହେଦେ ମୋଟ ୧୪୨ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ହେଲେ ଦୁଖର କଥା ଇ ପୂରାତନ ସ୍କୁଲର ଭିତିଭୂମି ଉପରେ କେହେନ୍‌ସି ଅଧିକାରୀକଁର ଧିଆନ୍ ନାଁଇଁନ। ସ୍କୁଲର ପଢ଼ାକୁଠିମାନ ପୁରନା ହେବାର ସଂଗେ କାଁଥି ଆର ଛାତ ଦୁରବଲ ହେଇଗଲାନ। ଛାତୁ ସିମେଟ ଚକଡ଼ା ଛାଡ଼ି ଲୁହାଛଡ଼ ଯାକ ଜଲ୍ ଜଲ୍ ଦିଶୁଛେ। ଅଲପ ବରଷାରେ ବି ଛାତୁ ପାଏନ୍ ଗଲବାର ଲାଗି ଛାତ୍ରୀଛାତ୍ରକଁର ପାଠ୍‌ପଢ଼ାରେ ବଡ଼ଭାରି ଅସ୍‌ବିଧା ହେଉଛେ। ଅନେକ ସମିଆରେ ପାଠ୍‌ପଢ଼ା ବେଲେ ଛାତୁ ସିମେଟ ଚକଡ଼ା ଛାତ୍ରୀଛାତ୍ରକର ଉପରେ ପଡୁଛେ। ଏନ୍‌ତାଥି ଅଭିଭାବକମାନେ ବି ଚିନ୍‌ତା ପରକଟ କରିଛନ୍। ଇଆଡ଼େ ବିଇଓ ଅଫିସ ଚିଠି ନମ୍ବର ୧୭୭୩/ତା.୧୧/୧୨/୨୦୧୫ ଅନ୍‌ସାରେ ଇ ସ୍କୁଲ କୁଠାକେ ବିପଦ୍ ଦେଖେଇ ଭାଂଗି ଦେବାକେ ନିରଦେଶ ଦିଆଯାଇଛେ। ହେଲେ ଆଏଜ୍‌ତକ ଇ କୁଠାମାନ ଭଂଗା ନାଇଁଯାଇ କି ନୂତନ କୁଠି ତିଆର ନାଇଁହେଇ। ଏହେଦେ ଇ କୁଠିମାନ ଭାଂଗବା କିଏ ବଲି ସାଧାରନ୍‌ରେ ପ୍ରଶ୍ନ ଉଠିଛେ। ଏଭେ ସ୍କୁଲ ପରିସରରେ ଗୁଟେ ନୂତନ କୁଠି ତିଆର ହେଇଛେ, ସେଥିରେ ୬ଷ୍ଠ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍ ପଢୁଛନ୍। ହେଲେ ୭ମ, ୮ମ ଶ୍ରେଣୀର ଛାତ୍ରୀଛାତ୍ର ବିପଦ୍ ଅବସ୍‌ତାରେ ଥିବାର ପୁରନା କୁଠିମାନକେ ବସି ପଢୁଛନ୍। ଏହେଦେ ବରଷା ଦିନ ଆସିଯିବାର ଲାଗି ଛାତୁ ପାଏନ୍ ଝରବାର ସଂଗେ ଛାତ୍ରୀଛାତ୍ରକର ପାଠ୍‌ପଢ଼ାରେ ବଡ଼ଭାରି ଅବସ୍‌ବିଧା ଦେଖାଦେଇଛେ। ଇ ବାବ୍‌ଦେ ସ୍କୁଲର ପ୍ରଧାନଶିକ୍ଷକ ହାରାଧନ ପଟେଲକୁଁ ପଚରାଲାରୁ ସ୍କୁଲର ସମସିଆ ବାବ୍‌ଦେ ଗାଁବାସୀ, ବିଇଓ, ବିଡିଓ ଆର ଜିଲାପାଲକଁର ଅଭିଯୋଗ କୁଠିଥି ଅଭିଯୋଗ କରିଛନ୍। ହେଲେ ସମସିଆର ସମାଧାନ ଦିଗେ ଆଏଜ୍‌ତକ କିଛି ପଦକ୍ଷେପ ନାଇଁ ନିଆଯାଇ ବଲି ସେ କହିଥିଲେ। ଘଟନା ବାବ୍‌ଦେ ଏବିଇଓ ସରୋଜ କୁମାର ଦୀପକୁଁ ପଚରାଲାରୁ ସ୍କୁଲର କୁଠାମାନ ବିପଦ୍ ଅବସ୍‌ତାରେ ଥିବାର କଥା ଉଚ କତ୍ତୁରପକ୍ଷକୁଁ ଜନେଇ ଦିଆଯାଇଛେ ବଲି ସେ କହିଥିଲେ। ସେ ଯାହା ବି ହେଉ ଇଠାନେ ପାଠ୍‌ପଢୁଥିବାର ଛାତ୍ରୀଛାତ୍ରକଁର ସୁରକ୍ଷା, ଭବିଷତ୍‌କେ ଦେଖି ନୂତନ ପଢ଼ାକୁଠିମାନ ତିଆର କରବାର ଦିଗେ ପରଶାସନ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### କଫ୍ ସିରଫ ଜବତ, ୨ଗିରଫ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ଟାଉନ ଥାନା ପୋଲିସ ବୁଧବାର କଫ ସିରଫ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶୋକ ଛତ୍ରୀ ଓ ସିଦ୍ଧାନ୍ତ ଭୁଏ । ସେମାନଙ୍କ ପାଖରୁ ୫୦ଟି କଫ୍ ସିରଫ ଜବତ ହୋଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି । ଏ ନେଇ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ପୂଜାରୀ ପ୍ରକାଶ କରିଛନ୍ତି ।

### ସତ୍‌ସଙ୍ଗ ବିହାରରେ ଜନ୍ମୋତ୍ସବ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ସତସଙ୍ଗ ବିହାର ପକ୍ଷରୁ ବୁଧବାର ଶ୍ରୀ ଶ୍ରୀ ବଡ଼ମାଁଙ୍କ ୧୨୬ତମ ଜନ୍ମୋତ୍ସବ ପାଳନ କରାଯାଇଛି । ଏହି ଅବସରରେ ପ୍ରାତଃ ଭଜନ, ସଂକୀର୍ତ୍ତନ ହୋଇଥିଲା । ଦିନ ୧୧ଟାରେ ସତସଙ୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବଡ଼ମାଁଙ୍କ ତ୍ୟାଗ, ନିଷ୍ଠା, ପରୋପକାରିତା ଉପରେ ଶ୍ରଦ୍ଧାଳୁମାନେ ଆଲୋକପାତ କରିବା ସହିତ ଆଧୁନିକ ନାରୀ ତାଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା । ସଭାରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

■ ପଶ୍ଚିମ ଓଡ଼ିଶାରେ ପ୍ରଥମ

# ବିକାଶ ହସ୍ପିଟାଲରେ ବାଏପାସ୍ ସର୍ଜରି

**ବରଗଡ଼ ଅଫିସ୍,୩୧।୭**



ବାଏପାସ୍ ସର୍ଜରି ଉପରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ବାଏ ପାସ୍ ସର୍ଜରି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏଭଳି ସଫଳତା ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ହସପିଟାଲର ଡାଇରେକ୍ଟର ଡା. ହିମାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ ସୂଚନା ଦେଇ ଆହୁରି କହିଥିଲେ, ଗତ ୨୬ତାରିଖ ଜଣେ ଅସୁସ୍ଥ ବୃଦ୍ଧ(୭୦) ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଭର୍ତ୍ତି ହୋଇଥିଲେ। ଉକ୍ତ ହସପିଟାଲର କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା ଏଞ୍ଜିଓଗ୍ରାଫି ଦ୍ୱାରା ରୋଗୀଙ୍କ ପରୀକ୍ଷା କରିଥିଲେ। ପରୀକ୍ଷାରେ ହାର୍ଟ(ହୃତପିଣ୍ଡ)ର ୩ଟି ଧମନୀରେ ୯୯ରୁ ୧୦୦ ପ୍ରତିଶତ ବ୍ଲକେଜ୍ (ଟ୍ରିପଲ ଭେସେଲ୍ ଡିଜିଜ୍) ଥିବା ଜାଣିବାକୁ ପାଇଥିଲେ ଏବଂ ରୋଗୀଙ୍କୁ ବାଏପାସ୍ ସର୍ଜରୀ ପାଇଁ ପରାମର୍ଶ ଦେଇଥିଲେ। ସର୍ଜରୀରେ ୩ଟି ବ୍ଲକେଜକୁ ଗୋଡ଼ ଏବଂ ଛାତିର ଷ୍ଟର୍ନମ ଶିରା ଦ୍ୱାରା ବାଏପାସ୍ କରାଯାଇଥିଲା। ଉକ୍ତ ପ୍ରକ୍ରିୟା ପାଇଁ ସାଢ଼େ ୪ଘଣ୍ଟା ସମୟ ଲାଗିଥିଲା। ରୋଗୀଙ୍କ ସର୍ଜରୀ ପରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା ଏବଂ ଆଇସିୟୁରେ ୨ଦିନ ରଖାଯିବା ପରେ ବୁଧବାର ତାଙ୍କୁ ଜେନେରାଲ ୱାର୍ଡ଼ରେ ରଖାଯାଇଛି। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଇକୋ ଓ ଇସିଜି ସାଧାରଣ ଥିବା ସେ କହିଥିଲେ। ଉକ୍ତ ସର୍ଜରୀ କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ବେହେରାଙ୍କ ଦ୍ୱାରା ହୋଇଥିବା ବେଳେ ଆନେସ୍ଥେସିଷ୍ଟ ଡା. ଶ୍ରୀହର୍ଷା, କାର୍ଡ଼ିଓଲୋଜିଷ୍ଟ ଡା. ପ୍ରଭାତ ରଞ୍ଜନ ମହାପାତ୍ର, ପର୍ଫୁଜନିଷ୍ଟ ସର୍ଜିକାଲ ଆସିଷ୍ଟାଣ୍ଟ, ସ୍କ୍ରବ ଆସିଷ୍ଟାଣ୍ଟ, ଆଇସିୟୁ ନର୍ସ ଟିମ ପ୍ରମୁଖ ୧୫ଜଣିଆ ଟିମ୍‌ଙ୍କ ଉଦ୍ୟମ ଯୋଗୁ ସଫଳ ହୋଇପାରିଥିବା ଡାଇରେକ୍ଟର ଡା. ମିଶ୍ର ସୂଚନା ଦେଇଥିଲେ। ଉକ୍ତ ସଫଳତା ପାଇଁ ବିକାଶ ହସପିଟାଲ ପରିଚାଳନା କମିଟି ପକ୍ଷରୁ ସେହି ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ହସ୍‌ପିଟାଲର ଆଡ଼ମିନିଷ୍ଟ୍ରେଟିଭ ମ୍ୟାନେଜର ଡି. ବିବେକ, କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା, ହୃଦରୋଗ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲର ଚିଫ୍ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଡା. ସି.ଏଚ୍ ରବି କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

■ କନ୍ଧମାଳରେ ସାରର ବ୍ୟାପକ କଳାବଜାର

# ୪୫ କେଜି ୟୁରିଆ ବସ୍ତାକୁ ୩୫୦ ଟଙ୍କା

**କନ୍ଧମାଳ,୩୧।୭(ଡି.ଏନ.ଏ)**

ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳରେ ସାରର ବ୍ୟାପକ କଳାବଜାର ହେଉଛି। ୪୫ କେଜି ୟୁରିଆ ସାରର ସରକାରୀ ଧାର୍ଯ୍ୟ ଦର ୨୬୬ ଟଙ୍କା ରହିଥିବା ବେଳେ କଳାବଜାରରେ ତାହା ୩୫୦ ଟଙ୍କାରେ ବିକ୍ରି ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ଦରଠାରୁ ପ୍ରାୟ ୮୦ ଟଙ୍କା ଅଧିକ ଦରରେ ୟୁରିଆ ସାର ବିକ୍ରି ଚାଲିଥିବା ବେଳେ ଡିଏପି, ଗ୍ରୋମର ଆଦି କମ୍ପାଉଣ୍ଡ ସାର ୫୦ରୁ ୧୦୦ଟଙ୍କା ଅଧିକ ଦରରେ ବିକ୍ରି ହେଉଛି। ମୁଖ୍ୟତଃ ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେବା ସହ କଳାବଜାରରେ ଚାଷୀଙ୍କୁ କିଣିବାକୁ ପଡୁଛି। ଚଳିତ ଖରିଫ ଚାଷ ମୌସୁମୀର ଅନିୟମିତତା ପାଇଁ ଉଛୁର ହୋଇଛି। ଅଞ୍ଚଳର ଅଶୀ ପ୍ରତିଶତ ଜମିରେ ଚାଷକାମ ଅଟକି ରହିଥିବା ବେଳେ ଏହି ୨ ଦିନ ହେବ ତଳିରୁଆ ଓ ବିହୁଡା କାମ ଆରମ୍ଭ ହୋଇଛି। ଚାଷକାମ ଡେରି ହୋଇଥିବାରୁ ଚାଷୀ କଳାବଜାରରେ ସାର କିଣି ପ୍ରୟୋଗ କରୁଛନ୍ତି। କୃଷି ବିଭାଗର ସୂଚନା ଅନୁଯାୟୀ, ଇଫକୋ କମ୍ପାନୀର ଡିଏପି ସାର ୧୩ଶହ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ଟଙ୍କା ରହିଛି। ପିପିଏଲ କମ୍ପାନୀର ଡିଏପି ୧୩୪୦ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ୪୦ ଟଙ୍କା ରହିଛି। ସେହିପରି ଆଇପିଏଲ କମ୍ପାନୀର ଡିଏପି ୧୪ଶହ ଟଙ୍କା ରହିଛି। ତେବେ କଳାବଜାରରେ ବେପାରୀମାନେ ସ୍ଥଳବିଶେଷରେ ୫୦ରୁ ଶହେ ଟଙ୍କା ଅଧିକ ଦରରେ ସାର ବିକ୍ରୟ କରୁଛନ୍ତି । ଏପରିକି କେତେକ ବ୍ୟବସାୟୀ ସରକାରୀ ଲାଇସେନ୍ସ ନ ଥାଇ ବ୍ୟାପକ ପରିମାଣର ସାର କଳାବଜାର ପାଇଁ ଗଚ୍ଛିତ ରଖିଛନ୍ତି। ସାରର ଉଚିତ ବିକ୍ରୟ ନେଇ କୃଷି ବିଭାଗ ନିରବତା ଅବଲମ୍ବନ କରୁଥିବା ବେଳେ କର୍ମଚାରୀ ଅଭାବରୁ ଉପଯୁକ୍ତ ତଦାରଖ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସହକାରୀ କୃଷି ଅଧିକାରୀ ଦେବାଶିଷ ନାୟକଙ୍କୁ ପଚାରିବାରୁ ସେ କହିଲେ, ନିର୍ଦ୍ଦିଷ୍ଟ ଭାବେ ସାରର କଳାବଜାର ନେଇ ଅଭିଯୋଗ ପାଇନାହିଁ। ବିଭାଗ ପକ୍ଷରୁ ଉପଯୁକ୍ତ ଦରରେ ସାର ବିକ୍ରି କରିବାକୁ ସମସ୍ତ ରିଟେଲର ଓ ଡିଲରଙ୍କୁ ତାଗିଦ କରାଯାଇଛି।

# ରେଳ ସମସ୍ୟାର ପ୍ରତିକାର ପାଇଁ ସଂଗ୍ରାମ ଜାରି ରହିବ

**ବରଗଡ଼ ଅଫିସ୍,୩୧।୭**



ସାଧାରଣ ସଭାରେ ଉପସ୍ଥିତ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ମିଳନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ଦେବତା ସଂଘ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ସୂଚନା ଦେବା ସହିତ ନୂତନ ସଦସ୍ୟଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କମଳ ଯୋଷୀ ୨୦୧୧ରୁ ଗଠିତ ହୋଇଥିବା ଏହି ସଂଘ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ଦେଇଥିଲେ। ସଂଘର କାର୍ଯ୍ୟକାଳ ସରିଯାଇ ଥିବାରୁ କମିଟି ଭଙ୍ଗ କରି ନୂତନ କର୍ମକର୍ତ୍ତା ମନୋନୟନ ପାଇଁ ଘୋଷଣା କରାଯାଇଥିଲା। ସଭାପତି ପଦରେ ପୁନଃ ଅବସ୍ଥାପିତ ହେବା ପରେ ପ୍ରଦୀପ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଦେବତା ଆଗାମୀ ଦିନରେ ଭୁବନେଶ୍ୱରକୁ ସକାଳ ଟ୍ରେନ ଏବଂ ଦିଲ୍ଲୀକୁ ବରଗଡ଼ ଦେଇ ଟ୍ରେନ ଚଳାଚଳ ପାଇଁ ଜୋରଦାର ସଂଗ୍ରାମ କରିବାକୁ ଆହ୍ୱାନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଲୋକସଭାରେ ବରଗଡ଼ରେ ରେଳସେବାର ଉନ୍ନତି ପାଇଁ ଦାବି ଜଣାଇଛନ୍ତି। ଫଳରେ ସେ ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ସହିତ ଅନ୍ୟାନ୍ୟ ରେଳ ସମସ୍ୟାର ପ୍ରତିକାର ପାଇଁ ସଂଘ ତାର ସଂଗ୍ରାମ ଜାରି ରଖିବ ବୋଲି ସଭାରେ ସୂଚନା ଦିଆଯାଇଥିଲା। ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଇନ୍ଦିରା ମହାନ୍ତି, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନିର୍ମଳ କର, ଲକି ମିରଓ୍ୱାନୀ, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଦୀପକ ରେଖାନୀ, ରାମକୃଷ୍ଣ ମେହେର, ସି.ଏମ ରାଓ, ଦିପ୍ତୀମୟୀ ମିଶ୍ର, ବିଷ୍ଣୁ ଧାନୁକା, ମହମ୍ମଦ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

■ ବୌଦ୍ଧ ଜିଲାରେ ମରୁଡ଼ିର ପଦଧ୍ୱନି

# ଜିଲାରେ ୩୦ ପ୍ରତିଶତ କମ୍ ବର୍ଷା

**ବୌଦ୍ଧ, ୩୧।୭(ସ୍ୱ.ପ୍ର)**

ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ବୌଦ୍ଧ ଜିଲାରେ ବର୍ଷା ଅନୁପାତ ବହୁତ କମ୍ ଥିବାରୁ ଚାଷକାର୍ଯ୍ୟ ପଛରେ ପଡିଛି। ଫଳରେ ଜିଲାର ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଅଦ୍ୟାବଧି ଜିଲାରେ ୩୦ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଚାଷ ଜମିରେ ଧାନ ବୁଣା ହୋଇଛି। ବୌଦ୍ଧ ଜିଲାରେ ଜୁନ ମାସରେ ସାଧାରଣତଃ ୨୩୪ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୧୬୪ ମିମି ବର୍ଷା ହୋଇଛି। ଜୁନ ମାସରେ ବୌଦ୍ଧ ବ୍ଲକରେ ୧୭୧ ମିମି, ହରଭଙ୍ଗା ୧୭୧ ମିମି ଓ କନ୍ଧମାଳ ବ୍ଲକରେ ୧୫୧ ମିମି ବର୍ଷା ହୋଇଛି । ଜୁଲାଇ ମାସରେ ସାଧାରଣତଃ ୪୧୮ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୨୯୪ ମିମି ବର୍ଷା ହୋଇଛି। ଜୁଲାଇ ମାସରେ ବୌଦ୍ଧ ବ୍ଲକରେ ୨୨୪ ମିମି, କନ୍ଧମାଳ ୪୧୦ ମିମି ଏବଂ ହରଭଙ୍ଗା ବ୍ଲକରେ ୨୪୮ ମିମି ବର୍ଷା ହୋଇଛି। ଜୁଲାଇ ଶେଷ ସୁଦ୍ଧା ବୌଦ୍ଧ ବ୍ଲକରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କନ୍ଧମାଳ ବ୍ଲକରେ ୧୪ ପ୍ରତିଶତ ଏବଂ ହରଭଙ୍ଗା ବ୍ଲକରେ ୩୬ ପ୍ରତିଶତ କମ୍ ବର୍ଷା ହୋଇଛି। ଚାଷୀମାନେ ବର୍ଷା ପାଣିକୁ ଆଦରି ଚାଷ କାମ କରିଥାନ୍ତି। କିନ୍ତୁ ଜିଲାରେ ପର୍ଯ୍ୟାପ୍ତ ପରିମାଣର ଜଳସେଚନର ସୁବିଧା ନ ଥିବା ଯୋଗୁ ଚାଷୀ ପ୍ରତିବର୍ଷ ମରୁଡ଼ିର ଶିକାର ହେଉଛନ୍ତି। ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ଜିଲାରେ ଚାଷ କାର୍ଯ୍ୟ ଠିକ ଭାବେ ଆରମ୍ଭ ହୋଇପାରିନାହିଁ। ତଳି ଗୁଡିକ ପାଣି ଅଭାବରୁ ମରିବାକୁ ବସିବାକୁ ଥିବା ବେଳେ ବୁଣା ଧାନ ବେଉଷଣ ନ ହୋଇ ନଷ୍ଟ ହେବାକୁ ବସିଲାଣି। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୫୯୧୨୦ ହେକ୍ଟରେରେ ଧାନ ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ମାତ୍ର ୨୫୭୧୮ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଜିଲାରେ ଥିବା ଜଳସେଚନ ଡ୍ୟାମ ଓ କ୍ଷୁଦ୍ରଜଳସେଚନର ଚେକ ଡ୍ୟାମ ଗୁଡିକ ବର୍ଷା ହେଲେ ଯାଇ ପାଣି ଯୋଗାଇଥାଏ । ବର୍ଷା ନ ଥିବାରୁ ଚାଷୀ ଚିନ୍ତାରେ ପଡିବା ସହ ଋଣ କିପରି ଶୁଝିବ ସେ ନେଇ ଚିନ୍ତାରେ ପଡିଛି। ବର୍ତ୍ତମାନ ସମୟରେ ରୁଆ, ବିହୁଡା ପାଇଁ ଚାଷୀଙ୍କ ଫୁରସତ ମିଳିନି। କିନ୍ତୁ ବର୍ଷା ନ ଥିବାରୁ ଚାଷୀ ଘରେ ବସିଛି। ଜିଲା ପ୍ରଶାସନ ଆଗାମୀ ଦିନରେ ଜିଲାରେ ସ୍ଥାୟୀ ଜଳସେଚନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବୌଦ୍ଧ ଜିଲାର ଚାଷୀ ମରୁଡି ଦାଉରୁ ରକ୍ଷା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।


କୃତୀ ମହିଳାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ମହିଳା ସମିତିରେ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ମହିଳା ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ପ୍ରୀତି ଗୁରୁଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ଗ୍ରୀସରେ ଅନୁଷ୍ଠିତ ଆନ୍ତର୍ଜାତୀୟ ହଣ୍ଟ ମୋଣ୍ଡେ ମିସେସ୍ ୱାର୍ଲ୍ଡଓ୍ୱାଇଡ୍-୨୦୧୯ର କୃତୀ ମହିଳା ବଲାଙ୍ଗୀରର ସୌମ୍ୟା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସୌମ୍ୟା ତାଙ୍କ ଅନୁଭୂତି, ସଂଘର୍ଷ ଉପରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ରାଧାରାଣୀ ମିଶ୍ର, ବରିଷ୍ଠ ସଭ୍ୟା ଗୀତା ମିଶ୍ର ଓ ଅନ୍ୟ ସଭ୍ୟାବୃନ୍ଦ ଉପସ୍ଥିତ ଥିଲେ ।

# କଣ୍ଟପଲାରେ ଆତ୍ମନିଯୁକ୍ତି ତାଲିମ ଶିବିର

**ବରଗଡ଼ ଅଫିସ୍,୩୧।୭**


ଶିବିରରେ ଉପସ୍ଥିତ ଅଧିକାରୀ, ମହିଳାମାନେ ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କଣ୍ଟପଲା ଗ୍ରାମରେ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ତରଫରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡିଙ୍ଗର ଭୋସାଗରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ନୀଳକଣ୍ଠ ସା ତାଲିମ ପ୍ରଦାନ କରିଥିଲେ। ଶିବିରରେ ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯୋଗ ଦେବା ସହିତ ତାଲିମ ନେଇଥିଲେ। ସେହିପରି ଅମ୍ବାଭୋନା ବିଡ଼ିଓ, ବ୍ଲକ ଅଧ୍ୟକ୍ଷ, ଓଡ଼ିଶା ଜୀବିକା ମିଶନର ଡିପିଏମ, କଣ୍ଟପଲା ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

■ ପିଏମଏୱାଇ ତାଲିକାରୁ ବାଦ୍

# ବ୍ଲକ ଅଫିସ ସମ୍ମୁଖରେ ଆମରଣ ଅନଶନ

**ପୁରୁଣାକଟକ,୩୧।୭(ଡି.ଏନ.ଏ)**



ହିତାଧିକାରୀ ବ୍ଲକ ଅଫିସ୍ ସମ୍ମୁଖରେ ଅନଶନରେ ବସିଛନ୍ତି ।

ହରଭଙ୍ଗା ବ୍ଲକ ସୁରୁଣ୍ଡି ଗ୍ରାମର ଜଣେ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରାଥମିକ ତାଲିକାରେ ନାଁ ରହିଥିଲା। ମାତ୍ର ତଦନ୍ତ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଅନ୍ୟ ଜଣଙ୍କ ଘର ଦେଖାଇ ତାଙ୍କ ନାମ ତାଲିକାରୁ ବାଦ୍ ଦେଇଛନ୍ତି। ଏହାର ପ୍ରତିବାଦରେ ହିତାଧିକାରୀ ଜଣକ ଗତ ୨୩ ତାରିଖରେ ହରଭଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ନିରପେକ୍ଷ ତଦନ୍ତ ପାଇଁ ବିଡିଓଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ମାତ୍ର ହରଭଙ୍ଗା ବ୍ଲକ ପ୍ରଶାସନ ଏହି ଘଟଣା ଉପରେ ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଉକ୍ତ ହିତାଧିକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଶେଷରେ ବୁଧବାର ବ୍ଲକ ଅଫିସ ଆଗରେ ଆମରଣ ଅନଶନରେ ବସିଛନ୍ତି। ପ୍ରକାଶ ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରାଥମିକ ତାଲିକାରେ ହରଭଙ୍ଗା ପଞ୍ଚାୟତ ସୁରୁଣ୍ଡି ଗ୍ରାମର ଶିବକୁମାର ବିଶିଙ୍କ ନାମ ରହିଥିଲା । ପରବର୍ତ୍ତୀ ସମୟରେ ତାଙ୍କର ୫ବଖରା ପକ୍କା ଘର ଥିବା ଦର୍ଶାଇ ତାଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ସେ ଏ ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ। ମାତ୍ର ତାଙ୍କର ଅଭିଯୋଗ ଉପରେ କୌଣସି ତଦନ୍ତ କରାଯାଇ ନ ଥିବାରୁ ସେ ବାଧ ହୋଇ ଆମରଣ ଅନଶନ କରିଥିବା କହିଛନ୍ତି। ତାଙ୍କ ପାଖରେ ଦଶ ହଜାର ଟଙ୍କା, ପକ୍କା ଘର, ଚାରିଚକିଆ ଯାନ, ପିଏମୱାଇ ଏବଂ ଇନ୍ଦିରା ଆବାସ ମିଳି ନ ଥିବା ସତ୍ତ୍ୱେ ତାଙ୍କୁ ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ସେ ବିଡିଓଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଖବରଲେଖା ସୁଦ୍ଧା (ରାତି ୧୦ଟା) ଅନଶନ ଜାରି ରହିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ପାଖରେ ପହଞ୍ଚି ନ ଥିବା ଜଣାପଡିଛି।

# ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଲା ପ୍ରଶାସନ

**ବରଗଡ଼ ଅଫିସ୍,୩୧।୭**


ସଡ଼କ ସୁରକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ ।

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ଭାରପ୍ରାପ୍ତ) କୃତ୍ତିବାସ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍କୁଲ ବସ୍‌ରେ ଯାଉଥିବା ଛାତ୍ରୀଛାତ୍ରଙ୍କୁ ବସ୍ କର୍ମଚାରୀଙ୍କ ବ୍ୟବହାର, ବସ୍‌ରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ସଡ଼କ ଦୁର୍ଘଟଣା ହ୍ରାସ ପାଇଛି। ଗତବର୍ଷ ୭୭ଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ସେତେବେଳେ ୪୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୩ଜଣ ଆହତ ହୋଇଥିଲେ। କିନ୍ତୁ ଚଳିତବର୍ଷ ୬୪ଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ୩୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୧ଜଣ ଆହତ ହୋଇଥିଲେ। ସେହିପରି ୧୫୫୫ଜଣ ହେଲମେଟ୍ ବ୍ୟବହାର ନ କରି ବାଇକ୍ ଚଳାଉଥିବା ଯୋଗୁ ସେମାନଙ୍କଠାରୁ ଜରିମାନା ଅସୁଲି ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ରାଜପଥରେ ଭ୍ରାମ୍ୟମାଣ ଯାନ ଦ୍ୱାରା ଗାଡ଼ି ଯାଞ୍ଚ ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ କହିଥିଲେ ।



ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ

## ସଂକ୍ଷେପରେ

### ଟିଠିପାଲିରେ ଅବକାରୀ ଚଢାଉ: ଦେଶୀମଦ ଜବତ, ଜଣେ ଗିରଫ

**ତରଭା,୩୧।୭(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ଥାନା ଟିଠିପାଲି ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ଦେଶୀ ମଦ ରନ୍ଧା ସ୍ଥାନ ଠାବ କରିଥିଲେ। ଏପରି କି ଘଟଣାସ୍ଥଳରୁ ୪୪୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଥିବା ଜଣାପଡିଛି । ସେହିପରି ୨୫ ଲିଟର ଦେଶୀ ମଦ ଜବତ ସହିତ ମଦ ବ୍ୟବସାୟୀ ତୀର୍ଥ ରଣାଙ୍କୁ ଗିରଫ କରାଯାଇଛି। ତୀର୍ଥଙ୍କୁ ତରଭା ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅବକାରୀ ଡିଏସପି ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନେତୃତ୍ୱରେ ସୋନପୁର ଏସ୍ଆଇ ସୁବିନ୍ଦର ନାଗ, ଏଏସ୍ଆଇ ପ୍ରଦୀପ ରଥ, କନେଷ୍ଟବଳ ଡୋଲାମଣି ପଧାନ, ପୃଥୀରାଜ କହଁର, ପିଣ୍ଟୁ ସାହୁ, ନନ୍ଦି କର୍ମୀ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

### ବିଦ୍ୟାଳୟସ୍ତରୀୟ କିଶୋରୀ ସ୍ୱାସ୍ଥ୍ୟ ସଚେତନତା

**ସୋନପୁର,୩୧।୭(ନି.ପ୍ର.):** ସ୍ଥାନୀୟ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଓ ସାନିଟାରୀ ନେପକିନ(ଖୁସି) ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଣତୀ ସାହୁ ଯୋଗଦେଇ କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କରେ ବୁଝାଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ସୁସ୍ମିତା ସାହୁ, କେଜିବିଭି ତତ୍ତ୍ୱାବଧାରିକା ସୁଚିତ୍ରା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖୁସି କିଟ୍ସ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଜୟଶ୍ରୀ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର କିଶୋରୀ ବାଳିକାମାନଙ୍କୁ ଖୁସି କିଟ୍ ବଣ୍ଟନ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ଗୀତା ମହାରଣା ଓ ରାଜଶ୍ରୀ ପାଣିଗ୍ରାହୀ ସହଯୋଗ କରିଥିଲେ ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଟିଟିଲାଗଡ଼, ୩୧।୭ (ଡି.ଏନ.ଏ.):** ଟିଟିଲାଗଡ଼ ସ୍ୱୟଂଶାସିତ ଡିଏଭି କଲେଜ ଅଧକ୍ଷ ପ୍ରଫେସର ବିକ୍ରମ କେଶରୀ ମିଶ୍ର ବୁଧବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏନେଇ କଲେଜ ପରିସରରେ ଭାରପ୍ରାପ୍ତ ଅଧକ୍ଷ ସୁଶିଲ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ କଲେଜରେ ଉନ୍ନତି ମୂଳକ କାମ ହୋଇଥିବା କହିଥିଲେ।

## ■ ୭ ଖଣି ନିଲାମ ପାଇଁ ବିଜ୍ଞପ୍ତି

# ଖଣି ହାତେଇବାକୁ ଦୌଡ଼

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

■ ୪ ଚୂନପଥର, ୨ କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି
■ ୨୦,୦୦୦ କୋଟି ଟଙ୍କା ମୂଲ୍ୟର ୧୨୦ ମିଲିୟନ ଟନ୍ ଖଣିଜ ସମ୍ପଦ

ରାଜ୍ୟର ୭ଟି ଖଣିର ନିଲାମୀ ପାଇଁ ବୁଧବାର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ୪ଟି ଚୂନ ପଥର ଖଣି. ୨ଟି କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି ରହିଛି। ସବୁ ଖଣିକୁ ଇ-ଅକ୍ସନ କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ନିଲାମୀ ହେବାକୁ ଥିବା ଚୂନ ପଥର ଖଣିଗୁଡିକ ହେଉଛି- ବଲାଙ୍ଗୀର ଜିଲାର ପିପଲମୁଣ୍ଡା, ସୁନ୍ଦରଗଡର ଖାଟ୍‌କୁରବାହାଲ(ଉତ୍ତର), ନୂଆପଡାର ଗାରାମୁରା ଏବଂ ବରଗଡର ବେହେରା ବାଞ୍ଜିପାଲି। ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ସରୁଆବିଲ୍ ଏବଂ ବାଲେଶ୍ୱର କର୍ମର୍ଦ୍ଧା ବ୍ଲକ କ୍ରୋମାଇଟ୍ ଖଣି ନିଲାମୀ ପାଇଁ ମଧ ଆହ୍ୱାନ ଦିଆଯାଇଛି। ଅନୁରୂପଭାବେ ଗ୍ରାଫାଇଟ୍ ଗଚ୍ଛିତ ଥିବା ଜଗଦଳପୁର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏସବୁ ଖଣି ହାତେଇବା ଲାଗି ପ୍ରଭାବଶାଳୀ ସଂସ୍ଥାର ଦୌଡ଼ ଆରମ୍ଭ ହୋଇଯାଇଛି।

ଚୂନ ପଥର ଥିବା ଖାଟ୍‌କୁରବାହାଲ ବ୍ଲକ(ଉତ୍ତର) ଏବଂ କ୍ରୋମାଇଟ୍ ଥିବା ସରୁଆବିଲ୍ ବ୍ଲକ ଖଣି ପାଇଁ ଟେଣ୍ଡର ପେପର ମୂଲ୍ୟ ୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଅନ୍ୟ ୫ଟି ବ୍ଲକ ପାଇଁ ଟେଣ୍ଡର ପେପର ମୂଲ୍ୟ ଏକ ଲକ୍ଷ ଟଙ୍କା ଲେଖାଏ ରହିଛି। ଖଣି ପାଇଁ ଆର୍ଥିକ ନିଲାମୀ ଆହ୍ୱାନ(ବିଡ୍ )ଡିଜିଟାଲ ମାଧ୍ୟମରେ ଗ୍ରହଣ କରାଯିବ। ଅପରପକ୍ଷରେ ବୈଷୟିକ ନିଲାମୀ ଆହ୍ୱାନ ପାଇଁ ଉଭୟ ଡିଜିଟାଲ ଏବଂ ହାର୍ଡକପି ଫର୍ମାଟରେ ଯୋଗ୍ୟ ଲିଜ୍‌ଧାରୀଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶଠାରୁ ଟେଣ୍ଡର ପେପର କ୍ରୟ କରାଯାଇପାରିବ, ଏଥିପାଇଁ ୧୧ ସେପ୍ଟେମ୍ବରକୁ ଶେଷ ତାରିଖ ରଖାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୨୦ ଅପରାହ୍ନ ୫ଟା ମଧ୍ୟରେ ନିଲାମୀ ଆହ୍ୱାନର ଶେଷ ଦିନ ଧାର୍ଯ୍ୟ କରାଯାଇଛି। କେବଳ ଏହି ୭ଟି ଖଣି ନୁହେଁ, ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଆହୁରି ୩୩ଟି ଖଣିର ଲିଜ୍ ଅବଧି ସରିବ। ଏହା ପୂର୍ବରୁ ଏହାର ପୁନର୍ବାର ଲିଜ୍ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। କର୍ମର୍ଦ୍ଧା କ୍ରୋମାଇଟ୍ ଖଣି ବି.ସି ମହାନ୍ତି ଏଣ୍ଡ ସନ୍ସ(ପ୍ରା) ଲିଃ, ସରୁଆବିଲ୍ ଖଣି ମିଶ୍ରି ଲାଲ ମାଇନ୍ସ(ପ୍ରା) ଲିଃ ହାତରେ ରହିଥିବା ଜଣାପଡିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦୁଇ ଦଶନ୍ଧି ଧରି ରାଜ୍ୟର ଖଣି ସାମ୍ରାଜ୍ୟରେ ପ୍ରଭାବ ବିସ୍ତାର କରିଥିବା ଏକ ସଂସ୍ଥା ସଂଖ୍ୟାଧିକ ଖଣି ହାତେଇବା ପାଇଁ ଲବିକୁ ଜୋରଦାର କରିଛି। ଏଥିପାଇଁ ଆବଶ୍ୟକ ଥିବା ରାଜନୈତିକ ଏବଂ ପ୍ରଶାସନିକ ଲବିକୁ ମଜବୁତ୍ କରିଛି। ଖଣି ହାତେଇବାକୁ ଚାହୁଁଥିବା ଏହି ସଂସ୍ଥା କେନ୍ଦ୍ର-ରାଜ୍ୟସ୍ତରରେ ଯେପରି କୌଣସି ପ୍ରଶାସନିକ ବାଧା ନ ଉପୁଜେ, ସେଥିପାଇଁ ସବୁ ଉଦ୍ୟମ କରିସାରିଥିବା ଆଲୋଚନା ହେଉଛି। ଅନ୍ୟ ଏକ କମ୍ପାନୀ ମଧ ଗ୍ରାଫାଇଟ୍ ଖଣିକୁ ହାତେଇବା ପାଇଁ ଚାହୁଁଛି। ଏଥିପାଇଁ ରାଜ୍ୟ ପ୍ରଶାସନିକସ୍ତରକୁ ଖୁସି କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଖଣିଜ ସମ୍ପଦରେ ସମୃଦ୍ଧ ଥିବା ଓଡ଼ିଶାରେ ଖଣି ଦୁର୍ନୀତିକୁ ନେଇ ଜାତୀୟସ୍ତରରେ ଚର୍ଚ୍ଚାର କାରଣ ହୋଇଛି। ଦୁଇବର୍ଷ ତଳେ ବେଆଇନ ଖଣି ଖନନ କାରଣରୁ ସ୍ଥାନୀୟ ଖଣି ମାଲିକଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହୋଇଥିବା ଖଣି ଦୁର୍ନୀତି ପାଇଁ ଧାର୍ଯ୍ୟ ଜରିମାନା ପରିମାଣ ସମ୍ପୂର୍ଣ୍ଣ ଆଦାୟ ହୋଇ ନ ଥିବା ଜଣାପଡିଛି। ଯଦି ଗୁଜରାଟ, ତାମିଲନାଡୁର ଖଣି ମାଲିକମାନେ ଟେଣ୍ଡର ହାସଲରେ ସଫଳ ହୁଅନ୍ତି, ତେବେ ସେମାନେ ଯେ ବେଆଇନ ଖନନ ନ କରିବେ, ସେ କଥାର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ଯେ, ଖଣି କମ୍ପାନୀଗୁଡିକ ରାଜ୍ୟ ଏବଂ କେନ୍ଦ୍ର ପ୍ରଶାସନର ସହାୟତାରେ ସର୍ବୋଚ୍ଚ ମୁନାଫା ଅର୍ଜନ କରିବେ। ଏଥିସହିତ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ଲୁଟ୍ କରିବେ। ପରେ ଅବଶ୍ୟ କିଛିଟା ହୋହାଲ୍ଲା ହେବାପରେ ତଦନ୍ତ ହେବ, ଜରିମାନା ଧାର୍ଯ୍ୟ ହେବ। ଖଣି ମାଲିକମାନେ ଆଇନର ଗଳାବାଟ ଦେଇ ଧାର୍ଯ୍ୟ ଜରିମାନା ହ୍ରାସ ମଧ୍ୟ କରିପାରନ୍ତି। ହେଲେ ସେତେବେଳକୁ ଓଡ଼ିଶାର ସମ୍ପଦ ଚୋରି ହୋଇଯାଇଥିବ। ଟେଣ୍ଡର ଆହ୍ୱାନ କରାଯାଇଥିବା ଏହି ୭ଟି ଖଣିରେ ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ୧୨୦ ମିଲିୟନ ଟନର ସମ୍ପଦ ରହିଥିବା ଜଣାପଡିଛି।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ବିନିକା, ୩୧।୭(ଡି.ଏନ୍.ଏ.)**

ବିନିକା ବ୍ଲକ ଅଧୀନ ସଂହରାଟିକ୍ରା ପ୍ରାଥମିକ ବିଦ୍ୟାଳୟ(ବାଙ୍କିଘିର୍ଡି) ପରିସରରେ ସ୍ଥାନୀୟ କ୍ଲଷ୍ଟର ସିଆର୍‌ସିସି ଆର୍ତ୍ତତ୍ରାଣ ପଶାୟତଙ୍କ ଅଧ୍ୟକ୍ଷତାରେ ମୋ ସ୍କୁଲ ଅଭିଯାନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡିକରେ ମୋ ସ୍କୁଲ ଅଭିଯାନକୁ ସୁଫଳ କରିବା ପାଇଁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଯୋଗଦେଇ ତଥ୍ୟ ପ୍ରଦାନରେ ସହଯୋଗ କରିଥିଲେ। ସିଆର୍‌ସିସି ପଶାୟତ ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ମୋ ସ୍କୁଲ ଅଭିଯାନରେ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସମ୍ମିଳିତ ପ୍ରଧାନ ଶିକ୍ଷକମାନଙ୍କୁ ସୂଚନା ଦେଇଥିଲେ। ସିଂଘିଯୁବା କ୍ଲଷ୍ଟର ଅଧୀନ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କ ମୋ ସ୍କୁଲ ଅଭିଯାନ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ବୁଧବାର ସିଲାଟି ଏବଂ ଜୁଲୁଣ୍ଡା କ୍ଲଷ୍ଟରରେ ମଧ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ପଞ୍ଜୀକରଣ ପ୍ରକ୍ରିୟା ପ୍ରାରମ୍ଭ ହୋଇଯାଇଛି ।

## ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ

**ସୋନପୁର,୩୧।୭(ନି.ପ୍ର.)**

ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ଦ୍ୱାରା ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି ସୁବର୍ଣ୍ଣପୁର ଜିଲାର ୨ଟି ଉପକାରାଗାର ପରିଦର୍ଶନ କରିଛନ୍ତି। କମିଟି ବୁଧବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିବା ବେଳେ ଗତ ସୋମବାର ବୀରମହାରାଜପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟିର ସଦସ୍ୟ ଅବକାଶ ମିଶ୍ର, ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗାରକୁ ଯାଇ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ । ସୁବିଧା ଅସୁବିଧା ନୀରିକ୍ଷଣ ସହ କାଗଜପତ୍ର ଯାଞ୍ଚ କରିଥିଲେ। କମିଟି ପକ୍ଷରୁ କାରାଗାରରେ ଆଇନରେ ଜଡିତ ଥିବା ଶିଶୁ ରହୁଛନ୍ତି କି ନାହିଁ ସେ ସମ୍ପର୍କରେ ତନଖି କରା ଯାଇଥିଲା। ଉଭୟ କାରାଗାରରେ ଶିଶୁ ନ ଥିବା ଜଣା ପଡିଥିଲା।



ବୀରମହାରାଜପୁର ଉପକାରାଗାର ସମ୍ମୁଖରେ କମିଟିର ସଦସ୍ୟ ବୃନ୍ଦ ।

## ମରଣଯନ୍ତା ପାଲଟିଛେ ୨୬ ନଂ. ଜାତୀୟ ରାଜପଥ

**ଡୁଙ୍ଗୁରିପାଲି, ୩୧।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଦର ଦେଇ ଯାଇଛେ ବରଗଡ଼ ବୋରିଗୁମା ୨୬ ନମ୍ବର ଜାତୀୟ ରାଜ୍‌ପଥ। ରାସ୍ତାଟା ସବୁବେଲେ ଭିଡ଼ଭାଡ଼ ରହୁଥିଲାବେଲେ ଫିଦିନ ଶହ ଶହ ଉଜନିଆଁ ଗାଡ଼ି ମଟର ଯାଆସ କରୁଛେ। ହେଲେ ମରାମତି ଅଭାବୁ ଏହେଦେ ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡରୁ ବଲାଙ୍ଗୀର ରାସ୍ତାରେ ଅନେକ ଜାଗରେ ବଡ଼ ବଡ଼ ଖାଲ ହେଇଛେ। ଯେନ୍‌ଥିରଲାଗି ଫିଦିନ୍ ଛୁଟିଆମୁଟିଆ ଦୁରଘଟନା ଘଟୁଛେ। ସେନ୍ତା ଡୁଙ୍ଗୁରିପାଲି ଥାନା ଆଘେ ଜାତୀୟ ରାଜପଥରେ ଗୁଟେ ବଢ଼େ ଖାଲ ହେଇଛେ। ଫିଦିନ୍ ଅନେକ ଲୋକ୍ ଇ ଖାଲେ ପଡ଼ି ଖଁଡ଼ିଆଡଁଡ଼ିଆ ହେଉଛନ୍। ଅନେକ ଦିନ୍ ହେଲା ଖାଲଟା ରାସ୍ତା ଉପରେ ରହିଥିଲେ ବି ବିଭାଗୀୟ କତ୍ତୁରପକ୍ଷଙ୍କର ଦୁରୁଷ୍ଟି ନାଇଁ ପଡ଼ବାରଟା ନିହାତି ଦୁଖର କଥା। ଇ ଜାତୀୟ ରାଜପଥ ଚିନାପୁରୀନୁ ବଲାଙ୍ଗୀର ଏନ୍.ଏଚ୍. ଡିଭିଜନ ଅଧୀନରେ ରହିଛେ। ହେଲେ ଚିନାପୁରୀରୁ ଚେରୁପାଲି ଅଙ୍ଗନଦୀ ତକ୍ ରାଜପଥରେ ଅନେକ ଜାଗାରେ ବଡ଼ବଡ଼ ଖାଲ ହେଇଛେ। ଯେନ୍‌ଥିରଲାଗି ଅନେକ ସମିଆରେ ଛୋଟବଡ଼ ଦୁରଘଟନାମାନ ଘଟୁଛେ। ଯଦି ଆଗ୍‌କେ ବିଭାଗୀୟ କତ୍ତୁରପକ୍ଷ ରାସ୍ତାର ମରାମତି ଦିଗେ ପଦକ୍ଷେପ ନାଇଁ ନେବେ ଅନେକ ଧନ୍‌ଜୀବନ କ୍ଷୟକ୍ଷତି ହେବାରଟା ଝଲୋ ଝଲୋ ଦିଶୁଛେ। ଇ ବାବ୍‌ଦେ ବଲାଙ୍ଗୀର ଏନ୍.ଏଚ୍ ଡିଭିଜନ ବିଭାଗୀୟ ଯନ୍ତ୍ରୀଙ୍କୁଁ ପଚରାଲାରୁ ଏହେଦ୍‌କା ଲୋଇସିଂହା ରାସ୍ତାରେ କାମ୍ ଚାଲିଛେ, ଦିନେ ଦୁଇଦିନ୍ ଭିତରେ ଡୁଙ୍ଗୁରିପାଲି ରାସ୍ତାରେ କାମ୍ ହେବା ବଲି ସେ କହିଥିଲେ। ହେଲେ ଯେତେ ଜଲଦି ହେବା ବିଭାଗୀୟ କତ୍ତୁରପକ୍ଷ ଇ ଦିଗେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍।



ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ପାସେ ଜାତୀୟ ରାଜପଥର ଅବସ୍ତା।

## ଭାରତ ବିକାଶ ପରିଷଦର ଚାରାରୋପଣ

**ଟିଟିଲାଗଡ଼,୩୧।୭(ଡି.ଏନ.ଏ.)**

ସମାଜସେବା ତଥା ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତ ବିକାଶ ପରିଷଦ ଟିଟିଲାଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ, ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, କୋଷାଧକ୍ଷ ପ୍ରମୋଦ ପାଳ, ସେବକ ଚରଣ ଦାଶ, ହିମାଂଶୁ ଶେଖର ଦାଶ ପ୍ରମୁଖ ସାମିଲ ହୋଇଥିଲେ।

## ବୁଢ଼ୁଧିଙ୍କର ଗୁହାରି ଶୁନ୍‌ଲେ ମୁଖ୍ୟମନ୍ତ୍ରୀ

**ଟିଟିଲାଗଡ଼, ୩୧।୭ (ଡି.ଏନ.ଏ.)**

ଟିଟିଲାଗଡ଼ ପୌରାଞ୍ଚଳ ଅଧୀନ ବ୍ଲକ ପଡ଼ାର ଗରିବ୍ ବୁରୁଧ୍ ଲୟ ବିଭାରକଁର ଖଁଦେ ଗୁଟେ ଆବୁ ହେଇଛେ। ବୁରୁଧିଙ୍କର ଚିକିସ୍ସା ସାହାଯ୍ ଲାଗି ହେଲ୍ପିଂ ହ୍ୟାଣ୍ଡ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଜିଲାପାଲ ଆର ମୁଖ୍ୟମନ୍ତ୍ରୀଙ୍କୁଁ ଟୁଇଟ୍ କରି ନିବେଦନ କରିଥିଲେ। ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କଁର ଦପ୍‌ତରରୁ ଘଟନାର ତଦଁତ୍ କରବାର ନିରଦେଶ ପାଇ ବୁଧବାର ରାତିରେ ଟିଟିଲାଗଡ଼ ବିଡିଓ ମୋତିଲାଲ ସୁଲିଆ ବୁରୁଧି ଲୟଙ୍କର ଘରେ ପୁହୁଁଚିଥିଲେ। ସେଠାନେ ବିଡିଓ ତାହାକୁ ନଗଦ ୨୦ ହଜାର ଟଁକା ସାହାଯ୍ ଦେଇଥିଲେ। ଏନ୍‌ତା କି ଅପରେଶନ ଲାଗି ସେ କେହେନ୍‌ସି ଡାକ୍ତରଖାନାରେ ଭରତି ହେଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସବୁ ଖରଚ୍ ଦିଆଯିବା ବଲି ବିଡିଓ ସୁଲିଆ କହିଛନ୍। ସେନ୍‌ତା ଟୁଇଟର ଜରିଆରେ ସୂଚନା ପାଇ ଅସାହା ବୁରୁଧିଙ୍କୁଁ ମୁଖ୍ୟମନ୍ତ୍ରୀ ସାହାଯ୍‌ର ହାତ୍ ବଢ଼ାବାର ଘଟନାକେ ବୁଧିଜୀବୀ ମହଲରେ ବଡ଼ଭାରି ପରଶଁସା କରାଯାଇଛେ।

## ସିଏମ୍ଆର୍ଏଫ୍‌ରୁ ରୋହିଣୀଙ୍କୁ ମିଳିଲା ସହାୟତା ରାଶି

**ସୋନପୁର,୩୧।୭(ନି.ପ୍ର.)**

**ଧରିତ୍ରୀ ପ୍ରଭାବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡଲିପାଲି ଗ୍ରାମର ଅସହାୟ ରୋହିଣୀ ପାତ୍ର(୩୫)ଙ୍କୁ ପ୍ରଶାସନ ସହାୟତାର ହାତ ବଢାଇଛି । ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମ୍ଆର୍ଏଫ)ରୁ ତାଙ୍କୁ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଏବଂ ପୁନର୍ବାସ ନିମନ୍ତେ ବୁଧବାର ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଟଙ୍କାରେ ରୋହିଣୀ ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରି ପାରିବ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି । ଏସ୍ଇସିସି ତାଲିକାରେ ରୋହିଣୀଙ୍କ ନାମ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଘର ମିଳିପାରୁନି । ୨୦୧୯-୨୦ ଆର୍ଥିକ ବର୍ଷରେ ବିଜୁ ପକ୍କା ଘର ସ୍ୱତନ୍ତ୍ର ଯୋଜନାରେ ରୋହିଣୀଙ୍କୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବୀରମହାରାଜପୁର ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି । ମଧୁବାବୁ ପେନସନ ଯୋଜନାରେ ରୋହିଣୀଙ୍କୁ ମାସିକ ୫୦୦ଟଙ୍କା ବିଧବା ଭତ୍ତା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୨୦ କିଲୋ ଚାଉଳ ମିଳୁଛି। ସେହିପରି ରୋଜଗାରକ୍ଷମ ସ୍ୱାମୀଙ୍କ ମୃତ୍ୟୁ ଯୋଗୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି । ରୋହିଣୀଙ୍କ ପରିବାରକୁ ଭଗବାନ ଭରସା ଶିର୍ଷକ ଖବର ଗତ ୧୬ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ରୋହିଣୀଙ୍କ ସ୍ୱାମୀ ସୁଦାମଙ୍କ ଗତ ୨ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା। ସେ ଅସହାୟ ଅବସ୍ଥାରେ ଅଛନ୍ତି । ଏଥିରେ ୨ ଝିଅ ଓ ୨ଟି ପୁଅଙ୍କ ବୋଝ ତାଙ୍କ ଉପରେ । ଜମି ବାଡି ବୋଲି କିଛି ନାହିଁ। ମରାମତି ଅଭାବରୁ ମାଟି ଘରଟି ଭାଙ୍ଗି ଯାଇଛି । ସେ ଅର୍ଚ୍ଚଣ୍ଡା ସ୍ଥିତ ତାଙ୍କ ବାପାଙ୍କ ଘରେ ପିଲାଛୁଆଙ୍କୁ ଧରି ଆଶ୍ରୟ ନେଉଛନ୍ତି । ଝିଅ ଓ ପୁଅର ପାଠ ପଢା ସକାଶେ ସରକାରଙ୍କ ପକ୍ଷରୁ ପ୍ରଦାନ କରା ଯାଉଥିବା ପୃଷ୍ଠପୋଷକତା ଓ ସହାୟତା ଯୋଗାଇ ଦେବା ପାଇଁ ଖବର ପ୍ରକାଶ ପାଇଥିଲା । ପ୍ରକାଶିତ ଖବରକୁ ନେଇ ସହାୟତା ଯୋଗାଇ ଦେବାକୁ ଚିଠି ଲେଖିଥିଲେ ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ସମ୍ପାଦକ। ଡିଏଲ୍ଏସ୍ଏ ସମ୍ପାଦକ ସୀମା ତ୍ରିପାଠୀ ବୀରମହାରାଜପୁର ବିଡିଓ ଓ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ସରକାରୀ ଯୋଜନାରେ ଘର ଓ ପିଲାଙ୍କ ପାଠ ପଢା ବ୍ୟବସ୍ଥା କରିବାକୁ ଚିଠିରେ ଉଲ୍ଲେଖ କରିଥିଲେ । ରୋହିଣୀଙ୍କ ବଡ ଝିଅ ଝୁମି ପାତ୍ର(୧୮) ସ୍ଥାନୀୟ କାଦୋବର କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ପାଠ ପଢୁଛନ୍ତି । ଦ୍ୱିତୀୟ ଝିଅ ସତ୍ୟବତୀ(୧୫) ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ପୁଅ ଦୁଷ୍ମନ୍ତ(୧୧) ଷଷ୍ଠ ଶ୍ରେଣୀରେ ଓ ସାନ ପୁଅ ଆଶିର୍ବାଦ(୩) ସ୍ଥାନୀୟ ଅଙ୍ଗନୱାଡିକୁ ଯାଉଛି । ତେଣୁ ଝୁମିଙ୍କୁ ପୃଷ୍ଠପୋଷକତା, ସତ୍ୟବତୀ ଓ ଦୁଷ୍ମନ୍ତଙ୍କୁ ଅନୁଷ୍ଠାନରେ ରହି ପାଠ ପଢିବାର ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନ ଉଦ୍ୟମ କରୁଛି । ଜିଲା ପ୍ରଶାସନର ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଜଟେସିଂହା ପଞ୍ଚାୟତ ସାମାଜିକ ସମୀକ୍ଷା ବୈଠକ ବନ୍ଦ

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଅମରପାଲି,୩୧।୭(ଡି.ଏନ.ଏ.)**

ଜଟେସିଂହା ପଞ୍ଚାୟତରେ ହେବାକୁ ଥିବା ସାମାଜିକ ସମୀକ୍ଷା ବୈଠକ ବୁଧବାର ବନ୍ଦ ହୋଇଯାଇଛି। ଏହାର ପ୍ରତିବାଦରେ ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଗତ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିବସରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ ହେବା ନେଇ ଦିନ ଧାର୍ଯ୍ୟ ହୋଇଥିଲା। ଏହି କ୍ରମରେ ବୁଧବାର ଉପ୍ଫୁଲା, ଜଟେସିଂହା, ସୁବଳୟା, ପିତାମହୁଲ ଓ କମିଲା ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ ହେବାର ଥିଲା। ଏଥିରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଯୋଗ ଦେବାର ଥିଲା। ବୈଠକରେ ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସମୀକ୍ଷା ହେବାର ଥିଲା। ବିଡିଓଙ୍କ ଆଦେଶପତ୍ର ସଂଖ୍ୟା ୧୦୪୨ ଅନୁଯାୟୀ ବୈଠକରେ ୩ ଜଣ ଅତିଥି ମଧ୍ୟ ଯୋଗ ଦେବାକୁ ସ୍ଥିରୀକୃତ ହୋଇଥିଲା। ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଗ୍ରାମରୁ ଶ୍ରମିକ, ଜନସାଧାରଣ, ସାମାଜିକ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ରାଜେଶ୍ୱରୀ ମିଶ୍ର, ବୁଲିରାଣୀ ପଧାନ ଓ ସୁଷମା ପଧାନ ମଧ୍ୟ ଉପସ୍ଥିତ ଥିଲେ। ହେଲେ ଅପରାହ୍ନ ପର୍ଯ୍ୟନ୍ତ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନ ଥିବାରୁ କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ କୌଣସି ଅଧିକାରୀ ନ ଆସିବାରୁ ଲୋକେ ହତାଶ ହୋଇ ଫେରିଯାଇଥିଲେ। ଏ ନେଇ ସ୍ଥାନୀୟ ବିଡିଓ ନିରଞ୍ଜନ ନାଏକଙ୍କୁ ପଚାରିବାରୁ ସେ କହିଲେ, ବୁଧବାର ଉକ୍ତ ପଞ୍ଚାୟତ ସମେତ ଆହୁରି ୨ଟି ପଞ୍ଚାୟତରେ କାର୍ଯ୍ୟକ୍ରମ ଥିଲା। କର୍ମଚାରୀମାନେ ବୈଠକରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପୁଣି ନୋଟିସ ଜାରି କରି ଜଟେସିଂହାରେ ସମୀକ୍ଷା ବୈଠକ କରାଯିବ।




ଜଟେସିଂହା ପଞ୍ଚାୟତ ସମ୍ମୁଖରେ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବର୍ଷାରେ ଭାଙ୍ଗିଲା ଘର କାନ୍ଥ

# ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ଡୁଙ୍ଗୁରିପାଲି,୩୧।୭(ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ବ୍ଲକ ଅଧୀନ ବାଙ୍କିପାଲି ଗ୍ରାମରେ ବୁଧବାର ବର୍ଷାରେ ବିଶ୍ୱଜିତ ନାଏକଙ୍କ ଘର କାନ୍ଥ ଭାଙ୍ଗିଯାଇଥିଲା। ହେଲେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନ୍ୟପକ୍ଷେ ବିଶ୍ୱଜିତ ଯକ୍ଷ୍ମାରୋଗରେ ଆକ୍ରାନ୍ତ ଥିବାରୁ ଥଣ୍ଡା ପବନରେ ଅବସ୍ଥା ଗୁରୁତର ହୋଇପଡିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ବିଶ୍ୱଜିତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଗାଁରେ ପହଞ୍ଚି ନ ଥିଲେ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇଥିବା ଯୁବକ ଟ୍ରେନରୁ ପଡ଼ି ଗୁରୁତର

**କୋମନା,୩୧।୭ (ଡି.ଏନ.ଏ.)**- ନୂଆପଡା ଜିଲା କୋମନା ଗାଁର ସୁଶାନ୍ତ କଣ୍ଢା (୨୦) ନାମକ ଜଣେ ଯୁବକ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୨୯ ତାରିଖରେ ସେ ଘରକୁ ଫେରୁଥିବା ବେଳେ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ପାଠପଢା ଶେଷ ହେବା ପରେ କୌଣସି ଚାକିରୀ ନ ପାଇ ସୁଶାନ୍ତ ଗତ ଏପ୍ରିଲରେ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ସେ କେରଳର କର୍ଣ୍ଣୁର ଜିଲାରେ ଏକ କାରଖାନାରେ କାମ କରୁଥିଲେ। ୩ରୁ ୪ ମାସ କାମ କରିବା ପରେ ସୁଶାନ୍ତ ନିଜ ଗାଁ କୋମନାକୁ ଫେରୁଥିବା ବେଳେ ଗତ ୨୯ ତାରିଖ ସନ୍ଧ୍ୟାରେ ଟ୍ରେନରୁ ଖସି ପଡିଯାଇଥିଲେ। ଘଟଣାସ୍ଥଳରୁ ପୋଲିସ ତାଙ୍କୁ ଉଦ୍ଧାର କରି ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗରିବ ହୋଇଥିବାରୁ ପୁଅର ଚିକିତ୍ସା ଖର୍ଚ୍ଚ ପୈଠ କରି ପୁଅକୁ କିଭଳି ଫେରାଇ ଆଣିବେ ଏବେ ସେ ଚିନ୍ତାରେ ପଡିଛନ୍ତି ବାପା ସିତାରାମ । ଶେଷରେ ବୁଧବାର ଜିଲାପାଳଙ୍କୁ ଲିଖିତ ଜଣାଇ ପୁଅଙ୍କୁ ଘରକୁ ଆଣିଦେବା ପାଇଁ ଅନୁରୋଧ କରିଥିବ ଜଣାପଡିଛି।



### ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତରେ ବାଧା

**କୋମନା,୩୧।୭(ଡି.ଏନ.ଏ.)**- ନୂଆପଡା ଜିଲା କୁରୁମପୁରୀ ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଲଘୁଚାପ ବର୍ଷାରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ରାସ୍ତା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ୨୦୧୪-୧୫ରେ ଜିଭିଆର କମ୍ପାନୀ ଏକ ଠିକା ସଂସ୍ଥା ସରକାରଙ୍କ ସହ ଚୁକ୍ତିକରି ୩୫୩ ନଂ. ଜାତୀୟ ରାଜପଥ କାମ ଆରମ୍ଭ କରିଥିଲା । ଉକ୍ତ ଠିକା ସଂସ୍ଥା ଚୁକ୍ତି ମୁତାବକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ଶେଷ ନ କରି ଅଧାରୁ ଫେରାର ମାରିଥିଲା । ବର୍ତ୍ତମାନ ରାଜପଥ କାମ ଅଧାପନ୍ତରିଆ ହୋଇପଡି ରହିଛି। ଏହି ରାସ୍ତା ଦେଇ ଶହଶହ ଭାରୀ ଯାନ ଚଳାଚଳ କରୁଥିବାରୁ ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ବିପଦ ସଙ୍କୁଳ ହୋଇପଡିଛି । ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ବାଞ୍ଜିବାହାଲ ଛକ, ତରବୋଡର ବଡପୋଳ, ଉଦ୍ୟାନବନ୍ଧ ପେଟ୍ରୋଲ ଟାଙ୍କି ସାମନା, ଘୋଟସର ଶିବମନ୍ଦିର, କୋମନା ବଡରପଟା ଓ ପେନ୍ଟରାବନ୍ଧ ରାସ୍ତା ନିକଟରେ ବଡବଡ ଖାଲ ହୋଇ ଆଣ୍ଠୁଏ ପାଣି ଜମାଟ ବାନ୍ଧିଛି । ଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ମରଣଯନ୍ତା ପାଲଟିଛି । ଲୋକେ ରାସ୍ତାରେ ଯିବାଆସିବରେ ବିପଦ ମନେ କରୁଛନ୍ତି । ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ରାସ୍ତା ମରାମତି ହୋଇନାହିଁ। ଖାଲଖମା ହୋଇଥିବା ସ୍ଥାନରେ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ସଚେତନ ନାଗରିକମାନେ ଦାବି କରିଛନ୍ତି ।

ଜଙ୍ଗଲ ଜମି ଅଧିକାର ଜନଶୁଣାଣି ବେଳେ ହଟ୍ଟଗୋଳ

# ଜନଶୁଣାଣି ଅଧାରୁ ବନ୍ଦ ହେଲା

■ ଜିଲା ପ୍ରଶାସନ ଜଳକା ହୋଇ ଦେଖିଲେ

**ଖଡିଆଳ/ସିନାପାଲି, ୩୧।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ କୌଶଲ୍ୟା ମଣ୍ଡପରେ ବୁଧବାର ଜଙ୍ଗଲ ଜମି ଅଧିକାର ଉପରେ ବନବାସୀ ଆଦିବାସୀଙ୍କୁ ନେଇ ଜନଶୁଣାଣି ହୋଇଥିଲା। ଆଦିବାସୀମାନେ ଜଙ୍ଗଲ ଜମି ଛାଡିବେ ନାହିଁ ବୋଲି ଅଡିବସି କ୍ୟାମ୍ପ ଛାଡି ଚାଲିଯାଇଥିଲେ। ସରକାର ଆଦିବାସୀଙ୍କୁ ଭିଟାମାଟି ଛଡାଇବା ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରି ହଟ୍ଟଗୋଳ କରିଥିଲେ। ଦୀର୍ଘ ସମୟ ଧରି ଅପ୍ରିତିକର ପରିସ୍ଥିତି ଦେଖାଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଜଳକା ହୋଇ ଚାହିଁ ରହିଥିଲା। ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରିବେ ଏବଂ ସରକାରଙ୍କୁ ଜବାବ ଦେବେ ବୋଲି ଚେତାଇ ଦେଇଛନ୍ତି । ଫଳରେ ଜନଶୁଣାଣି ଅଧାରେ ବନ୍ଦ ହୋଇଯାଇଥିଲା ।

ସରକାରଙ୍କ ଜଙ୍ଗଲ ଅଧିକାର ଆଇନ ମୁତାବକ ପୂର୍ବରୁ ପାରମ୍ପରିକ ଆଦିବାସୀମାନଙ୍କୁ ଗ୍ରାମ୍ୟ ଜଙ୍ଗଲ ପଟ୍ଟା ପ୍ରଦାନ କରାଯାଇଥିଲା। ଏହି ଅନୁସାରେ ଆଦିବାସୀମାନେ ଜଙ୍ଗଲ ଜମି ଚାଷ କରିବା ସହ ଅଧିକାର ପାଇଥିବା ନେଇ ସନ୍ତୋଷ ପ୍ରକାଶ କରୁଥିଲେ। ନିକଟରେ ସୁପ୍ରିମକୋର୍ଟ ଏମାନଙ୍କୁ ଉଚ୍ଛେଦ କରିବାକୁ ଘୋଷଣା କରିବା ପରଠାରୁ ନୂଆପଡା ଜିଲା ସମେତ ରାଜ୍ୟବ୍ୟାପି ଆନ୍ଦୋଳନ କରିବାକୁ ଲାଗିଥିଲେ। ସରକାର ଏହା ଉପରେ ବିଚାର କରି ସୁପ୍ରିମକୋର୍ଟରେ ଆବେଦନ କରିବାକୁ ଅନୁରୋଧ କରିଥିଲେ । ସରକାର ଏହା ଉପରେ କିଛି ବିଚାର କରି ନ ଥିବା ଅଭିଯୋଗ ହୋଇଛି । ଓଲଟା ବନବାସୀ ଆଦିବାସୀମାନଙ୍କୁ ଉଚ୍ଛେଦ କରିବାକୁ ନୋଟିସ ଜାରି କରିଛନ୍ତି। ମଙ୍ଗଳବାର ଏହାକୁ ନେଇ ନୂଆପଡାଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ଜନଶୁଣାଣି ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ଖଡିଆଳ କୌଶଲ୍ୟା ମଣ୍ଡପରେ ଖଡିଆଳ ତହସିଲ, ବୋଡେନ ଏବଂ ସିନାପାଲି ତହସିଲର ଆଦିବାସୀମାନଙ୍କୁ ଡକାଯାଇଥିଲା । ଏଥିରେ ନୂଆପଡା ଜିଲାପାଳ ମଧୁସ୍ମିତା ସାହୁ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝିଙ୍କ ସମେତ ୩ଟି ବ୍ଲକର ତହସିଲଦାର, ଜଙ୍ଗଲ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ। ଏଥିରେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଯେଉଁମାନେ ଗ୍ରାମ୍ୟ ଜଙ୍ଗଲ ହିସାବରେ ପଟ୍ଟା ପାଇଥିଲେ । ତାକୁ ବାତିଲ କରାଯିବାକୁ ନୋଟିସ କରାଯାଇଥିଲା । ଏହି ଅନୁଯାୟୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜନଶୁଣାଣି ହୋଇଥିଲା। ଏହାକୁ ଆଦିବାସୀମାନେ ବିରୋଧ କରିଥିବାବେଳେ ଏହି ଜମିକୁ ଛାଡିବେ ନାହିଁ ବୋଲି ପ୍ରତିବାଦ କରିଥିଲେ। ଦୀର୍ଘ ସମୟ ଧରି ହଟ୍ଟଗୋଳ କରିଥିଲେ ମଧ୍ୟ ଅଧିକାରୀମାନେ ନିର୍ବାକ ହୋଇ ରହିଥିଲେ। ଏହି ଶୁଣାଣିରେ ସିନାପାଲି ତହସିଲର ୨୦ଟି ଗାଁର ୫୧୪ଜଣ, ବୋଡେନ ତହସିଲର ୫ଟି ଗାଁର ୯୯ ଜଣ ଏବଂ ଖଡିଆଳ ବ୍ଲକର ୧୪ଟି ଗାଁର ୧୮୬ଜଣ ହିତାଧିକାରୀ ଯୋଗଦେଇଥିଲେ ।



ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ।

 କୃଷି ବୀମା ପାଇଁ ହେବ ରାସ୍ତାରୋକୋ

## ଖାସବାହାଲ, ଦୋହେଲପଡାବାସୀଙ୍କ ଚେତାବନୀ

**ଖଡିଆଳ,୩୧।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଖାସବାହାଲ ଏବଂ ଦୋହେଲପଡା ପଞ୍ଚାୟତରେ ମରୁଡି ହୋଇଥିଲା । ଚାଷୀଙ୍କ ଏକ ଶକ୍ତ ଧକ୍କା ମିଳିଥିଲା । ଏଥିରେ ବୀମା କମ୍ପାନୀ ଅବହେଳା କରି ନିମ୍ନମାନର କୃଷୀ ବୀମା ପ୍ରଦାନ କରିଥିବାରୁ ଅସନ୍ତୋଷ ଚାଷୀମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ଏହା ପରେ ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଅଗଷ୍ଟ ୮ ତାରିଖରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଖଡିଆଳ -ଭବାନୀପାଟଣା ରାସ୍ତାକୁ ଅବରୋଧ କରିବେ ବୋଲି ଲିଖିତ ଭାବେ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଗତବର୍ଷର ମରୁଡିରେ କୃଷି ବିଭାଗ ସର୍ଭେ କରି ରିପୋର୍ଟ ପ୍ରଦାନ କରିଥିଲା । ହେଲେ ଠିକ ସମୟରେ ବୀମା କମ୍ପାନୀ ଏଥିରେ ଅନିୟମିତତା କରି ଏହି ଦୁଇ ପଞ୍ଚତରେ କମ କ୍ଷତି ହୋଇଥିବା ଦର୍ଶାଇଥିଲା । ଫଳରେ କମ ଦରରେ ବୀମା ଟଙ୍କା ମିଳିଥିବା ନେଇ ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନକୁ ଜଣାଇ ଆସିଛନ୍ତି । କିନ୍ତୁ କୌଣସି ସୁଫଳ ମିଳି ନ ଥିବାରୁ ବର୍ତ୍ତମାନ ଚାଷୀମାନେ ଆନ୍ଦୋଳନ ମୁହାଁ ହୋଇଛନ୍ତି । ଏହାକୁ ନେଇ ଜିଲାପାଳଙ୍କୁ ଖଡିଆଳ ଗସ୍ତ ସମୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାଇ ଦେଇଛନ୍ତି। ଆଗାମୀ ଦିନରେ ପ୍ରଶାସନ କିପରି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ଉତ୍ତମ ଶିଷ୍ୟ ଗଠନ କଲେ ଗୁରୁଙ୍କ ମହତ୍ତ୍ୱ ବଢ଼େ

**ନୂଆପଡା ଅଫିସ,୩୧।୭**

ଶିକ୍ଷକମାନେ ଦେଶର ମେରୁଦଣ୍ଡ। ଉତ୍ତମ ଶିଷ୍ୟମାନେ ଦେଶର ଉତ୍ତମ ନାଗରିକ । ଉତ୍ତମ ଶିଷ୍ୟ ଗଠନ କଲେ ଗୁରୁମାନଙ୍କ ଯୁଗେ ଯୁଗେ ମହତ୍ତ୍ୱ ବଢିଥାଏ ବୋଲି ମତପ୍ରକାଶ ପାଇଛି। ସ୍ଥାନୀୟ ଦର୍ଲିମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ବୈଠକରେ ଦିହାନମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅବସରଗ୍ରହଣ ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ଅଏଁଲାଯୁବା କ୍ଲଷ୍ଟରସ୍ତରୀୟ ବୈଠକରେ ଦର୍ଲିମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନସ ରଞ୍ଜନ ବହିଦାର ସଭାପତିତ୍ୱ କରିଥିବାବେଳେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ମୁଖ୍ୟଅତିଥି, ନୂଆପଡା ସଦର ସିଆରସିସି ଜିତେନ୍ଦ୍ର ଖମାରୀ, ଡୁମେରପାଣି ସିଆରସିସି ଅମୀୟ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କ୍ଲଷ୍ଟରର ୧୬ଟି ବିଦ୍ୟାଳୟ ସମସ୍ତ ପ୍ରଧାନଶିକ୍ଷକମାନେ ଯୋଗଦେଇଥିଲେ । ଏହି ବିଦ୍ୟାଳୟଗୁଡିକ ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଦିହାନମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେହେରା ନିଜର ଅନୁଭୂତି ବଖାଣିଥିଲେ। ଜୀବନରେ ବହୁ ଶିଷ୍ୟଙ୍କୁ ମଣିଷ ଭଳି ମଣିଷ ଭାବେ ଗଢି ନିଜକୁ ଧନ୍ୟ ମଣିଛନ୍ତି । ବରିଷ୍ଠ ଏବଂ ବିଜ୍ଞ ଅଧିକାରୀଙ୍କୁ ନିକଟରେ ପାଇ କୃତକୃତ୍ୟ ହୋଇଥିବା ପ୍ରକାଶ କରିଥିଲେ। ସେହିଭଳି ବ୍ଲକ ଶିକ୍ଷାଧିକାରୀ ନାଏକ ଶିକ୍ଷକମାନେ ଦେଶର ମେରୁଦଣ୍ଡ ବୋଲି କହିଥିଲେ। ଅବସରପରେ ମଧ୍ୟ ଶିକ୍ଷକମାନେ ସମାଜ ସେବାରେ ନିଜକୁ ବ୍ରତୀ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ଅଭିଭାବକ, ଛାତ୍ରୀଛାତ୍ର, ବିଦ୍ୟାଳୟ ସମସ୍ତ ଶିକ୍ଷକମାନେ ଯୋଗଦେଇଥିଲେ ।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ବିଭିନ୍ନ ଦାବି ନେଇ ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ରଙ୍କ ସ୍ମାରକପତ୍ର

**ଭବାନୀପାଟଣା,୩୧।୭ (ଡି.ଏନ.ଏ.)**

ଭବାନୀପାଟନା ସରକାରୀ ସ୍ୱୟଂଶାସିତ କଲେଜରେ ବିଭିନ୍ନ ସମସ୍ୟା ନେଇ ଛାତ୍ର ନେତା କେ.ପ୍ରବୀଣ କୁମାରଙ୍କୁ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। କଲେଜର ସମସ୍ତ ଶୌଚାଳୟକୁ ପରିଚ୍ଛନ୍ନ ରଖିବା, ଶୌଚାଳୟରେ ପାଣି ଓ ବିଦ୍ୟୁତ ସଂଯୋଗ ସହ ମରାମତି କରିବା, ସ୍ୱତନ୍ତ୍ର ଭାବେ ଛାତ୍ରୀମାନଙ୍କୁ ନିମନ୍ତେ ନୂତନ ଶୌଚାଳୟ ନିର୍ମାଣ, ପାଠାଗାରରେ ଆବଶ୍ୟକ ପୁସ୍ତକ ରଖିବା, ଛାତ୍ରୀ ନିବାସକୁ ମରାମତି ଆଦି ଦାବି ସମ୍ପର୍କରେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଲେଇଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ପ୍ରତିନିଧି ଦଳରେ ଛାତ୍ର ନେତେ କେ.ପ୍ରବୀଣ କୁମାର, ଆଶିଷ ମହାପାତ୍ର, ତପସ୍ୱିନି ବାଗ, ପ୍ରାଚୀ ପ୍ରିୟଙ୍କ ଗଉଡ, ରାହୁଲ ରାୟ କୋବି, ଯତିନ ପ୍ରଧାନ, ଉତ୍କଳ ହରପାଲ, ଶୁଭମ ପ୍ରଧାନ, ସୁରଜ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।



ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ରମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

### ବୋର୍ଡା ଅଞ୍ଚଳ ପରିଦର୍ଶନ କଲେ ଜିଲା ପରିଷଦ, ବ୍ଲକ୍ ଅଧ୍ୟକ୍ଷା

**ଭବାନୀପାଟଣା,୩୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ଓ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାସ ସୋମବାର ସଦର ବ୍ଲକ ବୋର୍ଡା ମିଳିକି ଅଞ୍ଚଳର ଗସ୍ତ କରିଥିଲେ। ସେମାନେ ପ୍ରଥମେ ଗୁରୁଜୁଙ୍ଗ ପଞ୍ଚାୟତ ଗାଁ ପୋଲରେ ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରି ଶୀଘ୍ର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସିଏଚସିର ପରିଚାଳନାଗତ ସମସ୍ୟା ନେଇ ଭାରପ୍ରାପ୍ତ ମେଡିକାଲ ଅଫିସର ଡା.ରାଜେନ୍ଦ୍ର ନାରାୟଣ ସିଂ ଦଳପତିଙ୍କ ସହ ଆଲୋଚନା କରିଥିଲେ। ବାଲିପଦର ରାସ୍ତା ମରାମତି କାମ, ବୋର୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପୁରାତନ ଗୃହର ପୁନରୁଦ୍ଧାର ପାଇଁ ପରାମର୍ଶ ଦେଇଥିଲେ । ଗୁରୁଜୁଙ୍ଗ, କୋଲପଲା ଓ ଭେଜିପଦର ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଗୁରୁଜୁଙ୍ଗ ସରପଞ୍ଚ ରୀନା ସାହୁ, ବୋରଭଟ୍ଟା ସରପଞ୍ଚ ସ୍ୱରୂପାରାଣୀ ଗହିର, କର୍ଲାପଡା ସରପଞ୍ଚ ମଧୁସ୍ମିତା ପ୍ରଧାନ, ସମିତି ସଭ୍ୟା ମନୀଷା ଭୋଇ, କୋଦଣ୍ଡ ମହାନନ୍ଦ, ଯୁଧିଷ୍ଠିର ଜାଲ, ବଡମୁଣ୍ଡ ନାଏକ, ଅଶୱିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲିମପ୍ରାପ୍ତ କୃଷକଙ୍କୁ ପ୍ରମାଣପତ୍ର ପ୍ରଦାନ

**ପଲମ,୩୧।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ସାଲେଭଟା ଗ୍ରାମରେ ପ୍ରଧାନମନ୍ତ୍ରୀ କୌଶଳ ଯୋଜନାର କୃଷକମାନଙ୍କୁ ଡାଲିଜାତୀୟ ଚାଷ ପାଇଁ ମ.ରାମପୁର ସେବା ଜଗତ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ସେବା ଜଗତ ସହକର୍ମୀ ଯାଜ୍ଞସେନୀ ଭୋଇ ଓ ଜିତୁ ଭୋଇ ଏବଂ ତିଳେଶ୍ୱର ଗଉଡଙ୍କ ମିଳିତ ଉଦ୍ୟମରେ କୃଷକମାନଙ୍କୁ ଏହି ତାଲିମ ଦିଆଯାଇଥିଲା। ତାଲିମ ପାଇଥିବା ଚାଷୀମାନଙ୍କୁ ଡାଲିଜାତୀୟ ଚାଷ ବିଷୟରେ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଚାଷୀମାନଙ୍କୁ ଗତ ମଙ୍ଗଳବାର ସାଲେଭଟା ପ୍ରାଥମିକ ବିଦ୍ୟାଳୟରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେଭଟା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁବରାଜ ଯାନୀ ଯୋଗଦାନ ଦେଇ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସାଲେଭଟା ଗ୍ରାମ ୱାର୍ଡମେମ୍ବର ଅଜିତା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବା ଜଗତ ସମ୍ପାଦକ ସତ୍ୟ ପଟ୍ଟନାୟକଙ୍କ ଉଦ୍ୟମରେ ମ.ରାମପୁର, ନର୍ଲା, ଲାଞ୍ଜିଗଡ ବ୍ଲକରେ ଅନେକ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

## ସଡ଼କ ସୁରକ୍ଷା ନେଇ ଜିଲାସ୍ତରୀୟ କମିଟି ବୈଠକ

**ନୂଆପଡା ଅଫିସ,୩୧।୭**

ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ମଧୁସ୍ମିତା ସାହୁ ସଭାପତିତ୍ୱ କରିଥିବାବେଳେ ଏସ୍‌ପି ସ୍ମିତ ପରମାର, ଉପଜିଲାପାଳ ତରଣୀସେନ ନାଏକ, ଜିଲା ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମା, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ପଣ୍ଡା, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନଳିନୀ ବେହେରା, ଜାତୀୟ ରାଜପଥ ଏସଡିଓ ସଂଯୋଗ କୁମାର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସଡକ ସୁରକ୍ଷା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯିବ ସେ ଉପର ବିଷଦ ଭାବରେ ଆଲୋଚନା ହୋଇଥିଲା । ଦିନକୁ ଦିନ ସଡକ ସବୁ ଅସୁରକ୍ଷିତ ହୋଇପଡୁଥିବା ବେଳେ ଦୁର୍ଘଟଣା ସଂଖ୍ୟା ଉଦ୍‌ବେଗ ଜନକ ଭାବେ ବଢୁଛି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପ୍ରସ୍ତୁତି କରିବ । ଏଥିପାଇଁ ଜନସାଧାରଣରେ ବ୍ୟାପକ ସଚେତନତା ମଧ୍ୟ ଆବଶ୍ୟକତା ରହିଥିବା କୁହାଯାଇଛି ।



ଜିଲାସ୍ତରୀୟ ବୈଠକରେ ଯୋଗଦେଇଥିବା ଅତିଥିଗଣ ।

ପଣ୍ଡରାପଥର ଗାଁରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

## ଗାଁ ସଫେଇ ପାଇଁ ଆଗେଇ ଆସିଲେ ମହିଳା

**ନୂଆପଡା ଅଫିସ,୩୧।୭**

ବର୍ତ୍ତମାନ ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସଫା ସୁତୁରା କରିବାକୁ ନେଇ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଚାଲିଛି । ଏଥିରେ ଗାଁର ମହିଳାମାନେ ମଧ୍ୟ ଚାରିକାନ୍ଥ ଭିତରୁ ବାହାରି ମୁଣ୍ଡରୁ ପରଦା କାଢି ଗାଁ ସଫେଇ କାମ ପାଇଁ ଅଣ୍ଟା ଭିଡିଛନ୍ତି । ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ଗ୍ରାମପଞ୍ଚାୟତ ପଣ୍ଡରାପଥର ଗାଁରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ମଦର ଟେରେସା ସର୍ଭିସିଂ ସେଣ୍ଟର ଏବଂ ନେହେରୁ ଯୁବ କେନ୍ଦ୍ର ନେତୃତ୍ୱରେ ମହିଳାମାନେ ଘରୁ ବାହାରି ଅଭିଯାନରେ ସାମିଲ ରହିଥିବା ସମସ୍ତଙ୍କୁ ପ୍ରେରଣାର ଉତ୍ସ ହୋଇଛ। ଗାଁରେ ସଚେତନତା ରାଲି କରିଥିବାବେଳେ ଗାଁର ସମସ୍ତ ଆବର୍ଜନା ସ୍ଥଳକୁ ସଫେଇ କରିଥିବା ଦେଖାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗାଁର ମହିଳାମାନେ ଗାଁସାରା ବୁଲି ଘର ଅଗଣା ସଫା ସୁତୁରା ରଖିବାକୁ ବିଭିନ୍ନ ସ୍ଲୋଗାନମାନ ଦେଇ ସଚେତନତା କରିଥିଲେ।



ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ମହିଳାମାନେ।

ଏଥିରେ ବିଭିନ୍ନ ଅନୁଷ୍ଠାନର ଶିଶୁ, ପୁରୁଷ କର୍ମୀମାନେ ମଧ୍ୟ ସାମିଲ ଥିଲେ। ଏହି ଗାଁ ସମେତ ଆଖପାଖ ଗାଁରେ ମଧ୍ୟ ସଚେତନତାର ବାର୍ତ୍ତା ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ଜିଲାବ୍ୟାପି କରାଯିବ ବୋଲି ସଙ୍ଗଠନ ସମ୍ପାଦକ ପ୍ରଧାନୀ କହିଛନ୍ତି । ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ସଚେତନତା ସଭା ହୋଇଥିଲା। ଏଥିରେ ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀ ସଭାପତିତ୍ୱ କରିଥିବାବେଳେ ଗାଁର ଭଦ୍ରବ୍ୟକ୍ତିମାନେ ଯୋଗଦେଇଥିଲେ। ଗାଁକୁ ସଫା ରଖିବା ଦ୍ୱାରା କ'ଣ ସବୁ ସୁଫଳ ମିଳିଥାଏ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମାଞ୍ଚଳର କୁନି ଛାତ୍ରୀଛାତ୍ରମାନେ ଏ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପ୍ରଦର୍ଶନ କରିଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ସଙ୍ଗଠନ ସମେତ ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଫକୀର ରାଉତ, କନ୍ଦର୍ପ ଜଗତ, ଚନ୍ଦ୍ରାଣୀ ନାଏକ, ପଙ୍କଜ ରାଉତ, ଥବିର ଶବର ପ୍ରମୁଖ ସହଯୋଗ କରିଥିଲେ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ



### କୋକସରା ପୋଲିସର ଗାଡିମୋଟର ଯାଞ୍ଚ

**କୋକସରା,୩୧।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥ ବଙ୍ଗୋମୁଣ୍ଡା ଛକ ନିକଟରେ ବୁଧବାର ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା । ଏଥିରେ ବିନା ହେଲମେଟରେ ଗାଡି ଚଳାଉଥିବା ଚାଳକ, ବିନା ଡ୍ରାଇଭିଂ ଲାଇସେନ୍ସ ଓ ଗାଡିର ବୀମା ସହ ଅନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା, କୋକସରା ପୋଲିସ ଏଏସଆଇ ବୁଲୁ ସେଠୀ, ଜନ୍ମେଜୟ ବାଗଙ୍କ ସମେତ କନଷ୍ଟେବଳ ଓ ହୋମଗାର୍ଡମାନେ ଉପସ୍ଥିତ ଥିଲେ ।




### ଚାରବାହାଲରେ ଏଟିଏମ୍ ଭାଙ୍ଗିଲେ ଦୁର୍ବୃତ୍ତ

**ଭବାନୀପାଟଣା,୩୧।୭ (ସ୍ୱ.ପ୍ର.)-** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଚାରବାହାଲଠାରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିଛନ୍ତି। ବୁଧବାର ସକାଳରେ ସ୍ଥାନୀୟ ଲୋକେ ଏହି ଘଟଣା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏଟିଏମ୍‌ରେ କୌଣସି ଟଙ୍କା ନ ଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏଟିଏମ୍‌ରେ କୌଣସି ଟଙ୍କା ନ ଥିବାରୁ ଦୁର୍ବୃତ୍ତମାନେ ଏପରି ଉତ୍ତ୍ୟକ୍ତ ହୋଇ ଭଙ୍ଗାରୁଜା କରିଥିବା ଆଶଙ୍କା କରାଯାଉଛି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୧୨୯/୧୯) ରୁଜୁ ହୋଇଛି। ଏହାର ତଦନ୍ତ ଚାଲିଥିବା କୋକସରା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ ପ୍ରକାଶ କରିଛନ୍ତି।

# ସମସ୍ୟାରେ କେସିଙ୍ଗା ଆଦର୍ଶ ବିଦ୍ୟାଳୟ

**କେସିଙ୍ଗା,୩୧।୭ (ଡି.ଏନ.ଏ.)**

- ୫ ବର୍ଷ ହେବ ପ୍ରିନ୍ସିପାଲ ପଦବୀ ଖାଲି
- ୫ ଶିକ୍ଷକ, ଶିକ୍ଷୟିତ୍ରୀ ପଦବୀ ହେଲା ଖାଲି ପଡିଛି
- ଚଳିତ ଶିକ୍ଷାବର୍ଷରେ ୧୫ ଛାତ୍ରୀଛାତ୍ର ବିଦ୍ୟାଳୟ ଛାଡ଼ିଲେ
- ଠିକ୍ ଭାବେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉନାହିଁ

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ସମସ୍ୟା ଘେରରେ ଗତିକରୁଛି। ଏଠାରେ ୧୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ଦିଆଯିବା କଥା । କିନ୍ତୁ ଆଜି ସୁଦ୍ଧା ସମ୍ପୂର୍ଣ୍ଣ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ଶିକ୍ଷାଦାନରେ ଘୋର ସମସ୍ୟା ଦେଖାଯାଉଛି। ଏଠାରେ ବର୍ତ୍ତମାନ ୧୧ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରିନ୍ସିପାଲ ପଦବୀ ଆଜକୁ ୫ ବର୍ଷ ହେଲା ଖାଲିପଡ଼ିଛି । ସେହିପରି ରସାୟନ ବିଜ୍ଞାନ, ଗଣିତ, ଜୀବ ବିଜ୍ଞାନ, ଖେଳ ଶିକ୍ଷକ ଓ ସ୍ନାତକୋତର ସମକକ୍ଷ ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ଦୀର୍ଘ ୫ ବର୍ଷ ହେଲା ଖାଲି ପଡିଛି । ଏହି ବିଦ୍ୟାଳୟରେ ୪୦୦ ଜଣ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ କ୍ଷମତା ରହିଛି। ବର୍ତ୍ତମାନ ସୁଦ୍ଧା ୩୭୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟର ପଶ୍ଚିମ ପଟେ ବାଡ଼ ନ ଥିବାରୁ ଗାଈ ଗୋରୁ, ଛେଳି, ମେଣ୍ଢା ସମେତ ଅନ୍ୟାନ୍ୟ ପଶୁ ଓ ସରୀସୃପ ବିଦ୍ୟାଳୟ ଭିତରକୁ ପଶି ଆସୁଛନ୍ତି।



କେସିଙ୍ଗା ଆଦର୍ଶ ବିଦ୍ୟାଳୟ ।

ଶହ ଶହ ସଂଖ୍ୟାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ସୁଦ୍ଧ ସିସିଟିଭି ସଂଯୋଗ କରାଯାଇନାହିଁ। ଏତଦବ୍ୟତୀତ ମୁଖ୍ୟ ଗେଟ ମଧ୍ୟ ନିର୍ମାଣ କରାଯାଇ ନାହିଁ ଏବଂ ଶୌଚାଳୟରେ ପାଣି ଆସୁନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ନୂତନ ହଷ୍ଟେଲ ନିର୍ମାଣ ହୋଇ ୧ ବର୍ଷ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଏବଂ କବାଟ ଲାଗ ଯାଇନାହିଁ। ବିଭାଗୀୟ ଅଧିକାରୀଙ୍କୁ ହଷ୍ଟେଲ ହସ୍ତାନ୍ତର କରାଯାଇ ନ ଥିବାରୁ ଛାତ୍ରୀଛାତ୍ରମାନେ ରହିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସମସ୍ତ ଛାତ୍ରୀଛାତ୍ରମାନେ ନିଜସ୍ୱ ଭଡା ଦେଇ ଯାନବାହନରେ ଦୂରଦୂରାନ୍ତରୁ ଆସୁଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏଭଳି ଅସୁବିଧା ଯୋଗୁ ଚଳିତଶିକ୍ଷା ବର୍ଷରେ ୧୫ଜଣ ଛାତ୍ରୀଛାତ୍ର ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଠିକ ଭାବେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉନାହିଁ। କମ ଛାତ୍ରୀଛାତ୍ର ଉପସ୍ଥାନ ଥିଲେ ମଧ୍ୟ ଅଧିକ ଉପସ୍ଥାନ ପକାଇ ଭୋଜନ ପ୍ରସ୍ତୁତ କରାଯାଉଛି ।

ଏହା ଦାୟିତ୍ୱରେ ଥିବା ସହ ଶିକ୍ଷକ ଟିକେଶ୍ୱର ବିଶି ଗତ ସୋମବାର ୧୮୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କିନ୍ତୁ ମଧ୍ୟାହ୍ନଭୋଜନରେ ୨୦୭ ଜଣଙ୍କ ଉପସ୍ଥାନ ପକାଇ ଏମଡିଏମ ରିପୋର୍ଟରେ ଦର୍ଶାଯାଇଛି। ଏହିପରି ଅନେକ ଥର ମଧ୍ୟାହ୍ନ ଭୋଜନରେ ହେରଫେର ହେଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ସହଶିକ୍ଷକ ଟିକେଶ୍ୱର ବିଶିଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ଉକ୍ତ ବିଦ୍ୟାଳୟ ଇନଚାର୍ଜ ଅଧକ୍ଷ ରୋହିତ କୁମାର ଗୌଡ଼ତିଆଙ୍କୁ ପଚାରିବାରୁ ମୁଁ ତ ଜାଣି ନାହିଁ,ଏହି ବିଷୟରେ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ। କିନ୍ତୁ ଉକ୍ତ ଦିନ ଇନଚାର୍ଜ ଅଧକ୍ଷ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ମଦ ବିରୋଧରେ ଏକଜୁଟ ହେଲେ ମହିଳା

**ଲାଞ୍ଜିଗଡ଼,୩୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସବୁଠୁ ଦୁର୍ଗମ ଗ୍ରାମପଞ୍ଚାୟତ ଭୁର୍ଟିଗଡ଼ ଅଞ୍ଚଳରେ ମଦ ବିରୋଧରେ ମହିଳାମାନେ ଅଣ୍ଟା ଭିଡିଛନ୍ତି । ବୁଧବାର ଅଞ୍ଚଳର ୪୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସମବେତ ହେବା ସହ ଭୁର୍ଟିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଏକ ସଭା କରିଥିଲେ। ମହିଳା ସ୍ୱେଚ୍ଛାସେବୀ ମୁକ୍ତା ପାତ୍ର ଓ ସଞ୍ଜୁ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ର ପାତ୍ର, ଶଶିଧର ନାଏକ, ଲୋକନାଥ ପୁଝାରୀ ଓ ଶିରିଗାଁ ୱାର୍ଡସଭ୍ୟ ଉଜ୍ଜ୍ୱଳ ପାତ୍ର ଓ ବନବାସ ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଭୁର୍ଟିଗଡ ଅଞ୍ଚଳରେ ମଦ ବନ୍ଦ କରିବାକୁ ଉଦ୍‌ବୋଧନ ଦେଇଥିଲେ । ଏହା ପରେ ଭୁର୍ଟିଗଡ ପଞ୍ଚାୟତ ବିଭିନ୍ନ ଦୁର୍ଗମଗାଁରୁ ଆସିଥିବା ଶତାଧିକ ମହିଳା ଅଞ୍ଚଳରେ ମଦ ବନ୍ଦ କରିବାକୁ ଶପଥ ନେବା ସହ ଆଗାମୀ ଦିନରେ ମଦ ବିରୋଧୀ ଆନ୍ଦୋଳନକୁ ତୀବ୍ର କରାଯିବାକୁ ନିଷ୍ପତ୍ତି ନେଇଥିଲେ । ଭୁର୍ଟିଗଡ ପରି ଆଦିବାସୀ ବହୁଳ ଅଞ୍ଚଳରେ ରନ୍ଧା ଦେଶୀମଦ ଏକ ସମସ୍ୟା ପାଲଟିଥିବା ବେଳେ ମହିଳାମାନଙ୍କ ମଦ ବିରୋଧୀ ସଭା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏଥିପାଇଁ ପ୍ରଶାସନ ତଥା ଅବକାରୀ ବିଭାଗ ସହାୟତା ଯୋଗାଇଦେଲେ ଭୁର୍ଟିଗଡ ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ସାକାର ରୂପ ନେଇପାରେ ବୋଲି ଚର୍ଚ୍ଚା ହେଉଛି ।



ଭୁର୍ଟିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ମଦ ବିରୋଧରେ ମହିଳାମାନେ ସଭା କରୁଛନ୍ତି ।

## ଅବକାରୀ ବିଭାଗର ଚଢ଼ାଉ

# ୩ କୋର୍ଟ ଚାଲାଣ

**ଜୁନାଗଡ,୩୧।୭ (ଡି.ଏନ.ଏ.)**

ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ସତପଥିଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଜୁନାଗଡ ବ୍ଲକର ବ୍ରାହ୍ମଣୀଗୁଡା, ନୂଆଗୁଡା ଓ ହଣ୍ଡାଖାଲ ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ବ୍ରାହ୍ମଣୀଗୁଡାର ଶାନ୍ତ ନାଏକ, ନୂଆଗୁଡାର କାହ୍ନୁଶଙ୍କର ସୁନାନୀ ଓ ହଣ୍ଡାଖାଲପଡାର ସତ୍ୟ ନାଏକ ପ୍ରମୁଖଙ୍କଠାରୁ ୨୪ ଲିଟର ମଦ ଜବତ କରାଯାଇଥିଲା । ପରେ ୩ ଜଣଙ୍କୁ ଗିରଫ କରି ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଜୁନାଗଡ ଅବକାରୀ ଉପନିରୀକ୍ଷକ (ଏସ୍‌ଆଇ) ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ଏହି ଚଢାଉରେ ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଳ ପ୍ରତିମା ଗହୀର, ବାଳେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ ପ୍ରମୁଖ ସାମିଲ ଥିଲେ ।



ଜୁନାଗଡ ଅବକାରୀ ଉପନିରୀକ୍ଷକଙ୍କ ସହ ୩ ଅଭିଯୁକ୍ତ ।

# ଧାର୍ଯ୍ୟ ସମୟରେ ଟେଣ୍ଡର ନ ଖୋଲିବାରୁ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ

**କର୍ଲାମୁଣ୍ଡା,୩୧।୭ (ଡି.ଏନ.ଏ.)**

**କର୍ଲାମୁଣ୍ଡା ପଞ୍ଚାୟତ ସମିତି**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭଡା ସୁତ୍ରରେ ଗାଡି ଲଗାଇବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଗାଡି ମାଲିକମାନେ ଧାର୍ଯ୍ୟ ସମୟ ଟେଣ୍ଡର ପକାଇଥିଲେ ହେଁ ଟେଣ୍ଡର ପେପର ଖୋଲାଯାଇ ନ ଥିବାରୁ ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗମତେ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୫୫୬ ତା.୧୯।୦୭।୨୦୧୯ ଅନୁଯାୟୀ ଭାଡାସୁତ୍ରରେ ଗାଡି ଲଗାଇବା ଟେଣ୍ଡର ପକାଇବା ଶେଷ ତାରିଖ ୩୦।୦୭।୨୦୧୯ ଥିଲା। ଟେଣ୍ଡର ଶେଷ ଦିନ ହିଁ ଟେଣ୍ଡର ଖୋଲାଯିବା ଉଲ୍ଲେଖ ହୋଇଥିଲା। ତେବେ ଧାର୍ଯ୍ୟ ସମୟ ସୀମା ଭିତରେ ଟେଣ୍ଡର ଖୋଲାଯାଇ ନ ଥିବାରୁ ଟେଣ୍ଡର ପକାଇଥିବା ଗାଡିମାଲିକ କାହ୍ନୁଚରଣ ସାହୁ ଓ ବିଷ୍ଣୁ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏକରୁ ଅନେକ ଗାଡି ମାଲିକ ଟେଣ୍ଡର ପକାଇଥିଲେ ହେଁ ଧାର୍ଯ୍ୟ ତାରିଖରେ ଟେଣ୍ଡର ପେପର ଖୋଲା ନ ଯିବା ବ୍ଲକ ପ୍ରଶାସନର ଅନ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ଥିବା କେତେକ ବୁଦ୍ଧିଜିବୀମାନେ ସନ୍ଦେହ ପ୍ରକଟ କରିଛନ୍ତି। ଏ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ହୋଇ ପାରି ନ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

## ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ

**କର୍ଲାମୁଣ୍ଡା,୩୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଭଟାପଲା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ରଣା ବୁଧବାର ଅବସର ଗ୍ରହଣ କରିଛନ୍ତି। ସେ ୨୪।୨।୧୯୭୯ରେ ଶିକ୍ଷକ ଭାବେ ଯୋଗଦେଇ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ପରେ ସନ୍ଧ୍ୟାରେ ତାଙ୍କ ନିଜ ଗାଁ ରେଙ୍ଗାଲିଠାରେ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଶୋଭାଯାତ୍ରାରେ ଘରକୁ ପାଛୋଟି ନିଆଯାଇଥିଲା।

## ଶିକ୍ଷକ ନିଯୁକ୍ତି ଦାବି, ସ୍କୁଲରେ ତାଲା

# ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ସେରଗଡ,୩୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ନାକଝୁରୀ ଧିକୁଟି ଗାଁରେ ଗତ ୨୯ ତାରିଖରୁ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ବସିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟର ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୩୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ମାତ୍ର ୫ ଜଣ ଶିକ୍ଷକ ଅଛନ୍ତି । ଏହାସହ ନବମ ଓ ଦଶମ ଶ୍ରେଣୀ ପାଇଁ ଗତ ୪ ବର୍ଷ ମଧ୍ୟରେ ଜଣେ ମଧ୍ୟ ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସି ବସିବସି ଘରକୁ ଫେରି ଯାଉଛନ୍ତି । ବାରମ୍ବାର ଡିଇଓ, ବିଇଓ ଓ ଜିଲାପାଳଙ୍କଠାରେ ଅଭିଯୋଗ କଲେ ମଧ୍ୟ କିଛି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାଧ୍ୟ ହୋଇ ଗତ ୩ ଦିନ ହେଲା ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ବସିଛନ୍ତି । ଡିଇଓଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ଯେଗାଯେଗା ହୋଇପାରି ନାହିଁ। ୨ ଦିନ ମଧ୍ୟରେ ଯଦି ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ସ୍କୁଲ କମିଟି ସଭାପତି ଅକ୍ଷୟ ଦୋରା, ବନିତା ଦୋରା, ଜନ୍ମେଜୟ ଦୋରା, ସରୋଜ ଦୋରା ପ୍ରମୁଖ ଗ୍ରାମବାସୀ ଓ ଅଭିଭାବକ ଚେତାବନୀ ଦେଇଛନ୍ତି। ରିପୋର୍ଟ ଲୋଖା ପର୍ଯ୍ୟନ୍ତ ଧାରଣାସ୍ଥଳରେ କୌଣସି ପ୍ରଶାସନ ପହଞ୍ଚିନାହାନ୍ତି ।



ସ୍କୁଲ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଧାରଣାରେ ବସିଛନ୍ତି ।

# ଜୁନାଗଡ଼ରେ ପରୀ–୩ ଅଭିଯାନ ଆରମ୍ଭ, ଜଣେ ନାବାଳିକା ଉଦ୍ଧାର

**ଜୁନାଗଡ,୩୧।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ସ୍ଥାନୀୟ ପୋଲିସର ପରୀ–୩ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜୁନାଗଡ ସହରର ଗନ୍ତାୟତପଡାର ଶେଖ ଅବଦୁଲ ଏକ ନାବାଳିକାଙ୍କୁ ରଖିଥିବା ଅଭିଯୋଗ ହୋଇଥିଲା। ବୁଧବାର ସ୍ଥାନୀୟ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶେଖ୍ ଅବଦୁଲଙ୍କ ଘରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କ ନେତୃତ୍ୱରେ ଏହି ଚଢାଉରେ ଏସ୍‌ଆଇ ସବିତା ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ପତ୍ରାପଡ଼ା ଗାଁକୁ ଯୋଗାଯୋଗ ବ୍ୟାହତ

# କାଦୁଅ ରାସ୍ତାରେ ସ୍କୁଲ ଯାଉଛନ୍ତି ପିଲା

**ଲାଞ୍ଜିଗଡ଼,୩୧।୭ (ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ସମସ୍ତ ଲୋକଙ୍କୁ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯିବ ନାହିଁ ବୋଲି ଘୋଷଣା କରୁଛନ୍ତି। ହେଲେ ସରକାର ଓ ପ୍ରଶାସନର ଦୂରଦୃଷ୍ଟିର ଅଭାବ ଓ ଉଦାସୀନତା ଯୋଗୁ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବାସ କରୁଥିବା ଗାଁ ଆଜି ବାହ୍ୟଜଗତରୁ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ ସେମାନଙ୍କ ଦୁଃଖ ବୁଝିବାକୁ କାହା ପାଖରେ ସମୟ ନାହିଁ। ଏହିପରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ଗ୍ରାପପଞ୍ଚାୟତ ପତ୍ରାପଡାବାସିନ୍ଦା। ଗାଁରେ ପ୍ରାୟ ହଜାରେ ଲୋକେ ବାସ କରୁ ଥିବାବେଳେ ସେମାନେ ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁର ତଥା ଲାଞ୍ଜିଗଡକୁ ଉକ୍ତ ରାସ୍ତା ଦେଇ ଯିବାଆସିବା କରନ୍ତି। ସେହିପରି ଶତାଧିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଏହି ରାସ୍ତାରେ ଯିବାଆସିବା ଏକ ପ୍ରକାର ମୁସ୍କିଲ ହୋଇଯାଇଥିବାବେଳେ କୌଣସି ଯାନବାହନ ଏପରିକି ଗାଁକୁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଆସିବାରେ ବି ସମସ୍ୟା ଦେଖାଦେଇଛି। ଏଥର ବର୍ଷାରେ ବିଶ୍ୱନାଥପୁର–ଲାଞ୍ଜିଗଡ ପିଡବ୍ଲୁଡି ରାସ୍ତାରୁ ପତ୍ରାପଡା ଗାଁକୁ ଯୋଗାଯୋଗ ଏକ ପ୍ରକାର ଠପ୍ ହୋଇଯାଇଥିବାବେଳେ ସ୍ଥାନୀୟ ବାସିନ୍ଦା ଏ ନେଇ ବିଡିଓ ମୁନୀନ୍ଦ୍ର ହୋନ୍ନାଗାଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ବିଡିଓ ହୋନ୍ନାଗା ରାସ୍ତା କ'ଣ ଏବେ ଖରାପ ହେଲା, ବର୍ଷା ଆରମ୍ଭ ପୂର୍ବରୁ ଅଭିଯୋଗ କରିବାର ଥିଲା ବୋଲି ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛନ୍ତି । ବିଡିଓଙ୍କ ମନ୍ତବ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଯୋଗାଯୋଗ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଜରୁରୀକାଳୀନ ଭିତ୍ତିରେ ଏହି ରାସ୍ତା ମରାମତି କରିବାକୁ ସେମାନେ ଦାବି ଜଣାଇଛନ୍ତି ।



କାଦୁଅ ରାସ୍ତାରେ ପିଲାମାନେ ସ୍କୁଲକୁ ଯାଉଛନ୍ତି ।

## ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# କଲେଜ ଗେଟ୍ ସମ୍ମୁଖରେ ଛାତ୍ରଙ୍କ ବିକ୍ଷୋଭ

**ଭବାନୀପାଟଣା,୩୧।୭ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବର୍ଦ୍ଧିତ ହଷ୍ଟେଲ ଫିଁ ହ୍ରାସ ଓ ପୂର୍ବ ଛାତ୍ରାବାସର ଛାତ୍ରଙ୍କୁ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ସ୍ଥାନାନ୍ତରଣ ଦାବି ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ଆଶିଷ ମହାପାତ୍ରଙ୍କ ନେତୃତ୍ୱରେ ବୁଧବାର ଶତାଧିକ ଛାତ୍ର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ କାର୍ଯ୍ୟାଳୟରେ ଘେରାଉ କରିଥିଲେ। ପୂର୍ବ ଛାତ୍ରାବାସର କୋଠା ଅବସ୍ଥା ଦୟନୀୟ ଥିବାବେଳେ ସମସ୍ତ କୋଠରିରୁ ପାଣି ଗଳୁଛି। ଏପରିକି ଛାତ୍ରମାନଙ୍କ ବହି, ଖାତା, ଲାପଟପ ପାଣି ଗଳୁଥିବାରୁ ଓଦା ହୋଇଥିବା ଅଭିଯୋଗ କରିଛନ୍ତି। ଏପରିକି ହଷ୍ଟେଲ ଓ ଅନ୍ତେବାସୀଙ୍କ ପ୍ରତି କଲେଜ ଖାମଖିଆଲି ମନୋଭାବ ରଖୁଥିବା ଅଭିଯୋଗ ହେଉଛି। ଏଣୁ ପୂର୍ବ ଛାତ୍ରାବାସର ସମସ୍ତ ଛାତ୍ର ୩୦୦ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲକୁ ସ୍ଥାନାନ୍ତରଣ ପାଇଁ ଅଡି ବସିଛନ୍ତି। ପୂର୍ବଛାତ୍ରାବାସର କୋଠା ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ଏହାର ପୁନରୁଦ୍ଧାର ପାଇଁ ଅନ୍ତତଃ ୨ ମାସ ସମୟ ଲାଗିବ ବୋଲି ଛାତ୍ରମାନେ କହିଛନ୍ତି। ପୁଣି ଗତବର୍ଷର ହଷ୍ଟେଲ ଏଡମିସନ ଫିଁ ୮୦୦୦ ଥିବା ବେଳେ ଚଳିତଥର ୧୦ ହଜାର ଟଙ୍କା ରଖାଯାଇଛି। ଏହି ବର୍ଦ୍ଧିତ ଫିଁକୁ ତୁରନ୍ତ ହ୍ରାସ କରିବା ସହ ଛାତ୍ରମାନଙ୍କୁ ନୂତନ ହଷ୍ଟେଲକୁ ସ୍ଥାନାନ୍ତର ନ କଲେ ଆନ୍ଦୋଳନ କରାଯିବ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଛାତ୍ରନେତା ଆଶିଷ ମହାପାତ୍ର, କେ.ପ୍ରବୀଣ କୁମାର, ସୁଭେନ୍ଦୁ ଭୋଇ, ଶିବାନନ୍ଦ ସାହୁ, ପ୍ରଦୀପ ନାଏକ, ରଜତ ପ୍ରଧାନ, ଅଭିଷେକ ସାହୁ, ରିତେସ ମେହେର, ଲୁପ୍ତେ ମାଝି, ସାସ୍ୱତ ମିଶ୍ର, ବିକି ସବର, ତୃପ୍ତି ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

**ହଷ୍ଟେଲ ଫିଁ ବୃଦ୍ଧି ହ୍ରାସ, ନୂତନ ଛାତ୍ରାବାସକୁ ସ୍ଥାନାନ୍ତର ଦାବି**



କଲେଜ ଗେଟ୍ ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ କରୁଛନ୍ତି ।

## ସଂକ୍ଷେପରେ

### ଭାରତ ବିକାଶ ପରିଷଦର ଚାରା ରୋପଣ

**ଟିଟିଲାଗଡ଼,୩୧।୭(ଡି.ଏନ.ଏ.):** ସମାଜସେବା ତଥା ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତ ବିକାଶ ପରିଷଦ ଟିଟିଲାଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ, ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ପ୍ରମୋଦ ପାଳ, ରାଜୀବ କୁମାର ପାଢ଼ୀ, ଜଗନ୍ନାଥ ପଣ୍ଡା, ଜୟପ୍ରକାଶ ଅଗ୍ରୱାଲ, ଆନନ୍ଦ ଜୈନ, ଶିବସୁନ୍ଦର ବେହେରା, ସେବକ ଚରଣ ଦାଶ, ହିମାଂଶୁ ଶେଖର ଦାଶ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଟିଟିଲାଗଡ଼, ୩୧।୭ (ଡି.ଏନ.ଏ.):** ଟିଟିଲାଗଡ଼ ସ୍ୱୟଂଶାସିତ ଡିଏଭି କଲେଜ ଅଧ୍ୟକ୍ଷ ପ୍ରଫେସର ବିକ୍ରମ କେଶରୀ ମିଶ୍ର ବୁଧବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏନେଇ କଲେଜ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ସୁଶିଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ କଲେଜରେ ଉନ୍ନତି ମୂଳକ କାମ ହୋଇଥିବା କହିଥିଲେ। ପ୍ରଫେସର ଡ.ଦୋଳଗୋବିନ୍ଦ ବିଶି କର୍ତ୍ତବ୍ୟପରାୟଣତା ନେଇ ବିଦାୟୀ ଅଧ୍ୟକ୍ଷଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କିରାଣି ସଞ୍ଜୟ ଅଗସ୍ତି, ଅଧ୍ୟାପକ କୃଷ୍ଣଚନ୍ଦ୍ର ଶତପଥୀ, ମେଜର ଡ. ମଧୁସୂଦନ ମିଶ୍ର ପ୍ରମୁଖ ବିଦାୟୀ ଅଧ୍ୟକ୍ଷଙ୍କ କର୍ମନିଷ୍ଠା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ବିଦାୟୀ ଅଧ୍ୟକ୍ଷଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀଙ୍କ ସମ୍ମିଳିତ ସହଯୋଗରେ କଲେଜର ଉନ୍ନତି ହୋଇଥିବା ବିଦାୟୀ ଅଧ୍ୟକ୍ଷ ମିଶ୍ର କହିବା ସହ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଟେଣ୍ଡର ପ୍ରକ୍ରିୟା ଶେଷ

# ଚର୍ଚ୍ଚାରେ ପିଡିଏସ୍ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଚୁକ୍ତି ସମ୍ପ୍ରସାରଣ

**ବଲାଙ୍ଗୀର ଅଫିସ, ୩୧।୭**

ରାଜ୍ୟ ଯୋଗାଣ ବିଭାଗର ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ ଚୁକ୍ତି (୨୦୧୭-୧୯)କୁ ତୃତୀୟ ଥର ସକାଶେ ବୁଧବାର ସମ୍ପ୍ରସାରଣ କରାଯାଇଥିବା ଜଣାପଡିଛି। ତେବେ ଗତ ଜୁନ୍‌ରୁ ୨୦୧୯-୨୧ ବର୍ଷ ସକାଶେ ନୂଆ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ ଟେଣ୍ଡର ଫାଇନାଲ ହୋଇ ଅନୁମୋଦନ ସକାଶେ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟକୁ ପଠାଯାଇଛି। ତେବେ ବୁଧବାର ରାଜ୍ୟ ଯୋଗାଣ ବିଭାଗ ଜେନେରାଲ ମ୍ୟାନେଜର ପିଡିଏସ୍ ତୃତୀୟ ଥର ସକାଶେ ପୁରୁଣା ଚୁକ୍ତିକୁ ୧ ମାସ ପାଇଁ ଅର୍ଥାତ୍ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଥିବା ବଲାଙ୍ଗୀର ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ଜୁନ ମାସରୁ ଜିଲାସ୍ତରୀୟ ଟେଣ୍ଡର କମିଟିରେ ନୂଆ ଟେଣ୍ଡର ଫାଇନାଲ ହୋଇଥିଲେ ମଧ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରୁ କାହିଁକି ଚୁକ୍ତି ସମ୍ପ୍ରସାରଣ କରାଯାଉଛି ତାହା ସ୍ପଷ୍ଟ ହୋଇନାହିଁ । ଏନେଇ ଜିଲା ଯୋଗାଣ ଅଧିକାରୀ ଅଭିରାମ କରଙ୍କୁ ପଚାରିବାରୁ ଜିଏମ୍ ପିଡିଏସ୍‌ଙ୍କ ଚିଠିରେ ଆସନ୍ତା ୧ ମାସ ପାଇଁ ପିଡିଏସ୍ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ର ଚୁକ୍ତିକୁ ପୁଣି ଥରେ ସମ୍ପ୍ରସାରଣ କରିଥିବାରୁ ଏନେଇ ନୂଆ ଟେଣ୍ଡର ଅନୁମୋଦନ ଲାଭ ହୋଇ ନ ଥିବା ସୂଚନା ଦେଇଛନ୍ତି।

୨୦୧୭-୧୯ ବର୍ଷର ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ ଚୁକ୍ତି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ଥିଲା । ପରେ ନିର୍ବାଚନ ଆସିବାରୁ ଉକ୍ତ ଚୁକ୍ତିକୁ ପ୍ରଥମ ଥର ସକାଶେ ୨ ମାସ ଅର୍ଥାତ୍ ମଇ ୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା। ଦୁଇ ମାସ ସମ୍ପ୍ରସାରଣ କରାଯିବା ଭିତରେ ନୂଆ ଟେଣ୍ଡର କରାଯିବା କଥା। ମାତ୍ର ଜୁନ୍ ୩ ତାରିଖରେ ଜିଲା ଟେଣ୍ଡର କମିଟି ଟେକ୍‌ନିକାଲ ବିଡ ଖୋଲା ଯାଇଥିଲା ଏବଂ ଏଥିରେ ବଲାଙ୍ଗୀର ଜିଲାର ୧୬ଟି ୟୁନିଟ୍ ସକାଶେ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ ଚୟନ କରାଯାଇ ଅନୁମୋଦନ ସକାଶେ ପଠାଯାଇଥିଲା। ଜୁନ୍ ମାସରେ ଟେଣ୍ଡର ଅନୁମୋଦନ ନ ହେବାରୁ ଦ୍ୱିତୀୟ ଥର ସକାଶେ ପୁଣି ୧ ମାସ ପାଇଁ ପୁରୁଣା ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ଚୁକ୍ତିକୁ ସମ୍ପ୍ରସାରଣ କରାଯାଇ ପିଡିଏସ୍ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା । ଇତିମଧ୍ୟରେ ପୁଣି ଏକ ମାସ ବିତିଯାଇଥିଲେ ମଧ୍ୟ ଟେଣ୍ଡର କମିଟିର ନୂଆ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କୁ ଅନୁମୋଦନ ମିଳିନାହିଁ ଓ ତୃତୀୟ ଥର ସକାଶେ ବୁଧବାର ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଚୁକ୍ତିକୁ ପୁଣି ଥରେ ସମ୍ପ୍ରସାରଣ କରାଯାଇଥିବା ଜଣାପଡିଛି।

#### ବଡଧରଣର କିକ୍‌ବ୍ୟାକ୍ ସନ୍ଦେହ

ନୂଆ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ସତ୍ତ୍ୱେ ଯୋଗାଣ ବିଭାଗ କାହିଁକି ଏଭଳି ସମ୍ପ୍ରସାରଣ କରିଚାଲିଛନ୍ତି, ସେନେଇ କିଛି ବି ଠୋସ୍ କାରଣ ଜଣାପଡିନାହିଁ । ଯୋଗାଣ ନିଗମର ଏଭଳି ସମ୍ପ୍ରସାରଣକୁ ବିରୋଧ କରି ବଲାଙ୍ଗୀରର ଜଣେ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ହାଇକୋର୍ଟ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। ଇତିମଧ୍ୟରେ ଯୋଗାଣ ନିଗମର ଏଭଳି ବାରମ୍ବାର ସମ୍ପ୍ରାସାରଣ ପରେ ଜିଲାସ୍ତରରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ପୁରୁଣା ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଓ ନୂଆ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ଭିତରେ ଏକପ୍ରକାର ଭିତିରି ଯୁଦ୍ଧ ଆରମ୍ଭ ହୋଇଯାଇଛି । ଏଥିରୁ ଏହି ସମସ୍ତ ପ୍ରକ୍ରିୟାରେ ଏକ ବଡଧରଣର କିକ୍‌ବ୍ୟାକ୍ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଜିଲାସ୍ତରରୁ ଯୋଗାଣ ନିଗମର କିଛି ବଡବଡିଆ ଅଧିକାରୀଙ୍କ ବିରୋଧରେ କିଛି ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଖୋଲାଖୋଲି ଦୁର୍ନୀତି ଅଭିଯୋଗ କରୁଛନ୍ତି । ଜାଣିଶୁଣି ଯୋଗାଣ ନିଗମର କିଛି ଅଧିକାରୀ ଏହି ସମ୍ପ୍ରସାରଣ ଫର୍ମୁଲା ବାହାର କରିଥିବା ଜଣାପଡିଛି। ବଲାଙ୍ଗୀର ଜିଲାର ଜଣେ ବ୍ୟକ୍ତି ଏବେ ଯୋଗାଣ ବିଭାଗର ସର୍ବେସର୍ବା ପାଲଟିଛନ୍ତି । ଟେଣ୍ଡର ପ୍ରକ୍ରିୟାରୁ ଆରମ୍ଭ କରି ପିଡିଏସ୍ ବିଭାଗକୁ ବ୍ୟକ୍ତି ଜଣକ ପରିଚାଳନା କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଜିଲାରେ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଏଲ୍-୨ ଟେଣ୍ଡର ପ୍ରକ୍ରିୟାରେ ୯ଟି ୟୁନିଟ୍‌ରେ ସିଙ୍ଗଲ ଟେଣ୍ଡରରେ ବିଡ ମନୋନୟନ ହୋଇଥିବା ଜଣାପଡିଛି। ସିଙ୍ଗଲ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ରି-ଟେଣ୍ଡର କରିବା ପାଇଁ ଯୋଗାଣ ନିଗମ ଚିଠି କରିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଛି। ନିଗମ ଅଧିକାରୀଙ୍କ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରା ନ ଯାଇ ଜିଲା ଟେଣ୍ଡର କମିଟିର ତାଲିକାକୁ ଫାଇନାଲ କରିବା ପାଇଁ ଜୋର୍‌ଦାର ଲବି କରାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଜିଲା ଯୋଗାଣ ଅଧିକାରୀ ପ୍ରଧାନଙ୍କୁ ପଚାରିବାରୁ ସେ ଏହି ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଯୋଗାଣ ନିଗମର ବାରମ୍ବାର ସମ୍ପ୍ରସାରଣ ଓ ଜିଲା ଟେଣ୍ଡର କମିଟିର ସିଙ୍ଗଲ ଟେଣ୍ଡରର ଭିତିରି ରହସ୍ୟ ଜଣାପଡିଯିବ ବୋଲି ଆଲୋଚନା ହେଉଛି।

## ବୁରୁଧିଙ୍କର ଗୁହାରି ଶୁନ୍‌ଲେ ମୁଖ୍ୟମନ୍ତ୍ରୀ

**ଟିଟିଲାଗଡ଼, ୩୧।୭ (ଡି.ଏନ.ଏ.)**

ଟିଟିଲାଗଡ଼ ପୌରାଞ୍ଚଳ ଅଧୀନ ବ୍ଲକ ପଡ଼ାର ଗରିବ୍ ବୁରୁଧି ଲୟ ବିଭାରକଁର ଖଁଦେ ଗୁଟେ ଆବୁ ହେଇଛେ। ବୁରୁଧିକଁର ଚିକିତ୍ସା ସାହାଯ୍ ଲାଗି ହେଲ୍ପିଂ ହ୍ୟାଣ୍ଡ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଜିଲାପାଳ ଆର ମୁଖ୍ୟମନ୍ତ୍ରୀକୁଁ ଟୁଇଟ୍ କରି ନିବେଦନ କରିଥିଲେ। ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀକଁର ଦପ୍‌ତରରୁ ଘଟନାର ତଦଁତ୍ କରବାର ନିରଦେଶ ପାଇ ବୁଧୁବାର ରାତିରେ ଟିଟିଲାଗଡ଼ ବିଡିଓ ମୋତିଲାଲ ସୁଲିଆ ବୁରୁଧି ଲୟକଁର ଘରେ ପୁହୁଁଚିଥିଲେ। ସେଠାନେ ବିଡିଓ ତାହାକୁ ନଗଦ ୨୦ ହଜାର ଟଁକା ସାହାଯ୍ ଦେଇଥିଲେ। ଏନ୍‌ତା କି ଅପରେଶନ ଲାଗି ସେ କେହେନ୍‌ସି ଡାକ୍‌ତରଖାନାରେ ଭରତି ହେଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସବୁ ଖରଚ୍ ଦିଆଯିବା ବଲି ବିଡିଓ ସୁଲିଆ କହିଛନ୍। ସେନ୍‌ତା ଟୁଇଟର ଜରିଆରେ ସୂଚନା ପାଇ ଅସାହା ବୁରୁଧିକୁଁ ମୁଖ୍ୟମନ୍ତ୍ରୀ ସାହାଯ୍‌ର ହାତ୍ ବଢ଼ାବାର ଘଟନାକେ ବୁଧିଜୀବୀ ମହଲରେ ବଡ଼ଭାରି ପରଶଁସା କରାଯାଇଛେ।

## ଭୁଶୁଡ଼ିଲା ଅଙ୍ଗନୱାଡି ପାଚେରି

**ଲୋଇସିଂହା,୩୧।୭(ଡି.ଏନ.ଏ)**

ଆଗଲପୁର ବ୍ଲକ ଡୁଙ୍ଗରିପାଲି ଗ୍ରାମର ଅଙ୍ଗନୱାଡି(ଖ) କେନ୍ଦ୍ର ପାଚେରୀ ବର୍ଷାରେ ଭୁଶୁଡି ପଡିଛି । ନିର୍ମାଣର ବର୍ଷକ ମଧ୍ୟରେ ପାଚେରି ଭୁଶୁଡି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୁଟାସିଂହା ପଞ୍ଚାୟତ ଅଧୀନ ଡୁଙ୍ଗୁରିପାଲି ଗ୍ରାମର ଅଙ୍ଗନୱାଡି(ଖ) କେନ୍ଦ୍ରରେ ଗତ ଆର୍ଥିକ ବର୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ପାଚେରି ନିର୍ମାଣ କରାଯାଇଥିଲା। ହେଲେ ଗତ ରବିବାର ରାତିର ବର୍ଷାରେ ପାଚେରି ଭୁଶୁଡି ପଡିଥିଲା। ଘଟଣା ରାତିରେ ହୋଇଥିବାରୁ ଲୋକେ ଘଟଣାରୁ ବର୍ତ୍ତିଯାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ, ମୁତାବକ, ପାଚେରୀ ନିର୍ମାଣ ବେଳେ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବସୀ ପ୍ରତିବାଦ କରି ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଯାହାକି ଗତ ରବିବାର ରାତିରେ ବର୍ଷାରେ ପାଚେରି ଭୁଶୁଡି ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭୁଶୁଡି ପଡିଥିବା ଡୁଙ୍ଗରିପାଲି ଗ୍ରାମର ଅଙ୍ଗନୱାଡି(ଖ) କେନ୍ଦ୍ର ପାଚେରି।

## ଟିଠିପାଲିରେ ଅବକାରୀ ଚଢ଼ାଉ: ୨୫ଲିଟର ଦେଶୀ ମଦ ଜବତ, ୧ ଗିରଫ

**ତରଭା,୩୧।୭(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଟିଠିପାଲି ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଧିକାରୀମାନେ ଦେଶୀ ମଦ ରନ୍ଧା ସ୍ଥାନ ଠାବ କରିଥିଲେ। ଏପରି କି ଘଟଣାସ୍ଥଳରୁ ୪୪୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଥିବା ଜଣାପଡିଛି ।

ସେହିପରି ୨୫ ଲିଟର ଦେଶୀ ମଦ ଜବତ ସହିତ ମଦ ବ୍ୟବସାୟୀ ତୀର୍ଥ ରଣାଙ୍କୁ ଗିରଫ କରାଯାଇଛି। ତୀର୍ଥଙ୍କୁ ତରଭା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅବକାରୀ ଡିଏସପି ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନେତୃତ୍ୱରେ ସୋନପୁର ଏସ୍‌ଆଇ ସୁବିନ୍ଦର ନାଗ, ଏଏସ୍‌ଆଇ ପ୍ରଦୀପ ରଥ, କନେଷ୍ଟବଳ ଡୋଲାମଣି ପଧାନ, ପୃଥୀରାଜ କହଁର, ପିଣ୍ଟୁ ସାହୁ, ନନ୍ଦି କର୍ମୀ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।



ଦେଓଗାଁ ଥାନା ପରିସରରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ପୋଲିସ ଅଧିକାରୀଙ୍କ ସହ ଜନସାଧାରଣ।

## ଆମ ପୋଲିସ ସମିତି ବୈଠକ

**ଦେଓଗାଁ,୩୧।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଲୋକନାଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଓଗାଁର ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବୈଠକରେ କିପରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହେବା ସହ ଟ୍ରାଫିକ ସମସ୍ୟା, ନିଶାନିବାରଣ ଆଦି ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭକ୍ତ ଚରଣ ସାହୁ, ବିଭୂ ଚରଣ ରଣା, ଶୈଳେନ୍ଦ୍ର କୁମାର ସାହୁ, ଦେଓଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ଜୟପ୍ରତାପ ସିଂ ଦେଓ ପ୍ରମୁଖ ଯୋଗଦେଇ ପୋଲିସ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ବୈଠକରେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ କମଳ ମାଝି, ଦେଓଗାଁ ଥାନା ଏସ୍‌ଆଇ ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଏସ୍‌ଆଇ ଜନାର୍ଦ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦେଓଗାଁ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଧଣ୍ଡାମୁଣ୍ଡାରେ ସାମାଜିକ ସମୀକ୍ଷା ବୈଠକ

**ଖପ୍ରାଖୋଲ,୩୧।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ କୁମ୍ଭାରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଶ୍ରମିକ ପ୍ରତିନିଧି ଚୂଡାମଣି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସଭା ସମ୍ପାଦକ ଭାବେ ସୁନନ୍ଦ ପୁଟେଲ ମଞ୍ଚାସୀନ ଥିଲେ । ଏହି ଅବସରରେ ୨୦୧୮-୧୯ ଆର୍ଥିକ ବର୍ଷରେ ସମ୍ପାଦିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସମ୍ପାଦିତ କାର୍ଯ୍ୟଗୁଡିକର କେସ୍ ରେକର୍ଡ, ମଷ୍ଟର ରୁଲ ଆଦି ତନଖି କରାଯାଇଥିଲା। ସେହିପରି ଜାତୀୟ ସାମାଜିକ ସହାୟତା ଯୋଜନାରେ ଦିଆଯାଉଥିବା ଅନ୍ନପୂର୍ଣ୍ଣା ଚାଉଳ, ଇନ୍ଦିରାଗାନ୍ଧୀ ଜାତୀୟ ବିଧବା ଭତା, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଆଦି ହିତାଧିକାରୀଙ୍କ ତାଲିକା ପ୍ରଦର୍ଶନ ସହିତ ଭତ୍ତା ପ୍ରଦାନ ଖାତା ଆଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗ୍ରାମ୍ୟ ସମ୍ବଳ କର୍ମୀ ରୁବି ବାରିକ, ସବିତା ଭୋଇ, ମମତା ମହାକୁଡ ୧୫ ଦିନ ଧରି ଗାଁକୁ ଗାଁ ଯାଇ ସଂଗୃହୀତ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ନିରପେକ୍ଷ ଅଧିକାରୀ ଭାବେ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା କୁଜର, ବ୍ଲକ ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ, ଇଓ ଅଶୋକ କୁମାର ପାଣିଗ୍ରାହୀ ଜିଆର୍‌ଏସ୍ ସୁଧର୍ମା ବେହେରା, ଯୋଗାଣ ସହାୟକ ନୀହାରିକା ସାହୁଙ୍କ ସମେତ ମହିଳା ପୁରୁଷ ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

## ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡମିଣ୍ଟନ୍ ଚାମ୍ପିୟନ୍‌ଶିପ

**ବଲାଙ୍ଗୀର ଅଫିସ, ୩୧।୭**

- ସିଙ୍ଗଲ୍ସରେ ସୁକାନ୍ତ, ଡବଲ୍ସରେ ଅମ୍ବିକା-ବିସ୍ମୟ ଚାମ୍ପିୟନ
- ଭେଟରାନ୍ ସିଙ୍ଗଲ୍ସରେ ପ୍ରତାପ, ଡବଲ୍ସରେ ରାମବାହାଦୁର-ମହେନ୍ଦ୍ର ଚାମ୍ପିୟନ

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡ଼ିଆର ଇନ୍‌ଡୋର ଷ୍ଟାଡିୟମରେ ସୋମବାରଠାରୁ ଚାଲିଥିବା ୩ ଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ବିଭିନ୍ନ ବିଭାଗର ଚାମ୍ପିୟନ ଓ ରନର୍ସଅପ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବ୍ୟାଡମିଣ୍ଟନ୍ ସିଙ୍ଗଲ୍ସ ଇଭେଣ୍ଟରେ ପୋଲିସ ଏସ୍‌ଆଇ ସୁକାନ୍ତ କୁମାର ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ସୁକାନ୍ତଙ୍କ ଘର ବଲାଙ୍ଗୀର ହୋଇଥିବାବେଳେ ସେ ଏବେ ଝାରସୁଗୁଡା ଜିଲାରେ କାର୍ଯ୍ୟରତ ଅଛନ୍ତି । ସିଙ୍ଗଲ୍ସ ରନର୍ସ ଅପ ଖେଳାଳି ଭାବେ କୋରାପୁଟର ହାବିଲଦାର ସୁଦୀପ କୁମାର ଗଡନାୟକ ପୁରସ୍କୃତ ହୋଇଛନ୍ତି। ଭେଟେରାନ୍ ବିଭାଗରେ ଏଏସ୍‌ଆଇ ପ୍ରତାପ କୁମାର ଖାଡେଙ୍ଗା ଚାମ୍ପିୟନ ଓ କନ୍‌ଷ୍ଟେବଲ ସନ୍ତୋଷ କୁମାର ବେହେରା ରନର୍ସ ଅପ୍ ହୋଇଛନ୍ତି । ଡବଲ୍ସ ବିଭାଗରେ ଅମ୍ବିକା ପ୍ରସାଦ ପାତ୍ର ଓ ବିସ୍ମୟ ମହାନ୍ତି ଚାମ୍ପିୟନ ହୋଇଥିବା ବେଳେ ତେଜ ବାହାଦୁର ଗୁରୁଙ୍ଗ ଓ ନାମ ତମଙ୍ଗ ରନର୍ସ ଅପ ହୋଇଛନ୍ତି। ଭେଟରାନ୍ ଡବଲ୍ସ ବିଭାଗରେ ରାମବାହାଦୁର ଗୁରୁଙ୍ଗ ଓ ମହେନ୍ଦ୍ର ତମଙ୍ଗ ଚାମ୍ପିୟନ ହୋଇଥିବା ବେଳେ ତ୍ରିବିକ୍ରମ ବିଶ୍ୱାଳ ଓ ସନ୍ତୋଷ କୁମାର ବେହେରା ରନର୍ସ ଅପ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ପୋଲିସ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଜିଲାପାଳ ଅରିନ୍ଦମ ଡାକୁଆ, ସିଆର୍‌ପିଏଫ୍ କମାଣ୍ଡେଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ଏସ୍‌ପି କେ ଶିବା ସୁବ୍ରମଣି ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଖେଳ ମାଧ୍ୟମରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା ଓ ଭାଇଚାରା ଶିକ୍ଷା ଦିଆଯାଏ ବୋଲି ଅତିଥିମାନେ କହିଥିଲେ। ଚିଫ୍ ରେଫରି ଭାବେ ସୁରୁଲାଲ ମଟାରୀ ଖେଳ ପରିଚାଳନା କରିଥିଲେ।



ବଲାଙ୍ଗୀରଠାରେ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ପୋଲିସ ବ୍ୟାଟମିଣ୍ଟନ ଚାମ୍ପିୟନ୍‌ଶିପର କୃତୀ ଖେଳାଳୀଙ୍କ ସହ ଅତିଥି।

## ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ

**ସୋନପୁର,୩୧।୭(ନି.ପ୍ର.)**

ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ଦ୍ୱାରା ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି ସୁବର୍ଣ୍ଣପୁର ଜିଲାର ୨ଟି ଉପକାରାଗାର ପରିଦର୍ଶନ କରିଛନ୍ତି। କମିଟି ବୁଧବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିବା ବେଳେ ଗତ ସୋମବାର ବୀରମହାରାଜପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟିର ସଦସ୍ୟ ଅବକାଶ ମିଶ୍ର, ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗାରକୁ ଯାଇ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ । ସୁବିଧା ଅସୁବିଧା ନୀରିକ୍ଷଣ ସହ କାଗଜପତ୍ର ଯାଞ୍ଚ କରିଥିଲେ। କମିଟି ପକ୍ଷରୁ କାରାଗାରରେ ଆଇନରେ ଜଡିତ ଥିବା ଶିଶୁ ରହୁଛନ୍ତି କି ନାହିଁ ସେ ସମ୍ପର୍କରେ ତନଖି କରାଯାଇଥିଲା । ତେବେ ଉଭୟ କାରାଗାରରେ ଶିଶୁ ନ ଥିବା ଜଣା ପଡିଥିଲା।

## ଫଟୋରେ ଖବର





ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଜଳନିଷ୍କାସନ ହୋଇ ନ ପାରିବାରୁ ଜଳାଶୟର ଭ୍ରମ ସୃଷ୍ଟି କରୁଛି (ବାମ)। ବଲାଙ୍ଗୀର କଚେରି ଛକରୁ ପାଟଣାଗଡ ରୋଡ ଡିଭାଇଡରରେ ବୃକ୍ଷରୋପଣ ଦାବିରେ ଭିଆଇପି ପାର୍ଟି ପକ୍ଷରୁ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଧାରଣା । (ଫଟୋ-ସୁନୀଲ)



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଅଗଷ୍ଟ ପହିଲାରୁ ଶିକ୍ଷକ ପାଇବେ ଜିପିଏଫ୍ ସ୍ଲିପ୍

**ସୁନ୍ଦରଗଡ, ୩୧।୭ (ଡି.ଏନ୍.ଏ.)**- ଅଗଷ୍ଟ ପହିଲା ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସେମାନଙ୍କ ୨୦୧୮-୧୯ ଆର୍ଥିକ ବର୍ଷର ଜିପିଏଫ୍ ଆକାଉଣ୍ଟ ସ୍ଲିପ୍ ପାଇପାରିବେ। କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍ ଓଡିଶାଙ୍କ ପତ୍ରାଙ୍କ ସଂଖ୍ୟା ୨୦୪ ତା ୩୦।୭।୨୦୧୯ ଦ୍ୱାରା ଜଣାପଡିଛି । ଏକଦା ଏହି ବର୍ଗର ଶିକ୍ଷକ, କର୍ମଚାରୀମାନେ ନିଜର ଜିପିଏଫ୍‌ରେ ଜମା କରୁଥିବା ଟଙ୍କାର ହିସାବ ପାଇବା ପାଇଁ ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡୁଥିଲା। ଏପରିକି ଭୁଲ ହିସାବକୁ ସୁଧାରିବା ଲାଗି ଶିକ୍ଷକମାନେ ବାରମ୍ବାର ଭୁବନେଶ୍ୱର ଦୌଡୁଥିଲେ। ବର୍ତ୍ତମାନ ପ୍ରଯୁକ୍ତି ବ୍ୟବସ୍ଥା ଯୋଗୁ ଗତବର୍ଷଠାରୁ ଶିକ୍ଷକମାନେ ମୋବାଇଲ ଫୋନ୍ ମାଧ୍ୟମରେ ନିଜ ଦରମାରୁ ଜିପିଏଫ୍‌ରେ ଜମା ହେଉଥିବା ଟଙ୍କା, ତାହାର ସୁଧ ଓ ଉଠାଣ ହେଉଥିବା ଟଙ୍କାର ହିସାବ ପହଞ୍ଚିବା ବାସ୍ତବିକ ସ୍ୱାଗତଯୋଗ୍ୟ ବୋଲି ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର କହିଛନ୍ତି। କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍‌ଙ୍କ ସୂଚନା ଅନୁଯାୟୀ ଅଗଷ୍ଟ ପହିଲାରୁ ଶିକ୍ଷକ କର୍ମଚାରୀମାନେ ଡବ୍ଲୁଡବ୍ଲୁଡବ୍ଲୁ ଓଡିଶା ଟ୍ରେଜେରୀ ଡଟ.ଇନ୍ ମାରି କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସକୁ ଯାଇ ଜିପିଏଫ୍ କୋରିଜକୁ ଲିଙ୍କ କରି ଆବଶ୍ୟକୀୟ ସୂଚନା ଅନୁଯାୟୀ ତଥ୍ୟ ପ୍ରଦାନ କଲେ ଶିକ୍ଷକ ଓ କର୍ମଚାରୀ ମାନେ ନିଜ ନିଜର ବାର୍ଷିକ ଆକାଉଣ୍ଟସ୍ଲିପ୍ ପାଇପାରିବେ ଏବଂ ତାହାକୁ ଡାଉନଲୋଡ କରି ପ୍ରିଣ୍ଟଆଉଟ ବାହାର କରି ପାଖରେ ରଖିଲେ ଭବିଷ୍ୟତରେ ଜିପିଏଫ୍ ବାହାର କରିବା ପାଇଁ ଏହା ସୁବିଧା ହେବ ।

### ଘର ସମ୍ମୁଖରୁ ବୋଲେରୋ ଚୋରି

**ସୁନ୍ଦରଗଡ, ୩୧।୭ (ଡି.ଏନ୍.ଏ)**- ସଦର ଥାନା ଅନ୍ତର୍ଗତ ଲଙ୍କାହୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କଘର ସାମ୍ନାରୁ ଗତ ୨୯ ତାରିଖ ବିଳମ୍ବିତ ରାତିରେ ଏକ ବୋଲେରୋ ଗାଡି ଚୋରି ହୋଇଯାଇଥିବା ନେଇ ଥାନାରେ ରିପୋର୍ଟ ହୋଇଛି। ଗ୍ରାମର ବିଜୟ ନାଏକଙ୍କ ଓଡି ୧୬ଇ ୦୧୦୪ ନଂ. ବିଶିଷ୍ଟ ବୋଲେରୋ ଗାଡିଟି ସେହି ଗ୍ରାମରେ ରହୁଥିବା ଡ୍ରାଇଭର ରାଜେନ୍ଦ୍ର ଓରାମ ନିଜ ଘର ସମ୍ମୁଖରେ ରଖି ଶୋଇଥିଲେ । ବିଳମ୍ବିତ ରାତିରେ କେହି ଗାଡିକୁ ଧରି ଚମ୍ପଟ ମାରିଛନ୍ତି। ସକାଳେ ଘର ଆଗରେ ଗାଡି ନ ଥିବା ଦେଖି ଗାଡି ମାଲିକଙ୍କୁ ଜଣାଇଥିଲେ । ଗାଡି ମାଲିକ ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛି।

ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ କାର୍ଯ୍ୟକାରିତା ନେଇ ଦିନ ଗଡୁଛି

# ସରକାରୀ ସୁବିଧାରୁ ବଞ୍ଚିତ ରୂପିଡିହିବାସୀ

**ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ପ୍ରସ୍ତାବିତ ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ (ୟୁଏମ୍‌ପିପି) ସକାଶେ ଦୀର୍ଘ ୬ବର୍ଷ ହେବ ଜମି ଅଧିଗ୍ରହଣ ହୋଇସାରିଛି। ଏହି ପ୍ରକଳ୍ପର ଅଦ୍ୟାବଧି କୌଣସି କାର୍ଯ୍ୟ ହୋଇନାହିଁ। ଫଳରେ ଏହି ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ପ୍ରକଳ୍ପ ଅଧୀନ ପ୍ରଭାବିତ ରୂପିଡିହି ଗ୍ରାମବାସୀ ବୁଧବାର ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ଏସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳଙ୍କୁ ଦେଇଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ,ଏହି ପ୍ରକଳ୍ପ ସକାଶେ ତାଙ୍କ ଗ୍ରାମର ଜମିଅଧିଗ୍ରହଣ ହୋଇସାରିଥିବାରୁ ବର୍ତ୍ତମାନ ଗ୍ରାମରେ କୌଣସି ସରକାରୀ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ଗ୍ରାମବାସୀଙ୍କୁ କୌଣସି ଚାଷଜମି ବାବଦରେ ଋଣ ଫସଲ ବୀମା ହୋଇପାରୁନାହିଁ। ଏପରିକି ଏହି ଗ୍ରାମକୁ ମରୁଡି ଘୋଷଣା ହୋଇପାରୁ ନଥିବା ବେଳେ କୃଷକ ପରିଚୟପତ୍ର ମଧ୍ୟ ମିଳିପାରୁ ନାହିଁ। ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଭଗ୍ନ ଅବସ୍ଥାରେ ରହିଛି। ମରାମତି ପାଇଁ ସରକାରୀ ଆର୍ଥିକ ଅନୁଦାନ ମିଳିନାହିଁ। ଗ୍ରାମରେ ଥିବା ପୋଖରୀ, ନଳକୂପ ଆଦିର ମରାମତି କିମ୍ବା ଗ୍ରାମର ବିକାଶ ପାଇଁ ସବୁପ୍ରକାର ସରକାରୀ ସହାୟତା ବନ୍ଦ କରି ଦିଆଯାଇଛି। ଫଳରେ ଗ୍ରାମବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲାପ୍ରଶାସନ ବିସ୍ଥାପିତ ସମସ୍ୟାର ଆଶୁ ସମାଧାନ କରି ଯଥାଶିଘ୍ର ପୁନର୍ବାସ ପାଇଁ ସ୍ଥାନ ଶିଘ୍ର ନିରୂପଣ କରାଯିବା ଏବଂ ଗ୍ରାମର ବେକାର ଯୁବକ, ଯୁବତୀମାନେ ଏହିପ୍ରକଳ୍ପରେ ନିଯୁକ୍ତି ପାଇଁ ଅପେକ୍ଷାରତ ଥିବା ବେଳେ ଏପଟେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆଦୌ ଆରମ୍ଭ ହୋଇନାହିଁ। ଏଣୁ ଏହି ପ୍ରକଳ୍ପକୁ ଯଥାଶିଘ୍ର କାର୍ଯ୍ୟକାରୀ କରାଯାଇ ବିସ୍ଥାପିତ ଗ୍ରାମବାସୀଙ୍କର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗ୍ରାମର ଜିତେନ୍ଦ୍ର କୁମାର କେଶରୀ, ସୁଦାମ କୁମାର, ଦୁଷନ୍ତ ପଟେଲ, ଧର୍ମେନ୍ଦ୍ର କେଶରୀ, ଉମେଶ ପୃଷେଠ, ଗିରିଧାରୀ ନାଏକ, ସୁଦାମ ହୋତା, ଡ. ହିମାଂଶୁ ଷଡ଼ଙ୍ଗୀ, କିଶୋର ନାଏକ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।



ରୂପିଡିହି ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି।


ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଭେଟି ଆଲୋଚନା କରୁଛନ୍ତି।

ରିଂରୋଡ, ଇବ୍ ନଦୀରେ ପୋଲ ନିର୍ମାଣ ଦାବି

# ପୂର୍ତ୍ତ, ଖଣି ମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟିକା

**ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ)**

ଇବ୍ ନଦୀର ବନ୍ଧପାଲି ଠାରେ ଦୀର୍ଘବର୍ଷରୁ ନିର୍ମାଣ ହୋଇଥିବା ପୋଲ ଉପରେ ପ୍ରତିଦିନ ଶହ ଶହ ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ଯୋଗୁ ଏହି ପୋଲର ସ୍ଥାୟୀତ୍ୱ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇବ୍ ନଦୀର ବନ୍ଧପାଲି ସେତୁର ରୁଗ୍ଣଅବସ୍ଥା ଯୋଗୁ ନୂତନ ପୋଲ ନିର୍ମାଣ ସହ ମସ୍ନିକାନୀକୁ ସଂଯୋଗ କରିବାକୁ ଅନ୍ୟ ଏକ ନୂତନ ପୋଲ ନିର୍ମାଣ ସକାଶେ ବୁଧବାର ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ରାଜ୍ୟ ସଚିବାଳୟ ଠାରେ ଖଣି, ଇସ୍ପାତ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥି ସହିତ ବନ୍ଧପାଲି ଠାରୁ ଭୋଜପୁର ପର୍ଯ୍ୟନ୍ତ ଏବଂ ବନ୍ଧପାଲିରୁ ମସ୍ନିକାନି ପର୍ଯ୍ୟନ୍ତ ଇବ୍ ନଦୀ କୂଳରେ ରିଂରୋଡ ନିର୍ମାଣ ଓ ପୋଲ ନିର୍ମାଣ ପାଇଁ ଦାବି କରାଯାଇଛି। ମନ୍ତ୍ରୀ ଖୁବଶୀଘ୍ର ଜିଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ପାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସରକାରୀ ମହାବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ପୁରାତନ ଛାତ୍ର ବଟକିଶୋର ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ କିସମ ବୃକ୍ଷର ଚାରା ଗୁଡିକୁ ମହାବିଦ୍ୟାଳୟର ଷ୍ଟାଡିୟମର ଚାରିପାଖରେ ରୋପଣ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, ପ୍ରଦୀପ ବହିଦାର ପୁରାତନ ଛାତ୍ର ତଥା ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତଙ୍କ ସମେତ ବହୁ ପୁରାତନ ଛାତ୍ରଯୋଗଦେଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଚାରା ରୋପଣ କରାଯାଉଛି।

# ନୂଆଗାଁ ମିଳିତ ଶିକ୍ଷକ ସଂଘର ବୈଠକ, କର୍ମକର୍ତ୍ତା ଚୟନ

**ନୂଆଗାଁ,୩୧।୭ (ଡି.ଏନ.ଏ.)**

ନୂଆଗାଁ ବ୍ଲକ ମିଳିତ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ମଙ୍ଗଳବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ସୟଦ ସଲାଉଦ୍ଦିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ସ୍ଥାୟୀଶିକ୍ଷକ, ଶିକ୍ଷାସହାୟକ, ଜିଲାପରିଷଦ ଶିକ୍ଷକ, ସହକାରୀ ଶିକ୍ଷକ ଏକ୍ସକ୍ୟାଡର ଆଦିବିଭିନ୍ନ ବର୍ଗର ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରାଥମିକ ପଞ୍ଚାୟତର ବର୍ତ୍ତମାନ ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସବୁଦିଗକୁ ଦୃଷ୍ଟିରେ ରଖି ସବୁବର୍ଗର ଶିକ୍ଷକମାନଙ୍କୁ ନେଇ ଏକ ମିଳିତ ଶିକ୍ଷକ ସଂଘ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦିଲୀପ କୁମାର ସାହୁ ମଙ୍ଗଲ କେର୍କେଟା, ଉପସଭାପତି ଜନାର୍ଦ୍ଦନ ସାହୁ, କୋଷାଧ୍ୟକ୍ଷ ଭାବେ ବସନ୍ତ ତ୍ରିପାଠୀ, ସହ ସମ୍ପାଦକ ପର୍ଶୁରାମ ବେହେରାଙ୍କୁ ମନୋନୀତ କରାଯାଇଥିଲା ଏବଂ ଉପଦେଷ୍ଟା ମଣ୍ଡଳୀ ଭାବରେ ପ୍ରସନ୍ନ ତ୍ରିପାଠି, ଶଙ୍କର ପାଢ଼ୀ, ଭଗବତିଆ ତନ୍ତୀ ରହିଛନ୍ତି। ଆଗାମୀ ଦିନରେ ଉକ୍ତ ସଂଘ ସକ୍ରିୟ ଭାବେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ କାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା।

# ହିନ୍ଦୁସେନା ପକ୍ଷରୁ ଗୋରକ୍ଷକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**କୁଆଁରମୁଣ୍ଡା, ୩୧।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅଞ୍ଚଳର ୭ଜଣ ଗୋରକ୍ଷକ ଝାଡଖଣ୍ଡର ସିମଡ଼େଗା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨୦୧୫ ମସିହା ଜୁଲାଇ ୩୧ ତାରିଖରେ ପ୍ରାଣ ହରାଇଥିଲେ। ସେବେ ଠାରୁ ପ୍ରତିବର୍ଷ ଜୁଲାଇ ୩୧ରେ ବୀରମିତ୍ରପୁର ସହରରେ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ହିନ୍ଦୁସେନା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହେଉଛି। ବୁଧବାର ବୀରମିତ୍ରପୁରର ଗୋଲବଜାର ନିକଟସ୍ଥ ସ୍ମୃତିସ୍ଥଳ ନିକଟରେ କଲୁଙ୍ଗା, ରାଜଗାଙ୍ଗପୁର, ରାଉରକେଲା, କୁଆଁରମୁଣ୍ଡା ଓ ବୀରମିତ୍ରପୁରର ବହୁ ହିନ୍ଦୁସେନା କର୍ମୀ ଉପସ୍ଥିତ ରହି ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏହି ଅବସରରେ ଶାନ୍ତିପାଠ ଓ ହନୁମାନ ଚାଳିଶା ପାଠ କରାଯାଇ ଗୋରକ୍ଷକ ଶହୀଦ ପିଣ୍ଟୁ ଶର୍ମା, ସନ୍ତୋଷ ଯାଦବ, ସନ୍ନି ସାହୁ, ରିତ ଝା, ଅମିତ୍ ପାଣ୍ଡେ, ସୁଶିଲ ପାଣ୍ଡେ ଓ ବେଦବ୍ୟାସର ବିକି ସିଂଙ୍କ ଫଟୋଚିତ୍ରରେ ଉପସ୍ଥିତ ହିନ୍ଦୁସେନା ଓ ବଜରଙ୍ଗ ଦଳର କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୂଳଚାନ୍ଦ ସେଠ୍,ବିନୋଦ ଅଗ୍ରୱାଲ, ସୁନିଲ ତିୱାରୀ, ବସନ୍ତ ସାହୁ, ସାକେତ ଝା, କପିଲ ସା, ଆଦିତ୍ୟ ଶୁକ୍ଳା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।


ବୀରମିତ୍ରପୁରରେ ଶହୀଦ ଗୋରକ୍ଷକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

# ବିଭିନ୍ନ ହୋଟେଲରେ ଚଢ଼ାଉ: ୭ ନାବାଳକ ଉଦ୍ଧାର

**ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ)**

ବିଭିନ୍ନ ସ୍ଥାନରୁ ନିଖୋଜ ଥିବା ଓ ଢାବା ହୋଟେଲଗୁଡିକରେ କାର୍ଯ୍ୟ କରୁଥିବା ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଅପରେସନ ପରୀ –୩ ର ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଚଢାଉ ଅଭିଯାନ କ୍ରମରେ ସୁନ୍ଦରଗଡରୁ ୭ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ପତ୍ରାପାଲିଛକସ୍ଥିତ ବିଭିନ୍ନ ହୋଟେଲ ଓ ଢାବା ଗୁଡିକରେ ଏହି ନାବାଳକମାନେ କାର୍ଯ୍ୟ କରୁଥିଲେ। ଜିଲା ଶିଶୁସୁରକ୍ଷା ୟୁନିଟ୍ ଓ ପୋଲିସ ତଥା ଶ୍ରମ ବିଭାଗ ଅଧିକାରୀ ମାନଙ୍କୁ ନେଇ ଏହି ସ୍କ୍ୱାଡ୍ ପକ୍ଷରୁ ଅପରେସନ ପରୀ –୩ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ.)**

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପଟେଲ ବୁଧବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ଜଣେ ସରଳ ନିଷ୍ଠାପର, ସ୍ୱଳ୍ପଭାଷୀ, କର୍ତ୍ତବ୍ୟନିଷ୍ଠ ଛାତ୍ରବତ୍ସଳ ଶିକ୍ଷକ ବୋଲି କହିଥିଲେ। ତିନୋଟି ବିଦ୍ୟାଳୟର ମିଶ୍ରଣ ପରେ ସେ କିଭଳି ଭାବରେ ଏହାର ସୁପରିଚାଳନା କରିଥିଲେ ତାହା ବର୍ଣ୍ଣନା କରି ତାଙ୍କୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତାଙ୍କୁ ଅବସରକାଳୀନ ପେନସନ ପେପର ନିର୍ଦ୍ଦେଶନାମା ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପଟେଲ ଛାତ୍ରୀ, ଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମୟାନୁବର୍ତ୍ତୀତା, ଅଧ୍ୟବସାୟ ଦ୍ୱାରା ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସନ୍ଦୀପ ନାୟକ ଧନ୍ୟବାଦ ଦେଇଥିଲେ।


ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପଟେଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଯାଉଛି।

ବଡ଼ଗାଁ ଟୁଙ୍ଗୁରୀରେ ମଞ୍ଜିବୁଣା, ଚାରା ରୋପଣ

# ବୃକ୍ଷର ଯତ୍ନ ନେଉଥିବା ମହିଳାଙ୍କୁ ସମ୍ବର୍ଦ୍ଧନା

**ବଡ଼ଗାଁ, ୩୧।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ମୁଗାସୀ ଟୁଙ୍ଗୁରୀରେ ବୁଧବାର ଲଟାଗାଁ ଓ ଲିଟିପଡ଼ାର ଯୁବକ ମାନଙ୍କ ମିଳିତ ଉଦ୍ୟମରେ ବୃକ୍ଷ ଚାରା ରୋପଣ, ମଞ୍ଜି ବିପନ କରାଯାଇଥିଲା। ଏହା ସହିତ ଇଲେକ୍ଟ୍ରିଡ଼ିପା ଠାରୁ ତୁତୁଙ୍ଗପଡ଼ା ପର୍ଯ୍ୟନ୍ତ ଗତବର୍ଷ ଲଗାଯାଇଥିବା ଚାରାର ଯତ୍ନ ନେଇଥିବା ଗୃହିଣୀ ଓ ପରିବେଶ ପ୍ରତି ସଜାଗ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡ଼ିଓ କ୍ଷମାନିଧି ଭୋଇ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ର, ଇଂ ଅଜେକ ପ୍ରଧାନ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଅମିତ କୁମାର ଜେନା,ଡବ୍ଲୁଇଓ ଅମୂଲ୍ୟ କୁମାର ଭୋଇ, ବଡ଼ଗାଁ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ, ସ୍କାଉଟ ଶିକ୍ଷକ ଜନସନ ଖାଖା, ଆରଟିଆଇ କର୍ମୀ ନାରାୟଣ ମାଝୀ, ମଦ ବିରୋଧୀ ନେତ୍ରୀ ତାରାମଣୀ ଡୁଙ୍ଗଡୁଙ୍ଗ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବାହ୍ନରେ ଇଲେକ୍ଟ୍ରି ଅଫିସ ନିକଟରେ ଅତିଥି ଯୁବ ସଂଗଠନ ପରିବାର, ମିନିଷ୍ଟାଡ଼ିୟମ ଫୁଟବଲ ଟିମ୍‌ର ଖେଳାଳିମାନେ ସମବେତ ହେଲାପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଗତବର୍ଷ ଯୁବକମାନେ ରାସ୍ତାପାର୍ଶ୍ୱରେ ଲଗାଇଥିବା ଚାରାର ଯତ୍ନ ନେଇଥିବା ମିନାକ୍ଷୀ ଚକ୍ରବର୍ତ୍ତୀ, ଶକୁନ୍ତଳା ସିଂ, ଶିବାନୀ ଓରାମ, କ୍ଷୀରପ୍ରଭା ପୃଷେଟ, ତୁତୁଙ୍ଗପଡ଼ା ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କିସାନ, ଆନାସ୍ତେସିଆ ଇନ୍ଦୁଆରଙ୍କୁ ଅତିଥିମାନେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ବଡ଼ଗାଁ ଯୁକ୍ତ ଦୁଇ କଲେଜ ପରିସରରେ ଫୁଲ ଏବଂ ବିଭିନ୍ନ ବୃକ୍ଷ ଚାରା ରୋପଣ କରି ସୁସ୍ଥ ପର୍ଯ୍ୟାବରଣ କରିବାରେ ଉଦ୍ୟମ ଜାରି ରଖିଥିବା କଲେଜର ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ ଓ ଚେମଠାପଡ଼ା ଓ ଆଖପାଖ ଅଞ୍ଚଳରେ ପରିବେଶ ପ୍ରତି ଲୋକଙ୍କୁ ଜାଗ୍ରତ କରାଇବା ସହ ଚାରା ରୋପଣ, ବୀଜ ବପନ କରି ଆସୁଥିବା ପ୍ରକୃତି ପ୍ରେମୀ ଇସ୍ରୋରୁ ଅବସରପ୍ରାପ୍ତ ଇଂଜିନିୟର ଅଜେକ ପ୍ରଧାନଙ୍କୁ ବିଡ଼ିଓ ଏବଂ ଫରେଷ୍ଟ ରେଞ୍ଜର ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ପ୍ରତିକ ସ୍ଥିତିକୁ ହୃଦୟଙ୍ଗମ କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବିଡ଼ିଓ ବୁଝାଇ ଯୁବକମାନଙ୍କ ଉଦ୍ୟମକୁ ପ୍ରସଂସା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ବ୍ଲକ ଅଧ୍ୟକ୍ଷା ଓ ମଦ ବିରୋଧୀ ନେତ୍ରୀ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ପରିବାର ସଂଗଠନର ସଦସ୍ୟ ରାଜେଶ ଦେହୁରୀ, କୈଳାସ କରସେଲ, ରବି ନାରାୟଣ ଗହିର, ଟଙ୍କଧର ଦେହୁରୀ, ଅଶୋକ ଷଡଙ୍ଗୀ, ଲବଣୀଧର ପୃଷେଟ, ଫୁଟବଲ ଖେଳାଳି ଦୀପକ ବାଗେ, ଦିନେଶ ଟିପ୍ପୋ, ପିଉଷ ସୁରେନ, ବିଜୟ ଖଡିଆ, ସାଗର ସାମାଦ୍, ରଞ୍ଜିତ ମଇଲ, ଅଜୟ ମାଝୀ, କରନ ବାଗେ, ଦେବାଶିଷ ସାମାଟ ପ୍ରମୁଖ ଟୁଙ୍ଗୁରୀରେ କରଞ୍ଜ, ନିମ୍ବ, ବେଲ, ବାଉଁଶ, ୧୧୦ଟି ବୃକ୍ଷ ଚାରା ରୋପଣ କରିବା ସହିତ ଇଂ ପ୍ରଧାନଙ୍କ ଦ୍ୱାରା ସଂଗୃହିତ ଏକ ବସ୍ତା ନିମ୍ବ ମଞ୍ଜି ବପନ କରିଥିଲେ।x


ବୃକ୍ଷର ଯତ୍ନ ନେଉଥିବା ଗୃହିଣୀ ମିନାକ୍ଷୀ ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବିତରଣ

**ରାଉରକେଲା ଅଫିସ,୩୧।୭:** ଲାଠିକଟା ବ୍ଲକ ଭାଜପା ତତ୍ତ୍ୱାବଧାନରେ ଉଜ୍ଜ୍ୱଳା ଗ୍ୟାସ୍ ସଂଯୋଗ ପ୍ରଦାନ କରାଯାଇଛି। କାଲୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୫ ହିତାଧିକାରୀଙ୍କୁ ସିଲିଣ୍ଡର ବିତରଣ କରାଯାଇଥିଲା। ଏଥିରେ ଭାଜପା ନେତା ସଞ୍ଜିତ ସାହୁ ଓ ଆସିଫ ଇକବାଲଙ୍କ ସମେତ ବିଶ୍ୱନାଥ ସାହୁ, ରମାକାନ୍ତ ପ୍ରସାଦ, ରାମକୁମାର ମୌର୍ଯ୍ୟ, ବାବୁ ଠାକୁର ଯୋଗେଶ୍ୱର ଠାକୁର, ହେମନ୍ତ ସାହୁ, ସଞ୍ଜୟ ସାହୁ, ରାଜକୁମାର ଗୁପ୍ତା, ସୁକୁନ କିଷାନ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତ ହିତାଧିକାରୀ ଯେପରି ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ ହେବେ ଓ ଏଥରୁ ଉପକୃତ ହେବେ ସେ ଦିଗରେ ଆଗାମୀ ଦିନରେ ଦଳ ଉଦ୍ୟମ କରିବ ବୋଲି କୁହାଯାଇଥିଲା।

# ଭତ୍ତା ପାଇଁ ନୟାନ୍ତ ସଞ୍ଚାର ଗାୟକ ପରିକ୍ଷିତ

**ବେଲପାହାଡ଼,୩୧।୭(ଡି.ଏନ୍.ଏ.)**

ରାଜ୍ୟରେ ଗତବର୍ଷଠାରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ଯୋଗ୍ୟ କଳାକାରମାନଙ୍କୁ ଚିହ୍ନଟ କାରାଯାଇ ମାସକୁ ୧୨ଶହ ଟଙ୍କା ଲେଖାଏଁ ଭତ୍ତା ଯୋଗାଇଦେବା ବ୍ୟବସ୍ଥା ରହିଛି। ଏଥିପାଇଁ ମହିଳା କଳାକାରଙ୍କ ବୟସ ସୀମା ୪୦ ବର୍ଷ ଓ ପୁରୁଷ କଳାକାରଙ୍କ ବୟସ ସୀମା ୫୦ ବର୍ଷ ଧାର୍ଯ୍ୟ କରାଯାଇଛି। ମାତ୍ର ଚିହ୍ନଟ ପ୍ରକ୍ରିୟା ଠିକ୍ ଭାବରେ ହେଉ ନ ଥିବାରୁ ଝାରସୁଗୁଡ଼ା ଜିଲାର ବହୁ ପୁରୁଖା କଳାକାରଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚିପାରୁନାହିଁ। ଏହିପରି ଭତ୍ତା ଆଶାରେ ବାରମ୍ବାର ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ନୟାନ୍ତ ହୋଇପଡ଼ିଥିବା ଜଣେ ସଞ୍ଚାର ଗାୟକ କଳାକାର ହେଉଛନ୍ତି ପରିକ୍ଷିତ ମଲ୍ଲିକ। ତାଙ୍କ ଘର ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ଜୁନାଡିହି। ପରୀକ୍ଷିତ ଗତ ୪୦ ବର୍ଷ ଧରି ସଞ୍ଚାର କଳାକୁ ବଞ୍ଚାଇ ରଖିଛନ୍ତି। ତାଙ୍କ ସ୍ତ୍ରୀ କିଶୋରୀ ମଧ୍ୟ ଜଣେ କଳାକାର। ସେ ସଞ୍ଚାର କାର୍ଯ୍ୟକ୍ରମ ବେଳେ ମୃଦଙ୍ଗ ବଜାଇଥାନ୍ତି। ସ୍ୱାମୀସ୍ତ୍ରୀ କୁଲାବିରା ଗାଁରେ ରହି ସାହେବ ବାରିକଙ୍କୁ ଗୁରୁ କରି ତାଙ୍କଠାରୁ ସଞ୍ଚାର କଳା ଶିକ୍ଷାଲାଭ କରିଥିଲେ। ଏହାପରେ ଉଭୟ ଅନ୍ୟ ଜଣେ ସହଯୋଗୀ ସନ୍ତୋଷ ମାଝିଙ୍କ ସହିତ ମିଶି ସଞ୍ଚାର ଦଳ ଗଠନ କରିଥିଲେ। ଗତ ୪୦ ବର୍ଷ ମଧ୍ୟରେ ପରିକ୍ଷିତଙ୍କ ତିନିଜଣିଆ ଦଳ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ଫୁଲବାଣୀ ସମେତ ରାଜ୍ୟର ବିଭିନ୍ନ ଜିଲା ଏବଂ ପଡ଼ୋଶୀ ରାଜ୍ୟକୁ ସଞ୍ଚାର ପରିବେଷଣ ପାଇଁ ଯାଉଛନ୍ତି। ସେଠାରେ ଭଜନ ଓ ପୁରାଣ ଶାସ୍ତ୍ର ଉପରେ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କଠାରୁ ବହୁ ପ୍ରଶଂସାପତ୍ର ପାଇଛନ୍ତି। ଏବେ ଆଗ ଭଳି ଆଉ ପର୍ବ ଉତ୍ସବ ସମୟରେ ଲୋକ ସଙ୍ଗୀତ ଓ ନୃତ୍ୟର ଚାହିଦା ନାହିଁ। ଏଥିପାଇଁ ଗତ ୫ ବର୍ଷ ଧରି କୌଣସି ସ୍ଥାନରୁ ଡାକରା ଆସୁନି ବୋଲି ପରିକ୍ଷିତ ପ୍ରକାଶ କରିଛନ୍ତି। ଏବେ ୬୨ ବର୍ଷୀୟ ପରିକ୍ଷିତ ଓ ୫୫ ବର୍ଷିଆ ତାଙ୍କ ସ୍ତ୍ରୀ କିଶୋରୀ ପରିଣତ ବୟସରେ କୁଲିମଜୁରି କାମ କରି ଜୀବନ ନିର୍ବାହ କରୁଛନ୍ତି। ପରିଶ୍ରମ କରିବା ପାଇଁ ବଳ ପାଉ ନ ଥିବାରୁ ଉପାର୍ଜନ ମଧ୍ୟ ଠିକ ଭାବରେ ହୋଇପାରୁନି। ସ୍ୱଳ୍ପ ଉପାର୍ଜନରେ ବହୁ କଷ୍ଟରେ ପୁଅକୁ ଆଇଟିଆଇ ପଢ଼ାଉଛନ୍ତି। ସରକାରଙ୍କ ପକ୍ଷରୁ ଭତ୍ତା ମିଳୁଛି ଜାଣି ଜିଲାପାଳ, ସଂସ୍କୃତି ଅଧିକାରୀ ଓ ବିଡିଓଙ୍କୁ ସାକ୍ଷାତ କରିଥିଲେ। ମାତ୍ର ଆଜିପର୍ଯ୍ୟନ୍ତ ନାମ ତାଲିକାଭୁକ୍ତ ହୋଇପାରି ନାହିଁ ବୋଲି ପରୀକ୍ଷିତ ପ୍ରକାଶ କରିଛନ୍ତି। ସରକାର ପୂର୍ବରୁ ସଂସ୍କୃତି ବିଭାଗ ପକ୍ଷରୁ ୪ ହଜାର କଳାକାରଙ୍କୁ ଯୋଜନାରେ ସାମିଲ କରି ମାସିକ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଆସୁଥିଲେ। ଏବେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ପ୍ରତିବର୍ଷ ୫୦ ହଜାର କଳାକାରଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ପୁରୁଷ କଳାକାରଙ୍କ ବୟସ ୬୦ରୁ ୫୦ ବର୍ଷ ଓ ମହିଳା କଳାକାରଙ୍କ ବୟସ ୫୦ରୁ ୪୦ ବର୍ଷକୁ କୋହଳ କରାଯାଇଛି। ଏଥିସହ କଳାକାର ଚିହ୍ନଟ ପାଇଁ ଜିଲା ସାଂସ୍କୃତିକ ପରିଷଦ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପରିଷଦ ପକ୍ଷରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରହୁଥିବା ଯୋଗ୍ୟ କଳାକାରଙ୍କୁ ଚିହ୍ନଟ କରାଯାଇପାରିଲେ ସରକାରଙ୍କ ଯୋଜନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।


ସଞ୍ଚାର ଗାୟକ ପରିକ୍ଷିତ ମଲ୍ଲିକ।

## ଶ୍ରମିକଙ୍କ ବଦଳି ଖର୍ଚ୍ଚ ବନ୍ଦ ନେଇ ପ୍ରତିକ୍ରିୟା

**ରାଉରକେଲା ଅଫିସ,୩୧।୭**

ଆର୍ଏସ୍ପି ଶ୍ରମିକଙ୍କ ଅନ୍ୟତ୍ର ବଦଳି ନେଇ ପୂର୍ବରୁ ଯେଉଁ ଯାତାୟାତ ଖର୍ଚ୍ଚ ମିଳୁଥିଲା ତାହାକୁ ବନ୍ଦ କରିଦିଆଯାଇଛି। କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ରାଉରକେଲା ଶ୍ରମିକ ସଂଘ (ଆର୍ଏସ୍ଏସ୍) ବିରୋଧ କରିଛି। ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଏକ ବିବୃତିରେ କହିଛନ୍ତି ଯେ କାରଖାନା ଯେତିକି ସମ୍ପନ୍ନ ହେଉଛି ସେହି ଅନୁସାରେ ଶ୍ରମିକଙ୍କୁ ସୁଖ ସୁବିଧା ପ୍ରଦାନ ପରିବର୍ତ୍ତେ ଏହାକୁ କାଣ୍ଟଛାଣ୍ଟ କରାଯାଉଛି। ପୂର୍ବରୁ ଆର୍ଏସ୍ପି କର୍ମଚାରୀ ଅନ୍ୟ ସ୍ଥାନକୁ ବଦଳି ହୋଇ ଗଲେ ତାଙ୍କ ପରିବାରକୁ ପରିବହନ ଖର୍ଚ୍ଚ ମିଳୁଥିଲା। ଏହା ଦ୍ୱାରା ସମ୍ପୃକ୍ତ କର୍ମଚାରୀ ପରିବାର ଆସବାସ ସହ ସହଜରେ ନିଜ ବଦଳି ସ୍ଥାନକୁ ଯାଇପାରୁଥିଲେ। ହଠାତ୍ ଏହି ଖର୍ଚ୍ଚ ପ୍ରଦାନ ବନ୍ଦ କରି ଦିଆଯିବା ଉଚିତ ହୋଇ ନାହିଁ ବୋଲି ବେହେରା ପ୍ରକାଶ କରିଛନ୍ତି। ସେଲ୍ ସମୂହ ସମ୍ପ୍ରତି ଆର୍ଥିକ ଅଗ୍ରଗତି କରୁଥିବା ବେଳେ କର୍ମଚାରୀଙ୍କ ସୁଖସୁବିଧା କଟାଯିବା ଦୁର୍ଭାଗ୍ୟପୂର୍ଣ୍ଣ। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ସହ ପୂର୍ବପରି ଶ୍ରମିକଙ୍କ ବଦଳି ଖର୍ଚ୍ଚ ଦେବାକୁ ବେହେରା ଦୃଢ଼ ଦାବି କରିଛନ୍ତି।

## ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ବର୍ଷା ଆସର ୪ରେ

**ରାଉରକେଲା ଅଫିସ,୩୧।୭**

ଅଗଷ୍ଟ ୪ ପୂର୍ବାହ୍ଣ ସାଢ଼େ ୧୦ଟାରେ ଓଡ଼ିଶା ଲେଖିକା ସଂସଦ ରାଉରକେଲା ଶାଖା ପକ୍ଷରୁ ଏକ ଆଲୋଚନା ଚକ୍ର ଓ ବର୍ଷା କାଳୀନ କବିତା ଆସର ଅନୁଷ୍ଠିତ ହେବ। ଛେଣ୍ଡ ମ୍ୟୁଜିକ ସର୍କଲ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସୁଖ ଅନୁଧାବନରେ ମଣିଷ ଶୀର୍ଷକ ଆଲୋଚନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ କବି ସାହିତ୍ୟିକ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି।

# ପରମାରାଧ୍ୟା ବଡ଼ମା'ଙ୍କ ଶୁଭ ଜନ୍ମୋତ୍ସବ

**ରାଉରକେଲା ଅଫିସ,୩୧।୭**

ପୁରୁଷୋତ୍ତମ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳା ସଙ୍ଗିନୀ ବଡ଼ ମା'ଙ୍କ ୧୨୬ତମ ଜନ୍ମୋତ୍ସବ ରାଉରକେଲା ସତ୍ସଙ୍ଗ ବିହାର ତତ୍ତ୍ୱାବଧାନରେ ନୟାବଜାରଠାରେ ପାଳିତ ହୋଇଛି। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ବେଦମାଙ୍ଗଳିକ, ଉଷାକୀର୍ତ୍ତନ, ପ୍ରାତଃ ବିନତୀ ଓ ଠାକୁରଙ୍କ ଅମୀୟ ଗ୍ରନ୍ଥ ପାଠ କରାଯାଇଥିଲା। ସକାଳ ୭ଟାରେ ସଙ୍ଗୀତାଞ୍ଜଳି, ୯ଟାରେ ନନ୍ଦିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଶ୍ରଦ୍ଧାଳୁ ବଡ଼ ମା'ଙ୍କ ଦିବ୍ୟ ଜୀବନ ଓ ଠାକୁରଙ୍କ ଲୋକପାଳୀ ଧର୍ମ ପ୍ରତିଷ୍ଠାରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ଣ ୧୧ଟାରେ ଆୟୋଜିତ ସତ୍ସଙ୍ଗ କାର୍ଯ୍ୟକ୍ରମରେ ନଟବର ଦାସ ଅଧ୍ୟକ୍ଷତା କରିଥିବାବେଳେ ରାଧାକାନ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ଯୁବ କର୍ମୀ ତାପସ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଠାକୁରଙ୍କ ଲୀଳା ସଙ୍ଗିନୀ ବଡ଼ ମା'ଙ୍କ ଦିବ୍ୟଜୀବନ, ତାଙ୍କ ତ୍ୟାଗ ଓ ସମାଜ ପ୍ରତି ରହିଥିବା ଅବଦାନ ନେଇ ଦୀର୍ଘ ଆଲୋଚନା କରିଥିଲେ। ସନ୍ଧ୍ୟାରେ ସମବେତ ପ୍ରାର୍ଥନା, ଗ୍ରନ୍ଥ ପାଠ ଓ ଭଜନ କୀର୍ତ୍ତନରେ ଠାକୁରଙ୍କ ବହୁ ଅନୁଗାମୀ ସାମିଲ ହୋଇଥିଲେ। କାମଦେବ ଦାସ, ବସନ୍ତ ଜେନା, ନିମାଇଁ ଦାସ, ସୁକାନ୍ତ ଲେଙ୍କା, ଶାନ୍ତନୁ ନାୟକ, ଅଶୋକ ରାୟ, ଅଜୟ ସ୍ୱାଇଁ, ତ୍ରିନାଥ ପଢ଼ିହାରୀ, ବି.ଡି. ସାହୁ, ସଚ୍ଚିଦାନନ୍ଦ ପରିଡ଼ା, ଜୟନ୍ତ ଭଞ୍ଜରାୟ, ଅଧିର ମହାପାତ୍ର, ରବି ସୂତାର ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ନୟାବଜାରଠାରେ ବଡ଼ମା'ଙ୍କ ଜନ୍ମୋତ୍ସବ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଗାମୀ।

## ଦାଦନ ଖଟିବାକୁ ଯାଇଥିବା ଯୁବକ ଟ୍ରେନରୁ ପଡ଼ି ଗୁରୁତର

**କୋମନା,୩୧।୭ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ଗାଁର ସୁଶାନ୍ତ କଣ୍ଟା (୨୦) ନାମକ ଜଣେ ଯୁବକ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୨୯ ତାରିଖରେ ସେ ଘରକୁ ଫେରୁଥିବା ବେଳେ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ପାଠପଢା ଶେଷ ହେବା ପରେ କୌଣସି ଚାକିରୀ ନ ପାଇ ସୁଶାନ୍ତ ଗତ ଏପ୍ରିଲରେ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ସେ କେରଳର କର୍ଣ୍ଣୁର ଜିଲାରେ ଏକ କାରଖାନାରେ କାମ କରୁଥିଲେ। ୩ରୁ ୪ ମାସ କାମ କରିବା ପରେ ସୁଶାନ୍ତ ନିଜ ଗାଁ କୋମନାକୁ ଫେରୁଥିବା ବେଳେ ଗତ ୨୯ ତାରିଖ ସନ୍ଧ୍ୟାରେ ଟ୍ରେନରୁ ଖସି ପଡିଯାଇଥିଲେ। ଘଟଣାସ୍ଥଳରୁ ପୋଲିସ ତାଙ୍କୁ ଉଦ୍ଧାର କରି ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗରିବ ହୋଇଥିବାରୁ ପୁଅର ଚିକିତ୍ସା ଖର୍ଚ୍ଚ ପୈଠ କରି ପୁଅକୁ କିଭଳି ଫେରାଇ ଆଣିବେ ଏବେ ସେ ଚିନ୍ତାରେ ପଡିଛନ୍ତି ବାପା ସିତାରାମ । ଶେଷରେ ବୁଧବାର ଜିଲାପାଳଙ୍କୁ ଲିଖିତ ଜଣାଇ ପୁଅଙ୍କୁ ଘରକୁ ଆଣିଦେବା ପାଇଁ ଅନୁରୋଧ କରିଥିବ ଜଣାପଡିଛି।


ନିଖୋଜ ନାବାଳିକାଙ୍କୁ ଉଦ୍ଧାର ଦାବିରେ କଂଗ୍ରେସ ପକ୍ଷରୁ ପ୍ଲାଣ୍ଟସାଇଟ୍ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ନାବାଳିକା ଉଦ୍ଧାର ଦାବିରେ କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୩୧।୭**

୨ ଅପହୃତା ନାବାଳିକାଙ୍କୁ ଉଦ୍ଧାର ଦାବିରେ ବୁଧବାର ରାଉରକେଲା ଜିଲା ଛାତ୍ର ଓ ମହିଳା କଂଗ୍ରେସ ପକ୍ଷରୁ ପ୍ଲାଣ୍ଟସାଇଟ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୪ ମାସ ତଳେ ସ୍ଥାନୀୟ ନାଲାରୋଡ୍ ଅଞ୍ଚଳର ସଲିମ ଆନସାରୀଙ୍କ ନାବାଳିକା ଝିଅ ଓ ଦେଢ଼ ମାସ ତଳେ ଏମ୍ଡି ମିରାଜଙ୍କ ନାବାଳିକା ଝିଅଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଉଭୟ ପରିବାର ତାଙ୍କ ପିଲାଙ୍କ ଉଦ୍ଧାର ପାଇଁ ବାରମ୍ବାର ଥାନାକୁ ଦଉଡୁଛନ୍ତି। ହେଲେ ପୋଲିସ କୌଣସି ପଦକ୍ଷେପ ନେଉ ନାହିଁ। ଏଥିରେ ବ୍ୟତିବ୍ୟସ୍ତ ହୋଇ ଉଭୟ ପରିବାର ମହିଳା କଂଗ୍ରେସ ନେତ୍ରୀଙ୍କୁ ଅଭିଯୋଗ କରିଥିଲେ। ୨ ନାବାଳିକାଙ୍କ ଉଦ୍ଧାର ଦାବିରେ ବୁଧବାର ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିଆରସିଂଙ୍କ ନେତୃତ୍ୱରେ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ରାଉରକେଲା ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ କଂଗ୍ରେସ ଜିଲା ସଭାପତି ପ୍ରବୋଧ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ଛାତ୍ର ସଂଯୋଜକ ଶିବୁ ଦୀପ, କୈଳାସ ସାହୁ, ପ୍ରସନ୍ନ ବଳିଆରସିଂ, ବରିଷ୍ଠ ନେତା ଦେବବ୍ରତ ବିହାରୀ ଓ ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ପଉସ୍ଥିତ ରହି ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଫେରିଥିଲେ। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ନିହାର ଦାସ, ଜ୍ଞାନେନ୍ଦ୍ର ଦାସ, ମନୋରଞ୍ଜନ ଦାସ, ବଣ୍ଟି ଖାଁ, ଏମ୍ଡି ଇମାମ, ଏମ୍ଡି ସମିମ, ଗିରିଜା ରାଉତ, ବାବୁ ବିଶ୍ୱାଳ, ଜ୍ୟୋତି ଡୁଙ୍ଗଡୁଙ୍ଗ, ସେରୋଫିନା ଟପ୍ପୋ ପ୍ରମୁଖ ସାମିଲ ଥିଲେ।

କାରଖାନାରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ମୃତ୍ୟୁ ଘଟଣା: କ୍ଷତିପୂରଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

# ପରିବାରକୁ ମିଳିବ ୧୫ଲକ୍ଷ ଟଙ୍କା, ଚାକିରି

**ଝାରସୁଗୁଡ଼ା ଅଫିସ/ଲଖନପୁର, ୩୧।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପ ରେଲୱେ ସାଇଡିଂରେ ମଙ୍ଗଳବାର ଟ୍ରେନ୍ ଦୁର୍ଘଟଣାରେ ସେମ୍ଫିସ୍ ଇଣ୍ଡିଆ ନାମକ ଠିକାସଂସ୍ଥାରେ କାର୍ଯ୍ୟରତ ମୁନତାଜ ଖାଁ (୪୪) ନାମକ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ମୁନତାଜଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସାଥୀ ଶ୍ରମିକମାନେ ପ୍ରକଳ୍ପ ଫାଟକ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଫଳରେ କାରଖାନା ପରିଚାଳନା ବାଧାପ୍ରାପ୍ତ ହୋଇଥିଲା। ପୂର୍ବତନ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ଆଇନଜୀବୀ ନରେଶ ନାୟକ, ଉମେଶ ଗୁପ୍ତା, ରାଜେଶ ଦାସ, ମମତା ଦୀପ ପ୍ରମୁଖ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ଏ ନେଇ ପ୍ରକଳ୍ପ ପରିସରରେ ବୁଧବାର ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ମାଜିଷ୍ଟ୍ରେଟ୍ ତଥା ଝାରସୁଗୁଡ଼ା ତହସିଲଦାର ଗୋଲଖ ବିହାରୀ ମଙ୍ଗରାଜ, ଅତିରିକ୍ତ ଏସ୍ପି ସୁଶିଲ ପାଣିଗ୍ରାହୀ, ଏସ୍ଡିପିଓ କୈଳାସ ଆଚାର୍ଯ୍ୟ, ବଡ଼ମାଲ ଥାନା ଆଇଆଇସି ଅମିତାଭ ପଣ୍ଡା, ଡିଏଲ୍ଓ କେ.ଏମ୍. ରାଉତ, ବେଦାନ୍ତର ଏଚ୍ଆର୍ ମୁଖ୍ୟ ବିନୋଦ ଜି. ନାୟର, ସେମ୍ଫିସ୍ ଇଣ୍ଡିଆର ଏଚ୍ଆର୍ ମୁଖ୍ୟ ଏ.କେ. ତ୍ରିପାଠୀ, ଶ୍ରମିକଙ୍କ ପ୍ରତିନିଧି ଆସିଫ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ମୁନତାଜଙ୍କ ପରିବାରକୁ କ୍ଷତିପୂରଣ ବାବଦ ୨୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହା ଉପରେ ଆଲୋଚନା କରାଯାଇ ୧୫ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଠିକାସଂସ୍ଥାରେ ନିଯୁକ୍ତି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ଣ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ବେଦାନ୍ତ ପ୍ରକଳ୍ପରେ ମେଣ୍ଟେନାନ୍ସ କାମ କରିବା ପାଇଁ ଠିକାସଂସ୍ଥା ସେମ୍ଫିସ୍ ଇଣ୍ଡିଆ ନିଯୁକ୍ତ ହୋଇଛି। ଏହି ସଂସ୍ଥା ଅଧୀନରେ ମୁନତାଜ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କମ୍ପାନୀର ରେଲୱେ ସାଇଡିଂରେ ଏକ ମାଲବାହୀ ଟ୍ରେନ୍ ବଗି ଯୋଡୁଥିବାବେଳେ ଉଭୟ ବଗି ମଝିରେ ସେ ଚାପିହୋଇ ରହି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଉଥିବାବେଳେ ରାସ୍ତାରେ ମୃତ୍ୟୁ ହୋଇଥିଲା।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ମନମୁଣ୍ଡା,୩୧।୭(ଡି.ଏନ.ଏ.)**

ମୁନମୁଣ୍ଡା ଥାନା ବିଲାସପୁର ପଞ୍ଚାୟତ ଥାଟିପାଲି ଗ୍ରାମର ବୁବୁନ ଖମାରୀ(୨୨)ଙ୍କ ବିଦ୍ୟୁତ ସଂସ୍ପର୍ଶରେ ମଙ୍ଗଳବାର ମୃତ୍ୟୁ ହୋଇଛି । ସେ ତାଙ୍କ ନିଜ ବୋରୱେଲରେ ମଙ୍ଗଳବାର ଅପରାହ୍ଣ ସମୟରେ ବିଦ୍ୟୁତ ସଂଯୋଗ କରୁଥିଲେ । କୌଣସି ପ୍ରକାରେ ତାର ସହ ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ସମୟରେ ତାଙ୍କୁ ସୋନପୁର ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନପୁର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଦବାର ଶବ ବ୍ୟବଚ୍ଛେଦ କରାଇଛି । ମୃତକ କଣ୍ଟାମାଳ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ରତନ ଖମାରୀଙ୍କ ଏକମାତ୍ର ପୁତ୍ର ଥିଲେ ।


ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

## ବିଦ୍ୟାଳୟରେ ଚାରାରୋପଣ

**କୋଲାବିରା,୩୧।୭(ଡି.ଏନ୍.ଏ.)**

ଆଇନ ପ୍ରାଧିକରଣ କ୍ଲବ ଓ ସମାସିଂହାସ୍ଥିତ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ ସଦସ୍ୟ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ଥିବା ଖାଲି ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରଜାତିର ୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇ ଏହାର ଯତ୍ନ ନେବାକୁ ସଂକଳ୍ପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଯୋଗେଶ୍ୱର ସେନାପତି, ଟଙ୍କଧର ପଶାୟତ, ସତ୍ୟନାରାୟଣ ପଟେଲ, ଗଣେଶରାମ ପଟେଲ, ପ୍ରମିଳା ବେହେରା ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।



କାର୍ଗିଲ ବିଜୟ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# କାର୍ଗିଲ ବିଜୟ ଦିବସ ପାଳିତ

**ଲଇକେରା,୩୧।୭(ଡି.ଏନ୍.ଏ.)**

ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦ତମ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ଦିଲୀପ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଗିଲ ଯୁଦ୍ଧର ପୃଷ୍ଠଭୂମି ଓ ବିଜୟ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପକ ସୁଶାନ୍ତ ରଥ, ପ୍ରସନ୍ନ ଷଣ୍ଢ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ ସଭା ପରିଚାଳନା କରିଥିଲେ। ପ୍ରସନ୍ନ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

■ ବିଏମ୍ଏସ୍‌ର ଅଭିଯୋଗ

# ସ୍ୱାର୍ଥ ହାସଲ ପାଇଁ ଶ୍ରମିକଙ୍କୁ ବିଭ୍ରାନ୍ତ କରା ନ ଯାଉ

**ରାଉରକେଲା ଅଫିସ,୩୧।୭**

ଆର୍ଏସ୍ପିରେ କ୍ଲଷ୍ଟର ଡି ବ୍ୟବସ୍ଥା ବନ୍ଦ କରି ଦିଆଗଲା ବୋଲି ବିରୋଧୀ ଶ୍ରମିକ ସଂଘ ଅଭିଯୋଗକୁ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍) ନାପସନ୍ଦ କରିଛି। ଏହା ନିଜ ସ୍ୱାର୍ଥ ପାଇଁ ଶ୍ରମିକଙ୍କୁ ବିଭ୍ରାନ୍ତ କରିବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ୟୁନିୟନ ସାଧାରଣ ସମ୍ପାଦକ ହିମାଂଶୁ ବଳ ଏକ ବିବୃତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦୀର୍ଘ ୧୮ବର୍ଷ କାଳ ସ୍ୱୀକୃତି ପାଇ କ୍ଷମତାରେ ରହିଥିବା ଏହି ୟୁନିୟନ ଯାହା କରିପାରି ନ ଥିଲା ମାତ୍ର ୪ ବର୍ଷ ମଧ୍ୟରେ ଆର୍ଆଇକେକେଏସ୍ ତାହା କରିପାରିଛି। ଅଯଥାରେ କ୍ଲଷ୍ଟର ଉଚ୍ଛେଦ ନାଁରେ ଶ୍ରମିକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଆର୍ଏସ୍ପିରେ ୧୨ ହଜାର ୧ଶହ କର୍ମଚାରୀ କାମ କରୁଛନ୍ତି। ଏମାନଙ୍କ ମଧ୍ୟରେ କ୍ଲଷ୍ଟର ଡିରେ ମାତ୍ର ୧୧ଜଣ ଶ୍ରମିକ ରହିଛନ୍ତି। ଏପରି ଅବସ୍ଥାରେ ୨୦୦୦ ମସିହାରୁ କ୍ଲଷ୍ଟର ଡି ପ୍ରମୋଶନ କ'ଣ ପାଇଁ ବନ୍ଦ ରହିଛି ବୋଲି ବିଏମ୍ଏସ୍ ନେତୃମଣ୍ଡଳୀ ପ୍ରଶ୍ନ ଉଠାଇଛନ୍ତି। ସର୍ବାଧିକ ୨୫ ପ୍ରତିଶତ ଶ୍ରମିକଙ୍କୁ କ୍ଲଷ୍ଟର ଡିରେ ପ୍ରମୋଶନ ଦିଆଯିବା ବ୍ୟବସ୍ଥା ରହିଛି। ଏପରି ଅବସ୍ଥାରେ ଆର୍ଆଇକେକେଏସ୍ କ୍ଲଷ୍ଟର ଡି ପ୍ରସଙ୍ଗ ଉଠାଇଥିଲା। ଏଣୁ ଏସ୍-୧୦, ଏସ୍-୧୧ର କ୍ଲଷ୍ଟର ସିରେ ଥିବା ସମସ୍ତ ଶ୍ରମିକ, ମାଷ୍ଟର ଅପରେଟର, ମାଷ୍ଟର ଟେକ୍ନିସିଆନ, ମାଷ୍ଟର ଅପରେଟର କମ୍ ମାଷ୍ଟର ଟେକ୍ନିସିଆନ ପଦନାମ ପାଇବାକୁ ଯୋଗ୍ୟ ବିବେଚିତ ହୋଇ ପାରିଛନ୍ତି। ଯେଉଁ ବିରୋଧୀ ୟୁନିୟନ କ୍ଲଷ୍ଟର ଆଳରେ ମିଛ ଅଭିଯୋଗ ଉଠାଉଛନ୍ତି ସେମାନେ ନିଜକୁ ପ୍ରଶ୍ନ କରିବା ସମୟ ଆସିଛି। ଏମାନଙ୍କ ଯୋଗୁ ଅତୀତରେ ୭ଶହ ଶ୍ରମିକ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଆର୍ଆଇକେକେଏସ୍ ଅଭିଯୋଗ କରିଛି। ବିରୋଧୀ ନିଜ ୟୁନିୟନ ଅନୁଗତଙ୍କୁ ପ୍ରମୋଶନ ଦେବାକୁ ଦିନେ ଅନୀତକୁ ନୀତି କରିଥିବା ଘଟଣା କାହାକୁ ଅଛପା ନାହିଁ। ବିଏମ୍ଏସ୍ ଯେଉଁ ତ୍ରିପାକ୍ଷିକ ଚୁକ୍ତିନାମା କରିଛି ତାହା ଦ୍ୱାରା ସବୁ ଶ୍ରେଣୀର ଶ୍ରମିକ ଉପକୃତ ହେବେ। ଏଥିରେ ସ୍ୱୀକୃତି କିମ୍ବା ବିରୋଧୀ ବାଛବିଚାର ରହିବନି। କିନ୍ତୁ ଅଭିଯୋଗକାରୀ ୟୁନିୟନ ନେତା ନିଜ ରାଜୁତି ସମୟକୁ ପାଶୋରିଯିବା ଉଚିତ ନୁହେଁ ବୋଲି ବିଏମ୍ଏସ୍ ପକ୍ଷରୁ କୁହାଯାଇଛି। ଯେଉଁ ଶ୍ରମିକଙ୍କ ପ୍ରତି ଦିନେ କେହି ଚିନ୍ତା କରୁ ନ ଥିଲେ ତାହାକୁ ବିଏମ୍ଏସ୍ ଅଗ୍ରାଧିକାର ଦେଇଛି। ଏହା ଦ୍ୱାରା କର୍ତ୍ତୃପକ୍ଷଙ୍କ ଆଢୁଆଳରେ ରହିଥିବା ଶ୍ରମିକ ନିଶ୍ଚିତ ଉପକୃତ ହେବେ ବୋଲି ବିଏମ୍ଏସ୍ ଦାବି କରିଛି। ଯେଉଁ ବିରୋଧୀ ୟୁନିୟନ କୁମ୍ଭୀର କାନ୍ଦଣା କାନ୍ଦୁଛି ସେ ନିଜକୁ ସମୀକ୍ଷା କରୁ ବୋଲି ବିଏମ୍ଏସ୍ ନେତୃମଣ୍ଡଳୀ କଟାକ୍ଷ କରିଛନ୍ତି।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### କଫ୍ ସିରଫ ଜବତ, ୨ଗିରଫ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ଟାଉନ ଥାନା ପୋଲିସ ବୁଧବାର କଫ ସିରଫ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅଶୋକ ଛତ୍ରୀ ଓ ସିଦ୍ଧାନ୍ତ ଭୁଏ । ସେମାନଙ୍କ ପାଖରୁ ୫୦ଟି କଫ୍ ସିରଫ ଜବତ ହୋଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି । ଏ ନେଇ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ପୂଜାରୀ ପ୍ରକାଶ କରିଛନ୍ତି ।

### ସତ୍‌ସଙ୍ଗ ବିହାରରେ ଜନ୍ମୋତ୍ସବ

**ବରଗଡ଼ ଅଫିସ୍,୩୧।୭:** ବରଗଡ଼ ସତସଙ୍ଗ ବିହାର ପକ୍ଷରୁ ବୁଧବାର ଶ୍ରୀ ଶ୍ରୀ ବଡ଼ମାଁଙ୍କ ୧୨୬ତମ ଜନ୍ମୋତ୍ସବ ପାଳନ କରାଯାଇଛି । ଏହି ଅବସରରେ ପ୍ରାତଃ ଭଜନ, ସଂକୀର୍ତ୍ତନ ହୋଇଥିଲା । ଦିନ ୧୧ଟାରେ ସତସଙ୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବଡ଼ମାଁଙ୍କ ତ୍ୟାଗ, ନିଷ୍ଠା, ପରୋପକାରିତା ଉପରେ ଶ୍ରଦ୍ଧାଳୁମାନେ ଆଲୋକପାତ କରିବା ସହିତ ଆଧୁନିକ ନାରୀ ତାଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା । ସଭାରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

■ ପଶ୍ଚିମ ଓଡ଼ିଶାରେ ପ୍ରଥମ

# ବିକାଶ ହସ୍ପିଟାଲରେ ବାଏପାସ୍ ସର୍ଜରି

**ବରଗଡ଼ ଅଫିସ୍,୩୧।୭**



ବାଏପାସ୍ ସର୍ଜରି ଉପରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବରଗଡ଼ର ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ବାଏ ପାସ୍ ସର୍ଜରି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏଭଳି ସଫଳତା ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ହସପିଟାଲର ଡାଇରେକ୍ଟର ଡା. ହିମାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ ସୂଚନା ଦେଇ ଆହୁରି କହିଥିଲେ, ଗତ ୨୬ତାରିଖ ଜଣେ ଅସୁସ୍ଥ ବୃଦ୍ଧ(୭୦) ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଭର୍ତ୍ତି ହୋଇଥିଲେ। ଉକ୍ତ ହସପିଟାଲର କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା ଏଞ୍ଜିଓଗ୍ରାଫି ଦ୍ୱାରା ରୋଗୀଙ୍କ ପରୀକ୍ଷା କରିଥିଲେ। ପରୀକ୍ଷାରେ ହାର୍ଟ(ହୃତପିଣ୍ଡ)ର ୩ଟି ଧମନୀରେ ୯୯ରୁ ୧୦୦ ପ୍ରତିଶତ ବ୍ଲକେଜ୍ (ଟ୍ରିପଲ ଭେସେଲ୍ ଡିଜିଜ୍) ଥିବା ଜାଣିବାକୁ ପାଇଥିଲେ ଏବଂ ରୋଗୀଙ୍କୁ ବାଏପାସ୍ ସର୍ଜରୀ ପାଇଁ ପରାମର୍ଶ ଦେଇଥିଲେ। ସର୍ଜରୀରେ ୩ଟି ବ୍ଲକେଜକୁ ଗୋଡ଼ ଏବଂ ଛାତିର ଷ୍ଟର୍ନମ ଶିରା ଦ୍ୱାରା ବାଏପାସ୍ କରାଯାଇଥିଲା। ଉକ୍ତ ପ୍ରକ୍ରିୟା ପାଇଁ ସାଢ଼େ ୪ଘଣ୍ଟା ସମୟ ଲାଗିଥିଲା। ରୋଗୀଙ୍କ ସର୍ଜରୀ ପରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା ଏବଂ ଆଇସିୟୁରେ ୨ଦିନ ରଖାଯିବା ପରେ ବୁଧବାର ତାଙ୍କୁ ଜେନେରାଲ ୱାର୍ଡ଼ରେ ରଖାଯାଇଛି। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିବାବେଳେ ଇକୋ ଓ ଇସିଜି ସାଧାରଣ ଥିବା ସେ କହିଥିଲେ। ଉକ୍ତ ସର୍ଜରୀ କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ବେହେରାଙ୍କ ଦ୍ୱାରା ହୋଇଥିବା ବେଳେ ଆନେସ୍ଥେସିଷ୍ଟ ଡା. ଶ୍ରୀହର୍ଷା, କାର୍ଡ଼ିଓଲୋଜିଷ୍ଟ ଡା. ପ୍ରଭାତ ରଞ୍ଜନ ମହାପାତ୍ର, ପର୍ଫୁଜନିଷ୍ଟ ସର୍ଜିକାଲ ଆସିଷ୍ଟାଣ୍ଟ, ସ୍କ୍ରବ ଆସିଷ୍ଟାଣ୍ଟ, ଆଇସିୟୁ ନର୍ସ ଟିମ ପ୍ରମୁଖ ୧୫ଜଣିଆ ଟିମ୍‌ଙ୍କ ଉଦ୍ୟମ ଯୋଗୁ ସଫଳ ହୋଇପାରିଥିବା ଡାଇରେକ୍ଟର ଡା. ମିଶ୍ର ସୂଚନା ଦେଇଥିଲେ। ଉକ୍ତ ସଫଳତା ପାଇଁ ବିକାଶ ହସପିଟାଲ ପରିଚାଳନା କମିଟି ପକ୍ଷରୁ ସେହି ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ହସ୍‌ପିଟାଲର ଆଡ଼ମିନିଷ୍ଟ୍ରେଟିଭ ମ୍ୟାନେଜର ଡି. ବିବେକ, କାର୍ଡ଼ିଓଥୋରାସିକ୍ ସର୍ଜନ ଡା. ନିମାଇଁ ଚରଣ ବେହେରା, ହୃଦରୋଗ ବିଶେଷଜ୍ଞ ଡା. ପ୍ରଭାତ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲର ଚିଫ୍ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଡା. ସି.ଏଚ୍ ରବି କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

■ କନ୍ଧମାଳରେ ସାରର ବ୍ୟାପକ କଳାବଜାର

# ୪୫ କେଜି ୟୁରିଆ ବସ୍ତାକୁ ୩୫୦ ଟଙ୍କା

**କନ୍ଧମାଳ,୩୧।୭(ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରେ ସାରର ବ୍ୟାପକ କଳାବଜାର ହେଉଛି। ୪୫ କେଜି ୟୁରିଆ ସାରର ସରକାରୀ ଧାର୍ଯ୍ୟ ଦର ୨୬୬ ଟଙ୍କା ରହିଥିବା ବେଳେ କଳାବଜାରରେ ତାହା ୩୫୦ ଟଙ୍କାରେ ବିକ୍ରି ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ଦରଠାରୁ ପ୍ରାୟ ୮୦ ଟଙ୍କା ଅଧିକ ଦରରେ ୟୁରିଆ ସାର ବିକ୍ରି ଚାଲିଥିବା ବେଳେ ଡିଏପି, ଗ୍ରୋମର ଆଦି କମ୍ପାଉଣ୍ଡ ସାର ୫୦ରୁ ୧୦୦ଟଙ୍କା ଅଧିକ ଦରରେ ବିକ୍ରି ହେଉଛି। ମୁଖ୍ୟତଃ ମନମୁଣ୍ଡା ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେବା ସହ କଳାବଜାରରେ ଚାଷୀଙ୍କୁ କିଣିବାକୁ ପଡୁଛି। ଚଳିତ ଖରିଫ ଚାଷ ମୌସୁମୀର ଅନିୟମିତତା ପାଇଁ ଉଛୁର ହୋଇଛି। ଅଞ୍ଚଳର ଅଶୀ ପ୍ରତିଶତ ଜମିରେ ଚାଷକାମ ଅଟକି ରହିଥିବା ବେଳେ ଏହି ୨ ଦିନ ହେବ ତଳିରୁଆ ଓ ବିହୁଡା କାମ ଆରମ୍ଭ ହୋଇଛି। ଚାଷକାମ ଡେରି ହୋଇଥିବାରୁ ଚାଷୀ କଳାବଜାରରେ ସାର କିଣି ପ୍ରୟୋଗ କରୁଛନ୍ତି। କୃଷି ବିଭାଗର ସୂଚନା ଅନୁଯାୟୀ, ଇଫକୋ କମ୍ପାନୀର ଡିଏପି ସାର ୧୩ଶହ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ଟଙ୍କା ରହିଛି। ପିପିଏଲ କମ୍ପାନୀର ଡିଏପି ୧୩୪୦ ଓ ଏନପିକେ ୨୦:୨୦:୦:୧୩ ୧ ହଜାର ୪୦ ଟଙ୍କା ରହିଛି। ସେହିପରି ଆଇପିଏଲ କମ୍ପାନୀର ଡିଏପି ୧୪ଶହ ଟଙ୍କା ରହିଛି। ତେବେ କଳାବଜାରରେ ବେପାରୀମାନେ ସ୍ଥଳବିଶେଷରେ ୫୦ରୁ ଶହେ ଟଙ୍କା ଅଧିକ ଦରରେ ସାର ବିକ୍ରୟ କରୁଛନ୍ତି । ଏପରିକି କେତେକ ବ୍ୟବସାୟୀ ସରକାରୀ ଲାଇସେନ୍ସ ନ ଥାଇ ବ୍ୟାପକ ପରିମାଣର ସାର କଳାବଜାର ପାଇଁ ଗଚ୍ଛିତ ରଖିଛନ୍ତି। ସାରର ଉଚିତ ବିକ୍ରୟ ନେଇ କୃଷି ବିଭାଗ ନିରବତା ଅବଲମ୍ବନ କରୁଥିବା ବେଳେ କର୍ମଚାରୀ ଅଭାବରୁ ଉପଯୁକ୍ତ ତଦାରଖ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସହକାରୀ କୃଷି ଅଧିକାରୀ ଦେବାଶିଷ ନାୟକଙ୍କୁ ପଚାରିବାରୁ ସେ କହିଲେ, ନିର୍ଦ୍ଦିଷ୍ଟ ଭାବେ ସାରର କଳାବଜାର ନେଇ ଅଭିଯୋଗ ପାଇନାହିଁ। ବିଭାଗ ପକ୍ଷରୁ ଉପଯୁକ୍ତ ଦରରେ ସାର ବିକ୍ରି କରିବାକୁ ସମସ୍ତ ରିଟେଲରଓଡିଲରଙ୍କୁତାଗିଦକରାଯାଇଛି।

■ ୭ ଖଣି ନିଲାମ ପାଇଁ ବିଜ୍ଞପ୍ତି

# ଖଣି ହାତେଇବାକୁ ଦୌଡ଼

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

■ ୪ ଚୂନପଥର, ୨ କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି

■ ୨୦,୦୦୦ କୋଟି ଟଙ୍କା ମୂଲ୍ୟର ୧୨୦ ମିଲିୟନ ଟନ୍ ସମ୍ପଦ

ରାଜ୍ୟର ୭ଟି ଖଣିର ନିଲାମୀ ପାଇଁ ବୁଧବାର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ୪ଟି ଚୂନ ପଥର ଖଣି. ୨ଟି କ୍ରୋମାଇଟ୍ ଏବଂ ଗୋଟିଏ ଗ୍ରାଫାଇଟ୍ ଖଣି ରହିଛି। ସବୁ ଖଣିକୁ ଇ-ଅକ୍ସନ କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ନିଲାମୀ ହେବାକୁ ଥିବା ଚୂନ ପଥର ଖଣିଗୁଡିକ ହେଉଛି- ବଲାଙ୍ଗୀର ଜିଲାର ପିପଲମୁଣ୍ଡା, ସୁନ୍ଦରଗଡର ଖାଟ୍‌କୁରବାହାଲ(ଉତ୍ତର), ନୂଆପଡାର ଗାରାମୁରା ଏବଂ ବରଗଡର ବେହେରା ବାଞ୍ଜିପାଲି। ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ସରୁଆବିଲ୍ ଏବଂ ବାଲେଶ୍ୱର କମର୍ଦ୍ଧା ବ୍ଲକ କ୍ରୋମାଇଟ୍ ଖଣି ନିଲାମୀ ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି। ଅନୁରୂପଭାବେ ଗ୍ରାଫାଇଟ୍ ଗଚ୍ଛିତ ଥିବା ଜଗଦଳପୁର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏସବୁ ଖଣି ହାତେଇବା ଲାଗି ପ୍ରଭାବଶାଳୀ ସଂସ୍ଥାର ଦୌଡ଼ ଆରମ୍ଭ ହୋଇଯାଇଛି।

ଚୂନ ପଥର ଥିବା ଖାଟ୍‌କୁରବାହାଲ ବ୍ଲକ(ଉତ୍ତର) ଏବଂ କ୍ରୋମାଇଟ୍ ଥିବା ସରୁଆବିଲ୍ ବ୍ଲକ ଖଣି ପାଇଁ ଟେଣ୍ଡର ପେପର ମୂଲ୍ୟ ୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଅନ୍ୟ ୫ଟି ବ୍ଲକ ପାଇଁ ଟେଣ୍ଡର ପେପର ମୂଲ୍ୟ ଏକ ଲକ୍ଷ ଟଙ୍କା ଲେଖାଏ ରହିଛି। ଖଣି ପାଇଁ ଆର୍ଥିକ ନିଲାମୀ ଆହ୍ୱାନ(ବିଡ୍ )ଡିଜିଟାଲ ମାଧ୍ୟମରେ ଗ୍ରହଣ କରାଯିବ। ଅପରପକ୍ଷରେ ବୈଷୟିକ ନିଲାମୀ ଆହ୍ୱାନ ପାଇଁ ଉଭୟ ଡିଜିଟାଲ ଏବଂ ହାର୍ଡକପି ଫର୍ମାଟରେ ଯୋଗ୍ୟ ଲିଜ୍‌ଧାରୀଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ। ବିଜ୍ଞପ୍ତି ପ୍ରକାଶଠାରୁ ଟେଣ୍ଡର ପେପର କ୍ରୟ କରାଯାଇପାରିବ, ଏଥିପାଇଁ ୧୧ ସେପ୍ଟେମ୍ବରକୁ ଶେଷ ତାରିଖ ରଖାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୨୦ ଅପରାହ୍ନ ୫ଟା ମଧ୍ୟରେ ନିଲାମୀ ଆହ୍ୱାନର ଶେଷ ଦିନ ଧାର୍ଯ୍ୟ କରାଯାଇଛି। କେବଳ ଏହି ୭ଟି ଖଣି ନୁହେଁ, ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଆହୁରି ୩୩ଟି ଖଣିର ଲିଜ୍ ଅବଧି ସରିବ। ଏହା ପୂର୍ବରୁ ଏହାର ପୁନର୍ବାର ଲିଜ୍ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। କର୍ମଦ୍ଧା କ୍ରୋମାଇଟ୍ ଖଣି ବି.ସି ମହାନ୍ତି ଏଣ୍ଡ ସନ୍ସ(ପ୍ରା) ଲିଃ, ସରୁଆବିଲ୍ ଖଣି ମିଶ୍ରି ଲାଲ ମାଇନ୍ସ(ପ୍ରା) ଲିଃ ହାତରେ ରହିଥିବା ଜଣାପଡିଛି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦୁଇ ଦଶନ୍ଧି ଧରି ରାଜ୍ୟର ଖଣି ସାମ୍ରାଜ୍ୟରେ ପ୍ରଭାବ ବିସ୍ତାର କରିଥିବା ଏକ ସଂସ୍ଥା ସଂଖ୍ୟାଧିକ ଖଣି ହାତେଇବା ପାଇଁ ଲବିକୁ ଜୋରଦାର କରିଛି। ଏଥିପାଇଁ ଆବଶ୍ୟକ ଥିବା ରାଜନୈତିକ ଏବଂ ପ୍ରଶାସନିକ ଲବିକୁ ମଜବୁତ୍ କରିଛି। ଖଣି ହାତେଇବାକୁ ଚାହୁଁଥିବା ଏହି ସଂସ୍ଥା କେନ୍ଦ୍ର-ରାଜ୍ୟସ୍ତରରେ ଯେପରି କୌଣସି ପ୍ରଶାସନିକ ବାଧା ନ ଉପୁଜେ, ସେଥିପାଇଁ ସବୁ ଉଦ୍ୟମ କରିସାରିଥିବା ଆଲୋଚନା ହେଉଛି। ଅନ୍ୟ ଏକ କମ୍ପାନୀ ମଧ୍ୟ ଗ୍ରାଫାଇଟ୍ ଖଣିକୁ ହାତେଇବା ପାଇଁ ଚାହୁଁଛି। ଏଥିପାଇଁ ରାଜ୍ୟ ପ୍ରଶାସନିକସ୍ତରକୁ ଖୁସି କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଖଣିଜ ସମ୍ପଦରେ ସମୃଦ୍ଧ ଥିବା ଓଡ଼ିଶାରେ ଖଣି ଦୁର୍ନୀତିକୁ ନେଇ ଜାତୀୟସ୍ତରରେ ଚର୍ଚ୍ଚାର କାରଣ ହୋଇଛି। ଦୁଇବର୍ଷ ତଳେ ବେଆଇନ ଖଣି ଖନନ କାରଣରୁ ସ୍ଥାନୀୟ ଖଣି ମାଲିକଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ହୋଇଥିବା ଖଣି ଦୁର୍ନୀତି ପାଇଁ ଧାର୍ଯ୍ୟ ଜରିମାନା ପରିମାଣ ସମ୍ପୂର୍ଣ୍ଣ ଆଦାୟ ହୋଇ ନ ଥିବା ଜଣାପଡିଛି। ଯଦି ଗୁଜରାଟ, ତାମିଲନାଡୁର ଖଣି ମାଲିକମାନେ ଟେଣ୍ଡର ହାସଲରେ ସଫଳ ହୁଅନ୍ତି, ତେବେ ସେମାନେ ଯେ ବେଆଇନ ଖନନ ନ କରିବେ, ସେ କଥାର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ଯେ, ଖଣି କମ୍ପାନୀଗୁଡିକ ରାଜ୍ୟ ଏବଂ କେନ୍ଦ୍ର ପ୍ରଶାସନର ସହାୟତାରେ ସର୍ବୋଚ୍ଚ ମୁନାଫା ଅର୍ଜନ କରିବେ। ଏଥିସହିତ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦକୁ ଲୁଟ୍ କରିବେ। ପରେ ଅବଶ୍ୟ କିଛିଟା ହୋହାଲ୍ଲା ହେବାପରେ ତଦନ୍ତ ହେବ, ଜରିମାନା ଧାର୍ଯ୍ୟ ହେବ। ଖଣି ମାଲିକମାନେ ଆଇନର ଗଳାବାଟ ଦେଇ ଧାର୍ଯ୍ୟ ଜରିମାନା ହ୍ରାସ ମଧ୍ୟ କରିପାରନ୍ତି। ହେଲେ ସେତେବେଳକୁ ଓଡ଼ିଶାର ସମ୍ପଦ ଚୋରି ହୋଇଯାଇଥିବ। ଟେଣ୍ଡର ଆହ୍ୱାନ କରାଯାଇଥିବା ଏହି ୭ଟି ଖଣିରେ ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ୧୨୦ ମିଲିୟନ ଟନର ସମ୍ପଦ ରହିଥିବା ଜଣାପଡିଛି।

■ ବୌଦ୍ଧ ଜିଲାରେ ମରୁଡ଼ିର ପଦଧ୍ୱନି

# ଜିଲାରେ ୩୦ ପ୍ରତିଶତ କମ୍ ବର୍ଷା

**ବୌଦ୍ଧ, ୩୧।୭(ସ୍ୱ.ପ୍ର)**

ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ବୌଦ୍ଧ ଜିଲାରେ ବର୍ଷା ଅନୁପାତ ବହୁତ କମ୍ ଥିବାରୁ ଚାଷକାର୍ଯ୍ୟ ପଛରେ ପଡିଛି। ଫଳରେ ଜିଲାର ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଅଦ୍ୟାବଧି ଜିଲାରେ ୩୦ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଚାଷ ଜମିରେ ଧାନ ବୁଣା ହୋଇଛି। ବୌଦ୍ଧ ଜିଲାରେ ଜୁନ ମାସରେ ସାଧାରଣତଃ ୨୩୪ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୧୬୪ ମିମି ବର୍ଷା ହୋଇଛି। ଜୁନ ମାସରେ ବୌଦ୍ଧ ବ୍ଲକରେ ୧୭୧ ମିମି, ହରଭଙ୍ଗା ୧୭୧ ମିମି ଓ କନ୍ଧମାଳ ବ୍ଲକରେ ୧୫୧ ମିମି ବର୍ଷା ହୋଇଛି । ଜୁଲାଇ ମାସରେ ସାଧାରଣତଃ ୪୧୮ ମିଲିମିଟର ବର୍ଷା ହେବା କଥା। ମାତ୍ର ଜିଲାରେ ୨୯୪ ମିମି ବର୍ଷା ହୋଇଛି। ଜୁଲାଇ ମାସରେ ବୌଦ୍ଧ ବ୍ଲକରେ ୨୨୪ ମିମି, କନ୍ଧମାଳ ୪୧୦ ମିମି ଏବଂ ହରଭଙ୍ଗା ବ୍ଲକରେ ୨୪୮ ମିମି ବର୍ଷା ହୋଇଛି। ଜୁଲାଇ ଶେଷ ସୁଦ୍ଧା ବୌଦ୍ଧ ବ୍ଲକରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କନ୍ଧମାଳ ବ୍ଲକରେ ୧୪ ପ୍ରତିଶତ ଏବଂ ହରଭଙ୍ଗା ବ୍ଲକରେ ୩୬ ପ୍ରତିଶତ କମ୍ ବର୍ଷା ହୋଇଛି। ଚାଷୀମାନେ ବର୍ଷା ପାଣିକୁ ଆଦରି ଚାଷ କାମ କରିଥାନ୍ତି। କିନ୍ତୁ ଜିଲାରେ ପର୍ଯ୍ୟାପ୍ତ ପରିମାଣର ଜଳସେଚନର ସୁବିଧା ନ ଥିବା ଯୋଗୁ ଚାଷୀ ପ୍ରତିବର୍ଷ ମରୁଡିର ଶିକାର ହେଉଛନ୍ତି। ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ଜିଲାରେ ଚାଷ କାର୍ଯ୍ୟ ଠିକ ଭାବେ ଆରମ୍ଭ ହୋଇପାରିନାହିଁ। ତଳି ଗୁଡିକ ପାଣି ଅଭାବରୁ ମରିବାକୁ ବସିବାକୁ ଥିବା ବେଳେ ବୁଣା ଧାନ ବେଉଷଣ ନ ହୋଇ ନଷ୍ଟ ହେବାକୁ ବସିଲାଣି। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୫୯୧୨୦ ହେକ୍ଟରରେ ଧାନ ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ମାତ୍ର ୨୫୭୧୮ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଜିଲାରେ ଥିବା ଜଳସେଚନ ଡ୍ୟାମ ଓ କ୍ଷୁଦ୍ରଜଳସେଚନର ଚେକ ଡ୍ୟାମ ଗୁଡିକ ବର୍ଷା ହେଲେ ଯାଇ ପାଣି ଯୋଗାଇଥାଏ । ବର୍ଷା ନ ଥିବାରୁ ଚାଷୀ ଚିନ୍ତାରେ ପଡିବା ସହ ଋଣ କିପରି ଶୁଝିବ ସେ ନେଇ ଚିନ୍ତାରେ ପଡିଛି। ବର୍ତ୍ତମାନ ସମୟରେ ରୁଆ, ବିହୁଡା ପାଇଁ ଚାଷୀଙ୍କ ଫୁରସତ ମିଳିନି। କିନ୍ତୁ ବର୍ଷା ନ ଥିବାରୁ ଚାଷୀ ଘରେ ବସିଛି। ଜିଲା ପ୍ରଶାସନ ଆଗାମୀ ଦିନରେ ଜିଲାରେ ସ୍ଥାୟୀ ଜଳସେଚନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବୌଦ୍ଧ ଜିଲାର ଚାଷୀ ମରୁଡି ଦାଉରୁ ରକ୍ଷା ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ରେଳ ସମସ୍ୟାର ପ୍ରତିକାର ପାଇଁ ସଂଗ୍ରାମ ଜାରି ରହିବ


ସାଧାରଣ ସଭାରେ ଉପସ୍ଥିତ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ମିଳନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ଦେବତା ସଂଘ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ସୂଚନା ଦେବା ସହିତ ନୂତନ ସଦସ୍ୟଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କମଳ ଯୋଷୀ ୨୦୧୧ରୁ ଗଠିତ ହୋଇଥିବା ଏହି ସଂଘ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ଦେଇଥିଲେ। ସଂଘର କାର୍ଯ୍ୟକାଳ ସରିଯାଇ ଥିବାରୁ କମିଟି ଭଙ୍ଗ କରି ନୂତନ କର୍ମକର୍ତ୍ତା ମନୋନୟନ ପାଇଁ ଘୋଷଣା କରାଯାଇଥିଲା। ସଭାପତି ପଦରେ ପୁନଃ ଅବସ୍ଥାପିତ ହେବା ପରେ ପ୍ରଦୀପ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଦେବତା ଆଗାମୀ ଦିନରେ ଭୁବନେଶ୍ୱରକୁ ସକାଳ ଟ୍ରେନ ଏବଂ ଦିଲ୍ଲୀକୁ ବରଗଡ଼ ଦେଇ ଟ୍ରେନ ଚଳାଚଳ ପାଇଁ ଜୋରଦାର ସଂଗ୍ରାମ କରିବାକୁ ଆହ୍ୱାନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଲୋକସଭାରେ ବରଗଡ଼ରେ ରେଳସେବାର ଉନ୍ନତି ପାଇଁ ଦାବି ଜଣାଇଛନ୍ତି। ଫଳରେ ସେ ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ସହିତ ଅନ୍ୟାନ୍ୟ ରେଳ ସମସ୍ୟାର ପ୍ରତିକାର ପାଇଁ ସଂଘ ତାର ସଂଗ୍ରାମ ଜାରି ରଖିବ ବୋଲି ସଭାରେ ସୂଚନା ଦିଆଯାଇଥିଲା। ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଇନ୍ଦିରା ମହାନ୍ତି, ଯୁଗ୍ମ ସମ୍ପାଦକ କିଶୋର କୁମାର ରଥ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନିର୍ମଳ କର, ଲକି ମିରୱାନୀ, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଦୀପକ ରେଖାନୀ, ରାମକୃଷ୍ଣ ମେହେର, ସି.ଏମ ରାଓ, ଦିପ୍ତୀମୟୀ ମିଶ୍ର, ବିଷ୍ଣୁ ଧାନୁକା, ମହମ୍ମଦ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସମିତିରେ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ମହିଳା ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ପ୍ରୀତି ଗୁରୁଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ଗ୍ରୀସରେ ଅନୁଷ୍ଠିତ ଆନ୍ତର୍ଜାତୀୟ ହଷ୍ଟ ମୋଣ୍ଟେ ମିସେସ୍ ୱାର୍ଲ୍ଡୱାଇଡ୍-୨୦୧୯ର କୃତୀ ମହିଳା ବଲାଙ୍ଗୀରର ସୌମ୍ୟା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ସୌମ୍ୟା ତାଙ୍କ ଅନୁଭୂତି, ସଂଘର୍ଷ ଉପରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ରାଧାରାଣୀ ମିଶ୍ର, ବରିଷ୍ଠ ସଭ୍ୟା ଗୀତା ମିଶ୍ର ଓ ଅନ୍ୟ ସଭ୍ୟାବୃନ୍ଦ ଉପସ୍ଥିତ ଥିଲେ ।

## କଣ୍ଡପଲାରେ ଆତ୍ମନିଯୁକ୍ତି ତାଲିମ ଶିବିର

**ବରଗଡ଼ ଅଫିସ୍,୩୧।୭**


ଶିବିରରେ ଉପସ୍ଥିତ ଅଧିକାରୀ, ମହିଳାମାନେ ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କଣ୍ଡପଲା ଗ୍ରାମରେ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ତରଫରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡିଙ୍ଗର ଭୋସାଗରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ନୀଳକଣ୍ଠ ସା ତାଲିମ ପ୍ରଦାନ କରିଥିଲେ। ଶିବିରରେ ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯୋଗ ଦେବା ସହିତ ତାଲିମ ନେଇଥିଲେ। ସେହିପରି ଅମ୍ବାଭୋନା ବିଡ଼ିଓ, ବ୍ଲକ ଅଧ୍ୟକ୍ଷ, ଓଡ଼ିଶା ଜୀବିକା ମିଶନର ଡିପିଏମ, କଣ୍ଡପଲା ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ଓଡ଼ିଶା ସମବାୟ ନୀତିକୁ ଅନୁଧ୍ୟାନ କଲେ ପଞ୍ଜାବ ସରକାର

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଓଡ଼ିଶାର ପ୍ରାଥମିକ କୃଷି ସମବାୟ କ୍ଷେତ୍ରରେ କୋର ବ୍ୟାଙ୍କିଙ୍ଗ୍ ଜରିଆରେ ଋଣ ପ୍ରଦାନ ବ୍ୟବସ୍ଥାକୁ ପଞ୍ଜାବ ସରକାର ଅନୁଧ୍ୟାନ କରିଛନ୍ତି। ଏନେଇ ପଞ୍ଜାବ ସମବାୟ ମନ୍ତ୍ରୀ ସୁଖଜିନ୍ଦର ସିଂ ରନ୍ଧାୱାଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ଦଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ କୋଅପରେଟିଭ୍ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ୍ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଛନ୍ତି । ସମବାୟ ବ୍ୟାଙ୍କଗୁଡ଼ିକ ଡିଜିଟାଇଜେଶନ୍ ଏବଂ ଧାନ କିଣିବା ବାବଦ ଅର୍ଥ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ ସମ୍ପର୍କରେ ପଚାରି ବୁଝିଛନ୍ତି । ପଞ୍ଜାବ ପ୍ରତିନିଧି ଦଳ ଏହାକୁ ପଞ୍ଜାବ ସମବାୟ କ୍ଷେତ୍ରରେ ଲାଗୁ କରିବା ଦିଗରେ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି । ଗସ୍ତ କାଳରେ ପଞ୍ଜାବ ମନ୍ତ୍ରୀ ଏବଂ ତାଙ୍କ ପ୍ରତିନିଧି ଦଳ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଦର୍ଶନ ସହିତ ଶିଶୁପାଳଗଡ଼ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ବୁଲି ଦେଖିଛନ୍ତି ।

ଏହି ଅବସରରେ ସେମାନେ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ସାକ୍ଷାତ କରିଛନ୍ତି। ଏହାସହ ତାଙ୍କୁ ପଞ୍ଜାବ ଗସ୍ତ ପାଇଁ ନିମନ୍ତ୍ରଣ କରିଥିବା ଜଣାପଡିଛି। ଏହି ଅବସରରେ ଉକ୍ତ ପ୍ରତିନିଧି ଦଳ ବିଧାନସଭା ପ୍ରଶ୍ନୋତ୍ତର ସମୟରେ ବାଚସ୍ପତିଙ୍କ ଗ୍ୟାଲେରିରେ ଉପସ୍ଥିତ ଥିଲେ। ରାଜ୍ୟ ମନ୍ତ୍ରୀଙ୍କ ସହ ପଞ୍ଜାବ ପ୍ରତିନିଧି ଦଳ ଆଲୋଚନା ସମୟରେ ଦୁଇ ରାଜ୍ୟ ମଧ୍ୟରେ ସମବାୟ କ୍ଷେତ୍ରରେ ସହଯୋଗ ବୃଦ୍ଧିକୁ ନେଇ ଗୁରୁତ୍ୱାରୋପ କରାଯାଇଛି । ସମବାୟ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତଭାବେ ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେବା ଉପରେ ଆଲୋଚନା କରାଯାଇଛି। ଏହାଦ୍ୱାରା ସମବାୟ କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇବ ବୋଲି ଦୁଇମନ୍ତ୍ରୀ ଆଲୋଚନା କରିଛନ୍ତି।